
ଦରଶ-44

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ

ନବମ ପୁଷ୍ପ ❊ ପ୍ରଥମ ପାଖୁଡ଼ା ❊ ଚତୁଃଚତ୍ୱାରିଂଶତମ ସଂଖ୍ୟା ❊ ୪୪ ❊

ସଂପାଦକ : କେଶବ ଦାସ

ପ୍ରକାଶକ : ଶ୍ରୀ କେଶବ ଚନ୍ଦ୍ର ସାମଲ,
ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜିଃ କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❊ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ଏକବିଂଶ ମୁଦ୍ରାଞ୍ଜଳି ❊

❋ କେଶବାବ୍ଦ : ସପ୍ତପଞ୍ଚାଶତ୍ ❋ ଅଙ୍ଗଭେଟ ମାସ ❋ ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ନବମ ପୁଷ୍ପ ❋
ପ୍ରଥମ ପାଖୁଡ଼ା
ଚତୁଶ୍ଚତ୍ୱାରିଂଶତମ ସଂଖ୍ୟା(୪୪)

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ

❖ ବୈଦିକ ପ୍ରାର୍ଥନା ❖

ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

ପୁନଃ ମୁଦ୍ରଣ : ଦେବାଭିଷେକ ପୂର୍ଣ୍ଣିମା, ୨୦୧୪, କେଶବାବ୍ଦ-୫୯

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପାଦପଦ୍ମ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଯୁଗ ତତ୍ତ୍ୱ ମାଳିକା ଭଜନ | ୨ |
| ତତ୍ତ୍ୱ ମାଳିକା ଭଜନ | ୩ |
| ସିଂହଦ୍ୱାର ଭଜନ | ୪ |
| **ମୁଖଶାଳା** | |
| ସଂପାଦକୀୟ | ୫ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ | ୮ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୧୧ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୧୨ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୬ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୮ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୨୧ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୪ |
| ଜିଜ୍ଞାସା : ଜିଜ୍ଞାସୁ : | ୨୭ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୩୦ |
| କଲ୍ୟାଣ ଦେଲି ତୋତେ | ୩୩ |
| କେଶବ କୈବଲ୍ୟ କଣିକା | ୩୬ |
| **ନୀଳଚକ୍ର** | |
| ଚରମର ସଂକେତ | ୩୮ |
| ଆଶ୍ରମ ସନ୍ଦେଶ | ୪୫ |

## ପତ୍ରିକା ବ୍ୟବହାର ବିଧି


୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣସ୍ତମ୍ଭ



ହେ ବିଶ୍ୱଧାତା ଭୁବନେଶ୍ୱର ଭବ୍ୟମୂର୍ତ୍ତେ !
ହେ ସୁକାନ୍ତିକାନ୍ତସୁତ ! ପ୍ରଣତିଂ ଗୃହାଣ
ଆରୋଗ୍ୟମୁତ୍ତମ ସୁଖଂ
ସତତଂ ପ୍ରଦେହି ସର୍ବେ ଭବନ୍ତୁ ॥

## ମଙ୍ଗଳାଚରଣ

## ଶ୍ରୀପାଦପଦ୍ମ ବନ୍ଦନା

ନମସ୍ତେ ଶ୍ରୀପାଦପଦ୍ମ ଅନାଦି ଅନନ୍ତ ।
ତୁମ ଦରଶନେ ତୁମ ଦାସ ଭାଗ୍ୟବନ୍ତ ॥୧॥
ନମସ୍ତେ ଶ୍ରୀପାଦପଦ୍ମ ମହାଗୂଢ଼ ପାଦ ।
ସ୍ମରଣ ମାତ୍ରେ କଟଇ ସର୍ବ ପରମାଦ ॥୨॥
ନମସ୍ତେ ଶ୍ରୀପାଦପଦ୍ମ କଇବଲ୍ୟ ଥଳ ।
ଶ୍ରୀପାଦପଦ୍ମରେ ବିଭୁତି ଯେ ହୁଏ ଠୁଳ ॥୩॥

ନମସ୍ତେ ଶ୍ରୀପାଦପଦ୍ମ ଜ୍ଞାନର ସାଗର ।
ଦୟା କ୍ଷମା କୃପାଦିର ସକଳ ଆକର ॥୪॥
ନମସ୍ତେ ଶ୍ରୀପାଦପଦ୍ମ କଇବଲ୍ୟ ଦାତା ।
ସକଳ ଜୀବ ହରତା କରତା ବିଧାତା ॥୫॥
ନମସ୍ତେ ଶ୍ରୀପାଦପଦ୍ମ ଭକତିର ସିନ୍ଧୁ ।
ଭକ୍ତ ବାଞ୍ଛା କଳ୍ପତରୁ ଭକତର ବନ୍ଧୁ ॥୬॥

ନମସ୍ତେ ଶ୍ରୀପାଦପଦ୍ମ କରୁଣାସାଗର ।
ଦରଶନ ମାତ୍ରେ ପ୍ରଭୁ କଇଲାଣ କର ॥୭॥
ନମସ୍ତେ ଶ୍ରୀପାଦପଦ୍ମ ଅଗତିର ଗତି ।
ସ୍ପର୍ଶ ଦେଇ କର ପ୍ରଭୁ ସ୍ଥିର ମୋର ମତି ॥୮॥
ନମସ୍ତେ ଶ୍ରୀପାଦପଦ୍ମ ଅଜ୍ଞାନତା ନାଶି ।
କୃପାଳୁ ହେ କୃପାକରି ଦିଅ ଜ୍ଞାନ ରାଶି ॥୯॥

ନମସ୍ତେ ଶ୍ରୀପାଦପଦ୍ମ ଭକତ ଜୀବନ ।
ଭକତ ଉଦ୍ଧାର ପାଇଁ ମର୍ତ୍ତ୍ୟେ ଆଗମନ ॥୧୦॥
ନମସ୍ତେ ଶ୍ରୀପାଦପଦ୍ମ ଧ୍ୟାନଯୋଗ ସ୍ଥଳ ।
ଅଥଳ ଭବସାଗରେ ଏକମାତ୍ର ଥଳ ॥୧୧॥
ନମସ୍ତେ ଶ୍ରୀପାଦପଦ୍ମ ବିଭୁତି ଭୂଷଣ ।
ଧ୍ୟେୟ ରୂପେ ମନମୀନ କର ଆକର୍ଷଣ ॥୧୨॥

ନମସ୍ତେ ଶ୍ରୀପାଦପଦ୍ମ ଘେନି କୃତାଞ୍ଜଳି ।
କର୍ମଫଳ ଧୋଇ ଦିଅ ଶୁଭାଶିଷ ଢ଼ାଳି ॥୧୩॥
ନମସ୍ତେ ଶ୍ରୀପାଦପଦ୍ମ ଅନାଥର ନାଥ ।
ତୁମ ଶ୍ରୀପୀଠରେ ଲୋଟି ଯାଉ ମୋର ମାଥ ॥୧୪॥
ନମସ୍ତେ ଶ୍ରୀପାଦପଦ୍ମ ବିପଦ ଭଂଜନ ।
ନମସ୍ତେ ଶ୍ରୀ ନିରଞ୍ଜନ ନିତ୍ୟ ବୃନ୍ଦାବନ ॥୧୫॥

ନମସ୍ତେ ଶ୍ରୀପାଦପଦ୍ମ ସାକ୍ଷାତ ଈଶ୍ୱର ।
ନମସ୍ତେ ଶ୍ରୀପ୍ରଭୁପାଦ ଦେବ ପରାତ୍ପର ॥୧୬॥
ନମସ୍ତେ ଶ୍ରୀପାଦପଦ୍ମ ବ୍ରହ୍ମା ବିଷ୍ଣୁ ଶିବ ।
ନମସ୍ତେ ଶ୍ରୀଗୁରୁସ୍ୱାମୀ ଭକ୍ତ ବଇଭବ ॥୧୭॥
ନମସ୍ତେ ଶ୍ରୀପାଦପଦ୍ମ ପ୍ରଭୁ ଦେବ ଦେବ ।
ନମସ୍ତେ ଶରଣସ୍ଥଳ ଶରଣକୁ ନେବ ॥୧୮॥





## ❀❀❀ ଯୁଗତତ୍ତ୍ୱ ମାଳିକା ଭଜନ ❀❀❀

ଗୋପନେ ମନରେ ଭାବ ଅଛଇ ।
ଅଙ୍ଗ ଇଙ୍ଗିତରେ ଭାଷା ଛୁଟଇ ॥୧॥
ଅନ୍ତରଙ୍ଗ ଲୋଡୁଥାଇଟି ସଙ୍ଗ ।
ବହିରଙ୍ଗ ପ୍ରକାଶଇ ଅସଙ୍ଗ ॥୨॥
ମନକୋଣେ ସୃଷ୍ଟି ହୁଅଇ କ୍ରୋଧ ।
ଯେତେ ବୁଝାଇଲେ ନହୁଏ ବୋଧ ॥୩॥
ସୁଯୋଗ ସୁବିଧା ଖୋଜଇ ସଦା ।
କ୍ରୋଧେ ପାଚିଯାଏ ପାଇଲେ ବାଧା ॥୪॥
ସାମାନ୍ୟ ସୁଯୋଗ ପାଇଲେ କେବେ ।
ଗୋପନେ ଅଙ୍ଗକୁ ପରଶେ ତେବେ ॥୫॥
ସ୍ପର୍ଶ ସୁଖପାଇ ପୋଷଇ ଆଶା ।
ମୁଖେ ନ ଫୁଟଇ ଅନ୍ତର ଭାଷା ॥୬॥
କୋଷ କେନ୍ଦ୍ରେ ରଚେ ରତି ବାସନା ।
ମୁଖେ ଫୁଟେ ନାହିଁ ମନ କାମନା ॥୭॥
ବାହାରକୁ କହେ ସଦୁପଦେଶ ।
ମିଳନକକ୍ଷରେ ମନୋନିବେଶ ॥୮॥
ମାନସିକ ରୋଗ ଉପୁଜେ ତେଣୁ ।
ଶୁଣି ନ ପାରଇ ଅମିୟ ବେଣୁ ॥୯॥
କାମିନୀ ଖୋଜଇ ପୁରୁଷ ସଙ୍ଗ ।
ପୁରୁଷ ଲୋଡ଼ଇ କାମିନୀ ଅଙ୍ଗ ॥୧୦॥
ଛଳନାର ଅଭିନୟକୁ ରଚି ।
ଦୁଃଖ ଶୋକତାପେ ରହଇ ବଞ୍ଚି ॥୧୧॥

ବୃଥା ନୁହେଁ, ମିଥ୍ୟା ନୁହଇ, ସତ ।
ଆମ ଠାକୁରଙ୍କ ଏହାହିଁ ମତ ॥୧୨॥
ହୃଦଗତ ଅନ୍ତରଙ୍ଗ ବାସନା ।
ବୁଝିବାକୁ ହେବ ତାଙ୍କ କାମନା ॥୧୩॥
ତାଙ୍କୁ ସମର୍ପଣ କରି ଆଚର ।
ଯାହା ମନଖୋଜେ ତାହା ବିଚାର ॥୧୪॥
ଲାଗେ ନାହିଁ ଦୋଷ ହୁଏନା ପାପ ।
ପ୍ରଭୁ ଘେନିଯା'ନ୍ତି ସବୁ ତ୍ରିତାପ ॥୧୫॥
ଛଳନା ବିହୀନ ଜୀବନ ଏହା ।
ଏହା ମଧ୍ୟେ ମିଳେ ଚିନ୍ମୟ ରାହା ॥୧୬॥
ପ୍ରଭୁ ଭାବେ ହୋଇ ସଦା ତନ୍ମୟ ।
ମନୋଗତ କାମ କରି ଚିନ୍ମୟ ॥୧୭॥
ଠାକୁରେ ଲଭନ୍ତି ପରମ ଶାନ୍ତି ।
ସନ୍ତୋଷରୁ ପ୍ରାଣୀ ଲଭଇ କାନ୍ତି ॥୧୮॥
ଏହି ଦିବ୍ୟକାନ୍ତି ଅମିୟରସ ।
ସୃଷ୍ଟି ସ୍ଥିତି ଲୟ ମଧ୍ୟେ ଆବାସ ॥୧୯॥
ସରଳ ତରଳ ଦିବ୍ୟ ଜୀବନ ।
ଛଳନା ବିହୀନ ଜୀବ କାରଣ ॥୨୦॥
ଏମନ୍ତ ଆଚାରେ ନଥାଏ ପାପ ।
ବିପରୀତ କଲେ ସଂସ୍କାର ଛାପ ॥୨୧॥
କଳୁଷିତ ହୋଇ ପରଷେ ବିଷ ।
ଆସ୍ୱାଦି ନ ପାରେ ଦିବ୍ୟ ପିୟୂଷ ॥୨୨॥

# ତତ୍ତ୍ୱ ମାଳିକା ଭଜନ

ଛାଡ଼ି ମିଥ୍ୟାଚାର　　ସତ୍ୟକୁ ଆଚର
ପଚାର ନିଜକୁ ଥରେ ।
ଯାହା ଚିନ୍ତୁଅଛ　　ଯାହା କହୁଅଛ
କରୁଛକି ତାହା ବାରେ ।।୧।।
ମନ ଗହନରେ　　ଅତି ଗୋପନରେ
ଯେଉଁଚିତ୍ର ଆଙ୍କୁଅଛ ।
ତାହାକି ବଚନେ　　ପ୍ରକାଶ ତତ୍‌କ୍ଷଣେ
କରୁଛ ନ କହି ମିଛ ।।୨।।
ବଚନେ ଯେ କଥା　　ପ୍ରକାଶିଛି ଭାଷା
କରମେ ନ କରି ତାହା ।
ବିକଳ୍ପରୁ ପୁଣି　　ନିଜେ ଜାଣି ଶୁଣି
ମିଥ୍ୟାଚାର କର ଯାହା ।।୩।।
ଚିନ୍ତା ବାକ୍ୟ କର୍ମ　　ଏକାଧାରେ ଧର୍ମ
ଆଧାରଟି ଏହି ତନୁ ।
ଏ ତିନି ଏକତ୍ର　　ହେଲେ ଅଧିଷ୍ଠିତ
ବିକାର ତୁଟିବ ମନୁ ।।୪।।
ମନନ ବଚନ　　ତଭାବ କରଣ
ମଧ୍ୟେଛନ୍ତି ପ୍ରଭୁ ରହି ।
ପ୍ରତାରଣା କରି　　ଧାରା ଅନୁସରି
ନ ଲଭିବ କେବେ ବିହି ।।୫।।



# ଭଜନ

କପାଳେ ଯା ଲେଖାଅଛି ନୁହେଁ ଯେବେ ଆନ
କିମ୍ପାଇଁ ବୋଲାଅ ତୁମେ ମିଛେ ଭଗବାନ ..... (୦)

ଦୁଃଖି ଦୁଃଖ ହରିବାରୁ ନାମ ଦୁଃଖହାରୀ
ଶୁଣିଛକି ଦିନେ ଦୀନଜନର ଗୁହାରୀ
ମାୟାରେ ଭ୍ରମାଇ ଦିଅ ଅଶେଷ ଯାତନ ..... (୧)

ଶୁଣିଛି ତାରିଛ ତୁମେ ଅଶେଷ ଜୀବକୁ
ନ ଦେଖିଲି ଆଜିଯାଏ ତାରିବା ଜଣକୁ
ନୟନ ଦେଖିଲେ ସିନା ମାନିବ ମୋ ମନ ..... (୨)

କହିଛ ଦୃଢ଼େ ଭଜିଲେ ପାଇବଟି ମୋତେ
ଦୃଢ଼ତା କାହୁଁ ପାଇବି ଆଶ୍ରା ପଦାଗ୍ରତେ
ଲଲାଟ ଲିଖନ ପୋଛି ଦିଅ ଦରଶନ ..... (୩)

# ମୁଖଶାଳା

## ସଂପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!**

ସାଧନା ସମସ୍ତେ କରନ୍ତି, କରୁଅଛନ୍ତି । କିଏ ବ୍ରହ୍ମ ଦର୍ଶନ ପାଇଁ, କିଏ ଆତ୍ମ ଦର୍ଶନ ପାଇଁ, କିଏ ଗୁରୁମୂର୍ତ୍ତି ଦର୍ଶନ ପାଇଁ, କିଏ ଅଭିଷ୍ଟ ଦେବ/ଦେବୀଙ୍କ ଦର୍ଶନ ପାଇଁ, କିଏ ବ୍ରହ୍ମଜ୍ୟୋତିଃ ଦର୍ଶନ ପାଇଁ ତ କିଏ ନେତା ହେବାପାଇଁ କିଏ ମନ୍ତ୍ରୀ ହେବାପାଇଁ, କିଏ ପୁରସ୍କାର ଲାଭପାଇଁ ତ କିଏ ଖ୍ୟାତି/ଯଶ ଅର୍ଜନ ପାଇଁ । ଏହିପରି ବିଭିନ୍ନ ମାର୍ଗର ସାଧକ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ସାଧନା କରନ୍ତି । ସାଂସାରିକ ବା ଜାଗତିକ ପ୍ରାପ୍ତି ପାଇଁ ଯେଉଁସବୁ ସାଧନା ସାଧାରଣତଃ ସମସ୍ତେ କରୁଛନ୍ତି ବା କରନ୍ତି ତାହା ଆମ ଆଲୋଚନା ପରିସରକୁ ନ ଆଣି ଆଧ୍ୟାତ୍ମିକ/ପରମାର୍ଥ ପ୍ରାପ୍ତି ପାଇଁ ଯେଉଁ ସବୁ ଉଦ୍ଦେଶ୍ୟରେ ପ୍ରାୟ ପ୍ରତ୍ୟେକ ସାଧକ ସାଧନା କରନ୍ତି ତାହା ଆଲୋଚନା କଲେ, ଜଣାଯାଏ ଯେ, ମୁଖ୍ୟତଃ ଆତ୍ମଦର୍ଶନ, ଗୁରୁମୂର୍ତ୍ତି ଦର୍ଶନ, ଅଭୀଷ୍ଟ ଦେବ/ଦେବୀ ଦର୍ଶନ ଏବଂ ବ୍ରହ୍ମଜ୍ୟୋତିଃ ଦର୍ଶନ ଉଦ୍ଦେଶ୍ୟରେ ସାଧକମାନେ ସାଧନରତ ରହନ୍ତି । ସାଧକ ସାଧନା ମାର୍ଗରେ ନିରବଚ୍ଛିନ୍ନ ଭାବରେ ଗତିକରି ଚାଲିଲେ, ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ବାଧା ବନ୍ଧନ ଓ ପରୀକ୍ଷାର ସମ୍ମୁଖୀନ ହୋଇ ତାହା ଅତିକ୍ରମ କରି ଉତ୍ତୀର୍ଣ୍ଣ ହେଲେ ଯାଇ ଅନ୍ତିମ (ଚରମ) ପର୍ଯ୍ୟାୟରେ ସିଦ୍ଧି ଲାଭ କରନ୍ତି । 'ସିଦ୍ଧ ଶବ୍ଦରୁ ହିଁ ସିଦ୍ଧି' ଶବ୍ଦ ନିଷ୍ପନ୍ନ । ଏହାର ସରଳ ଅର୍ଥ ଶିଝିବା । ସାଧକ ସାଧନାରେ ଶିଝିଗଲେ, ଯେପରି ଶିଝିଯାଇଥିବା ବୀଜ ବା ମଂଜିରୁ ଅଙ୍କୁରୋଦ୍‌ଗମ (ଗଜା) ହୁଏ ନାହିଁ ସେହିପରି ସିଦ୍ଧ ସାଧକଙ୍କର କାମ, କ୍ରୋଧ, ଲୋଭ, ମୋହ, ମଦ, ଘୃଣା, ଈର୍ଷା, ହିଂସା, ପରଶ୍ରୀକାତରତା, ଅବିଶ୍ୱାସ, ସନ୍ଦେହାଦି ଆଦୌ ଗଜା ହୁଏ ନାହିଁ । ଏହି ପର୍ଯ୍ୟାୟରେ ସାଧକଙ୍କର ମନୋବାଞ୍ଛା ପୂର୍ଣ୍ଣହୁଏ ।।

ଯେଉଁମାନେ ଆତ୍ମଦର୍ଶନ ଉଦ୍ଦେଶ୍ୟରେ ସାଧନ କରନ୍ତି, ସିଦ୍ଧିଲାଭ ପର୍ଯ୍ୟାୟରେ ଉପନୀତ ହେଲେ, ସେମାନଙ୍କର ଆତ୍ମା ତାଙ୍କୁ ଦର୍ଶନ ଦାନକରନ୍ତି । ସେହିପରି ଯେଉଁମାନେ ଗୁରୁମୂର୍ତ୍ତି ଦର୍ଶନ ମାନସରେ ଗୁରୁରୂପ ଧ୍ୟାନ ସାଧନ କରନ୍ତି, ସେମାନେ ସିଦ୍ଧିଲାଭ ପର୍ଯ୍ୟାୟରେ ପହଞ୍ଚିବା ପରେ ଗୁରୁଙ୍କର ଭାସ୍ୱର ମୂର୍ତ୍ତି ଦର୍ଶନ କରିପାରନ୍ତି । ଯେଉଁ ସାଧକମାନେ ନିଜ ନିଜର ଇଷ୍ଟ ଦେବଦେବୀ (ବାଳମୁକୁନ୍ଦ, ରାଧାକୃଷ୍ଣ, ରାମସୀତା, ଶିବ, ଦୁର୍ଗା, ଗଣେଶ, ସରସ୍ୱତୀ ଇତ୍ୟାଦି)ଙ୍କ ରୂପଦର୍ଶନ କରିବା ଅଭିପ୍ରାୟରେ ସାଧନ କରୁଥାଆନ୍ତି, ସେମାନେ ସେମାନଙ୍କର ସିଦ୍ଧିଲାଭ ପର୍ଯ୍ୟାୟରେ ପହଞ୍ଚିଗଲେ, ଠାକୁରେ ସେମାନଙ୍କୁ ସେମାନଙ୍କର ନିଜ ନିଜର ଇଷ୍ଟ ଦେବ/ଦେବୀ ମୂର୍ତ୍ତିରେ ହିଁ ଦେଖାଦିଅନ୍ତି । ମାତ୍ର ଯେଉଁମାନେ ସର୍ବମୟ ବ୍ରହ୍ମଙ୍କର ଦର୍ଶନ ଇଚ୍ଛାରେ ସାଧନା କରନ୍ତି, ସେମାନେ ସିଦ୍ଧିଲାଭ ସୋପାନରେ ଉପନୀତ ହେଲେ, ଠାକୁରେ ବ୍ରହ୍ମଜ୍ୟୋତିଃ ରୂପରେ ତାଙ୍କୁ ଦର୍ଶନ ଦିଅନ୍ତି । ଯେଉଁସାଧକ ଯେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସାଧନା କରନ୍ତି, ତାଙ୍କର ସେହି ଉଦ୍ଦେଶ୍ୟ ପୂରଣ ହେଲେ ବା ଅଭୀଷ୍ଟ ସିଦ୍ଧ ହେଲେ, ସେ ତାହା ଅକ୍ଳେଶରେ/ଅନାୟାସରେ ବା ଅତି ସହଜରେ ବାରମ୍ବାର କରି ପାରିଲେ, ତାଙ୍କର ସିଦ୍ଧିଲାଭ ହେଲା ବୋଲି ଧରାଯାଏ ।।

ଜଗତରେ ଯେତେ ପ୍ରକାର ସାଧନା ରହିଥିବାର ଆମେ **ଜାଣୁଁ, ସେ ସବୁ** ମଧ୍ୟରେ ଗୁରୁମୂର୍ତ୍ତି ରୂପ ଧ୍ୟାନ ଓ ଗୁରୁସାଧନ ହିଁ ସବୁଠାରୁ ସହଜ ଅଥଚ ସର୍ବୋତ୍ତମ ଅଟେ **ବୋଲି ଆମର ବିଶ୍ୱାସ ।** ଗୁରୁମୂର୍ତ୍ତି ସାଧନାରେ ସାଧକ ସିଦ୍ଧିଲାଭ କଲେ, ସକଳ ସାଧନାରେ ସିଦ୍ଧିଲାଭ ହୋଇଥାଏ । **କାରଣ, ଗୁରୁଦତ୍ତ** ମନ୍ତ୍ର, ଅଭୀଷ୍ଟ ଦେବତା ଓ ପରଂବ୍ରହ୍ମ ସମସ୍ତେ ହିଁ ଗୁରୁଙ୍କ ମଧ୍ୟରେ ଅବସ୍ଥିତ ଥାଆନ୍ତି । ତେଣୁ **ଆମ ମତରେ** ଗୁରୁମୂର୍ତ୍ତି ସାଧନରେ ହିଁ ସକଳ ସାଧନ ସମ୍ଭବ ହୋଇ ସର୍ବ ସିଦ୍ଧି ମିଳିଥାଏ ।

ସାଧନାର ପଥରେ ସାଧକର ଚିତ୍ତଶୁଦ୍ଧି ଏକାନ୍ତ ଆବଶ୍ୟକ ଉପାଦାନ । ଗୁରୁଦତ୍ତ ମନ୍ତ୍ର ଜପ ସହିତ କାୟା ଶୁଦ୍ଧି ଓ ଚିତ୍ତଶୁଦ୍ଧି ପାଇଁ ସାଧକ ଉଦ୍ୟମ କରିବା ଏକାନ୍ତ ପ୍ରୟୋଜନ । ସନ୍ଦେହ, ଅବିଶ୍ୱାସ, ଘୃଣା, ଲଜ୍ଜା, କୁଣ୍ଠା, ଛଳ କପଟ, ମିଥ୍ୟା, ଅଭିନୟ, ଈର୍ଷା, ହିଂସା, କାମ, କ୍ରୋଧ, ଲୋଭ, ମୋହ, ଗର୍ବ ଇତ୍ୟାଦି ସାଧନା ପଥର କଣ୍ଟା । ସର୍ବ ପ୍ରଥମେ ଗୁରୁଙ୍କ ଉପରେ ଅଟଳ ବିଶ୍ୱାସକୁ ଅଟଳ ରଖିବା କର୍ତ୍ତବ୍ୟ । ତତ୍ପରେ ଗୁରୁଦତ୍ତ ମନ୍ତ୍ର ଓ ତତ୍ପରେ ଗୁରୁଙ୍କ ବାଣୀ ଉପରେ ଅଟଳ ବିଶ୍ୱାସ ସ୍ଥାପନ କରିବାକୁ ହେବ । ଗୁରୁ ନର ଦେହରେ ନାରାୟଣ । ତେଣୁ ଗୁରୁଙ୍କୁ ସାଧାରଣ ମନୁଷ୍ୟ ବୋଲି କସ୍ମିନ୍‌କାଳେ ଚିନ୍ତା ସୁଦ୍ଧା କରିବା ଅନୁଚିତ । ଏହାଦ୍ୱାରା ବିଶ୍ୱାସ ଟଳିଯାଏ । ସାଧନାରେ ଏହା ଭୟଙ୍କର ବାଧା ଉପୁଜାଇ ଥାଏ । ଗୁରୁ କେବଳ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ନୁହନ୍ତି, ସେ ସ୍ୱୟଂ ପୂର୍ଣ୍ଣ ପରଂବ୍ରହ୍ମ । ଗୁରୁଙ୍କର ସ୍ଥୂଳ ନର ତନୁ କ୍ଷୟଶୀଳ, କ୍ଷୟପ୍ରାପ୍ତ ହୁଏ, ହେବ ହିଁ, ମାତ୍ର ତାଙ୍କର ଭାସ୍ୱର ମୂର୍ତ୍ତି ଅକ୍ଷୟ, ତାଙ୍କର ଶକ୍ତି ଅବ୍ୟୟ, ସେ ଅବିନଶ୍ୱର, ଚିରନ୍ତନ, ସନାତନ ଓ ନିତ୍ୟନୂତନ । ଏହା ସାଧକର ଅନ୍ତଃକରଣରେ ଦୃଢ଼ମୂଳ ନହେଲେ, ଗୁରୁଦତ୍ତ ମନ୍ତ୍ର ମାଧ୍ୟମରେ ଗୁରୁମୂର୍ତ୍ତି ସାଧନ ରୂପକ ଅଭୀଷ୍ଟ ସିଦ୍ଧି ସାଧକ ପକ୍ଷରେ ଜନ୍ମଜନ୍ମାନ୍ତର ପାଇଁ ସର୍ବାଦୌ ଅସମ୍ଭବ ।

ମନ ସାଧନାପଥରେ ନାନାବାଧା ସୃଷ୍ଟି କରିଥାଏ । ତେଣୁ ସାଧନାର ପ୍ରାଥମିକ ସ୍ତରରେ ମନକୁ ସଂଯତ ଓ ଏକାଗ୍ର କରିବାର ଅଭ୍ୟାସଯୋଗ ସାଧକକୁ ଅବଶ୍ୟ କରିବାକୁ ହୁଏ । **ଏଥିପାଇଁ ଖାଦ୍ୟ, ପାନୀୟ,** ବିଶ୍ରାମ, ନିଦ୍ରା, ବାକ୍ୟ, କର୍ମ ଇତ୍ୟାଦିରେ ମାପ ଯୋଖ ରଖିବା ଆବଶ୍ୟକ । ମନମୁଖୀ ନ ହୋଇ ଏକମୁଖୀ ବା ଗୁରୁମୁଖୀ ହୋଇ ସାଧନ କଲେ, ସାଧକ ଶୀଘ୍ର ଗୋଟିଏ ପରେ ଗୋଟିଏ ପର୍ଯ୍ୟାୟ ସହଜରେ ଅତିକ୍ରମ କରି ସିଦ୍ଧି ଲାଭର ସୋପାନ ଶ୍ରେଣୀ ଆରୋହଣ କରି ଚାଲିଥାଏ । ମନର ଏକାଗ୍ରତାରେ ସିଦ୍ଧିପରେ ଦେହରୁ ତଡ଼ିଦ୍‌ମନଃ ବିଚ୍ଛିନ୍ନ ହୋଇ ଶକ୍ତି ସହିତ ସଂଯୁକ୍ତ ହୋଇଯାଏ । ଏହି ସଂଯୋଗ କ୍ରମେ ଗାଢ଼ ଓ ନିବିଡ଼ ହୋଇଗଲେ, ସାଧକର ଆଜ୍ଞାଚକ୍ରରୁ ତଡ଼ିଦ୍ ଶକ୍ତି ଦିବ୍ୟ ଆଲୋକ ଜ୍ୟୋତିଃ ଧରି ନିର୍ଗତ ଓ ବିଚ୍ଛୁରିତ ହୁଏ । କେହି କେହି ସାଧକ ଏହି ପର୍ଯ୍ୟାୟରେ ସେହି ଜ୍ୟୋତିଃ ସହ୍ୟ କରି ନ ପାରି ଅଜ୍ଞାନ ହୋଇପଡ଼ନ୍ତି । ସେହି ଜ୍ୟୋତିଃ ହଜାର ହଜାର ବିଦ୍ୟୁତ୍ ଜ୍ୟୋତିଃ ଅପେକ୍ଷା ମଧ୍ୟ ଅଧିକ ତୀବ୍ର । ଏହି ପର୍ଯ୍ୟାୟରେ ସାଧକର ତୃତୀୟ ନେତ୍ର ଓ ବା ଜ୍ଞାନ ଚକ୍ଷୁର ଉନ୍ମୀଳନ ହୁଏ । ଏହି ପର୍ଯ୍ୟାୟରେ କେତେକ ସାଧକ ଭୁଲବୁଝି ବସନ୍ତି । କେହି କେହି ବ୍ରହ୍ମଜ୍ୟୋତିଃ ଦର୍ଶନ ହୋଇଗଲା ବୋଲି ମନେ କରନ୍ତି, କେହି କେହି ସିଦ୍ଧିଲାଭ ହୋଇଗଲା ବୋଲି ବିଚାରି ବସନ୍ତି । ମାତ୍ର ଏହା ସାଧକ ଶରୀରର ଏକତ୍ରିତ ହୋଇଥିବା ବିଦ୍ୟୁତ୍ ତରଙ୍ଗ ବ୍ୟତୀତ ଅନ୍ୟ କିଛି ହିଁ ନୁହେଁ । ଏହା ସିଦ୍ଧିଲାଭ ପର୍ଯ୍ୟାୟ ନୁହେଁ । ଏହା ପରେ ସାଧକଙ୍କୁ ସାଧନ ମାର୍ଗରେ ଆହୁରି ବହୁଦୂର ପର୍ଯ୍ୟନ୍ତ ଗତି କରିବାକୁ ହୋଇଥାଏ ।

ଜପକରିବା ସମୟରେ ନିବିଷ୍ଟ ମନରେ ଏକାଗ୍ରତାର ସହିତ ଜପସହିତ ଗୁରୁମୂର୍ତ୍ତି ଧ୍ୟାନରେ ରଖିବା ଉଚିତ । ଏହିପରି ଜପ ଧ୍ୟାନ କରୁକରୁ କ୍ରମେ ତାହା ତୁମ ଅଜ୍ଞାତସାରରେ ତୁମ ମନରେ ଦୃଢ଼ମୂଳ ହୋଇ ରହିଯିବ । ଆପଣାଛାଏଁ ମାନସରେ ଜପ ଚାଲିଥିବ । ଶେଷ ପର୍ଯ୍ୟାୟରେ ତୁମର ଶ୍ୱାସ ପ୍ରଶ୍ୱାସର ତାଳେତାଳେ ମନ୍ତ୍ର ଜପ ଚାଲିବ । ସେହି ପର୍ଯ୍ୟାୟରେ ତୁମେ ତୁମ କାନରେ ଦ୍ୱାଦଶ ଶବ୍ଦ ଶୁଣିପାରିବ । ଏଇଠୁ ବୁଝ କୁଣ୍ଡଳିନୀ ଜାଗ୍ରତ ହେବାର ସଙ୍କେତ ମିଳେ । ଏହି ଶକ୍ତି ଜାଗ୍ରତ ହେଲେ, ସିଦ୍ଧିଲାଭର ପଥ ଉନ୍ମୁକ୍ତ ହୋଇଯାଏ । ମାତ୍ର ସିଦ୍ଧିଲାଭ ପଥରେ ବହୁ କଷ୍ଟ ରହିଛି । ଆଳସ୍ୟ, ନିଦ୍ରା, ତନ୍ଦ୍ରା, ଇନ୍ଦ୍ରିୟ ଚାଞ୍ଚଲ୍ୟ, ବିଷୟାନୁରାଗ, ଅସିଦ୍ଧାଚାର, ଅସତ୍ୟ, ଛଳନା ଆଦି ଆସି ପାଦେପାଦେ ବିଘ୍ନ ସୃଷ୍ଟି କରି ବାଧାଦିଅନ୍ତି । ତଥାପି ସଂକଳ୍ପ ଦୃଢ଼ ହେଲେ, ସିଦ୍ଧି ଲାଭ ହେବ ହିଁ ହେବ ।

ସଙ୍ଗୀତ, ସାଧନାର ଏକ ଅଙ୍ଗ । ଜପ ତପ ଧ୍ୟାନ ସହିତ ସ୍ତୋତ୍ର, ବନ୍ଦନା, ଅଷ୍ଟକ, ପ୍ରାର୍ଥନା, ଭଜନ ଓ ଜଣାଣ ଆଦି ସୁଲଳିତ ମଧୁର ସ୍ୱରରେ ତାଳମାନ ଲୟ ସ୍ଥିର କରି ବୋଲିବା ପ୍ରତ୍ୟେକ ସାଧକଙ୍କ ପାଇଁ ଏକାନ୍ତ ଆବଶ୍ୟକ । ଏହା ଶବ୍ଦ ବ୍ରହ୍ମ ଅନ୍ତର୍ଗତ । ସଙ୍ଗୀତ ଦ୍ୱାରା ମନ ପ୍ରାଣ ହୃଦୟ ଭଗବଦ୍ ପ୍ରେମ ଓ ଭକ୍ତି ଭାବରେ ପୂର୍ଣ୍ଣ ହୁଏ । ଏହା ଦ୍ୱାରା ମନ କୋମଳ ହୁଏ । ସାଧନାରେ ସିଦ୍ଧିଲାଭ ନିମନ୍ତେ ଅଭିମାନ, ଅହଂକାର, ଲଜ୍ଜା, ଭୟ, ଚୁଣ୍ଟା, ଘୃଣା ଇତ୍ୟାଦି ସବୁ ସର୍ବାଗ୍ରେ ସର୍ବାଦୌ ପରିତ୍ୟାଗ କରି ସରଳ ସହଜ ହୋଇ ସାଧନା ପଥରେ ଅବିଚଳିତ ଭାବରେ ଆଗେଇ ଗଲେ, ସ୍ୱୟଂ ଠାକୁରେ ସହଯୋଗ କରି ସହାୟ ହୁଅନ୍ତି, ହେଉଛନ୍ତି । ସିଦ୍ଧିଲାଭ ହେଲେ, ଏପରି ଅମୂଲ୍ୟଧନ ପ୍ରାପ୍ତ ହେବ, ଯାହା କଳ୍ପନାରେ ସୁଦ୍ଧା ବିଶ୍ୱାସ କରି ହୁଏ ନାହିଁ । ଏହା ବାସ୍ତବ ଅନୁଭୂତି ସାପେକ୍ଷ ।



କିମଧିକମ୍ !

ଶ୍ରୀକେଶବ ସମର୍ପଣମସ୍ତୁ !!

ଓମିତି ନମସ୍କାରାନ୍ତେ-

ବିନୀତ,

କେଶବ ଦାସ ।।

ସଂପାଦକ, 'ଚରମ' ।।

# 'ଚରମ' ର ଚିନ୍ତନ : ଏ ପାଖୁଡ଼ାରେ

## ଏକାଗ୍ରତା ସାଧନ

ଯେ କୌଣସି ସାଧନା କରନା କାହିଁକି, ସର୍ବ ପ୍ରଥମେ ଏକାଗ୍ରତା ନିତାନ୍ତ ଆବଶ୍ୟକ । ମନ ଏକାଗ୍ର ନ ହୋଇ ଅନେକାଗ୍ର ହେଲେ,କୌଣସି ସାଧନାରେ ସଫଳ ହେବା ସଂପୂର୍ଣ୍ଣ ଅସମ୍ଭବ । ଚିତ୍ତବିକ୍ଷେପ (ଅନେକ ବିଷୟରେ ମନ ବୁଣିଦେବା ବା ବିଛାଡ଼ି ଦେବା) ଯେ କୌଣସି ସାଧନାର ପ୍ରଥମ ଅନ୍ତରାୟ । ଲକ୍ଷ୍ୟ କରି ଦେଖିବ-ଆମ୍ଭ ଚିନ୍ତନରେ ନିବିଷ୍ଟ ଥିବାବେଳେ ଚିତ୍ତବିକ୍ଷେପ ହେଲେ, ମନ ଗୋଟିଏ ଦିଗରେ ଗତି ନ କରି ଅନେକ ଦିଗରେ ଭାସିଯାଏ । ଏହାଦ୍ୱାରା ଆମ୍ଭ ଚିନ୍ତନ ପ୍ରଗାଢ଼ ହୁଏନାହିଁ, ଫଳତଃ ସତ୍ୟ ସନ୍ନିଧାନରେ ପହଞ୍ଚିପାରେ ନାହିଁ । ସତ୍‌ସଙ୍ଗ ବାଧାପ୍ରାପ୍ତ ହୁଏ । ଯେଉଁ ସୁଚିନ୍ତାର ଉନ୍ମେଷ ଘଟିଥାଏ, ତାହା ପଲକ ମାତ୍ରେ କୁଆଡ଼େ ଉଭେଇଯାଏ । ସେ ସ୍ଥାନରେ ନାନାଦି କୁଚିନ୍ତା ଓ ଦୁଶ୍ଚିନ୍ତା ଆସି ଘୋଟିଯାଏ । ଏପରି ଅବସ୍ଥା ତୁମ ଆମ ସମସ୍ତଙ୍କ ଜୀବନରେ ଅନେକ ସମୟରେ ଅନେକବାର ଘଟେ । ମନେକର, ତୁମେ ସତ୍‌ସଙ୍ଗରେ ବସି ପ୍ରବଚନ ଶୁଣୁଛ, ଭଜନ ଜଣାଣ ଶୁଣୁଛ, ଏପରି ସମୟରେ ବାଇଗଣ ବାଡ଼ିରେ ପାଣି ମଡ଼ାଇବା କଥା ମନେପଡ଼ିଗଲା କି ଝିଅ ବାହାଘର କଥା ମନେ ପଡ଼ିଲା, ସତ୍‌ସଙ୍ଗର ପରିବେଶ ପବନରେ କୁଆଡ଼େ ଉଭେଇଗଲା । ଦେହଇଚ୍ଛା ଦେହଟି ମାତ୍ର ସତ୍‌ସଙ୍ଗରେ ବସି ରହିଲା, ମାତ୍ର ମନ ଯାଇ ବାଇଗଣ ବାଡ଼ିରେ, ନ ହେଲେ ଝିଅ ପାଖରେ ପହଞ୍ଚିଯାଇ ବିଷୟ ଭାବନାରେ ମଜ୍ଜିଗଲା । ଏପରି ଚିତ୍ତଚାଞ୍ଚଲ୍ୟ ପ୍ରାୟ ସମସ୍ତଙ୍କର ହୁଏ, ଏହା ହେବା ମଧ୍ୟ ସ୍ୱାଭାବିକ । ଜପ ଧ୍ୟାନ ଆରମ୍ଭ କରିବା ମାତ୍ରେ ବୀଜମନ୍ତ୍ର ଜପଚାଲିଛି, ଲୟଧେୟ ରହିଛି, ମାତ୍ର ମନ ଯାଇ ତେଣେ ତା' କାରସାଦିରେ ବ୍ୟସ୍ତ ରହିଛି । ସତ୍‌ସଂଗରେ ବସି ଏଣେ ମହାମନ୍ତ୍ର ସଂକୀର୍ତ୍ତନ ହେଉଛି, ଖୋଳ କରତାଳ ସଙ୍ଗେ 'ହରେକୃଷ୍ଣ ହରେରାମ' ତୁଣ୍ଡ ବୋଲି ଚାଲିଛି, ଦୁଇହାତ କରତାଳି ବାଡ଼ଉଛନ୍ତି, ଦେହମୁଣ୍ଡ ତାଳେ ତାଳେ ଦୋହଲୁଛି, ମନ ଯାଇ ତେଣେ ତା' ଖୋରାକ ଯୋଗାଡ଼ିବାରେ ଲାଗିପଡ଼ିଛି । ଏପରି ଚିତ୍ତ ବିକ୍ଷେପ ସାଧନା ପଥରେ ସାଧକଙ୍କୁ ପାଦେ ମାତ୍ର ଆଗେଇ ନେଇପାରେ ନାହିଁ ।

କୁସଂସର୍ଗ ଭକ୍ତିସାଧନ ପଥର ସବୁଠାରୁ ବେଶି କ୍ଷତିକାରକ କଣ୍ଟା । ତେଣୁ କୁସଙ୍ଗ ସର୍ବଦା ଓ ସର୍ବଥା ପରିତ୍ୟଜ୍ୟ । ଏହାଠାରୁ ବଡ଼ ସର୍ବନାଶକାରୀ ଶତ୍ରୁ ଆଉ କିଛି ନାହିଁ । ଏହା ଦ୍ୱାରା କାମ, କ୍ରୋଧ, ଲୋଭ, ମୋହ, ସ୍ମୃତିଭ୍ରଂଶ, ବୁଦ୍ଧିନାଶ ଇତ୍ୟାଦି ପ୍ରାପ୍ତହୁଏ । ଫଳରେ ଚିତ୍ତ ଅଜ୍ଞାନ ଅନ୍ଧକାରାବୃତ ହୋଇପଡ଼େ । ଏହା ଗର୍ବ, ଅହଂକାର, ବିଳାସବ୍ୟସନ, ଆସକ୍ତି, ମାତ୍ସର୍ଯ୍ୟ, ଉଚ୍ଛୃଙ୍ଖଳତା, ସାଂସାରିକ ବିଷୟ ଦୁଶ୍ଚିନ୍ତା, ହିସାବୀବୁଦ୍ଧି, ବହ୍ୱାଳାପ ପ୍ରବୃତ୍ତି (ସବୁବେଳେ ଅନେକ କଥା କହିବା ଅଭ୍ୟାସ), କୁତର୍କେଚ୍ଛା (ଅସରଳ ବା କୁଟିଳ ସ୍ୱଭାବର ତର୍କ କରିବାର ପ୍ରବୃତ୍ତି), ଧର୍ମାଡ଼ମ୍ବର, ଲୋକଭୟ ଇତ୍ୟାଦି ଉପୁଜାଇ ମାନସିକ ଏକାଗ୍ରତାକୁ ସମୂଳେ ବିନାଶ କରେ । ତେଣୁ ସାଧନ ଆରମ୍ଭ ପୂର୍ବରୁ ସାଧକ ପ୍ରାଥମିକ ସ୍ତରରେ ମାନସିକ ସ୍ଥିରତା ଓ ଏକାଗ୍ରତା ନିମନ୍ତେ ଉପଚାର ଓ ଅଭ୍ୟାସଯୋଗ ନିୟମିତ ନିରଳସ ଭାବରେ ବିଧିବଦ୍ଧ ଭାବରେ କରିବା ଏକାନ୍ତ ବାଞ୍ଛନୀୟ । ('ଚରମ'ରେ ପୂର୍ବରୁ ମନ ଓ ମନ ସଂଯମ ସଂପର୍କରେ ଧାରାବାହିକ ଭାବରେ ଆଲୋଚନା ପ୍ରକାଶ ପାଇଛି । ସହୃଦୟ ପାଠକ/ପାଠିକା, ଗ୍ରାହକ/ଗ୍ରାହିକା, ସାଧକ, ସାଧିକା ଭାଇ ଭଉଣୀମାନଙ୍କୁ ଅନୁରୋଧ-ସେମାନେ 'ଚରମ'ର ପୂର୍ବ ସଂଖ୍ୟାମାନ ସଂଗ୍ରହ କରି ସେଗୁଡ଼ିକ ଧାରାବାହିକ ଭାବରେ ପଠନ, ମନନ କଲେ, ମନ ସଂଯମ କରିବାର ସହଜ ସରଳ ପଥ ଖୋଜିପାଇ ପାରିବେ ।)

ଭକ୍ତି ସାଧନ ପାଇଁ ଯେଉଁ ସବୁ ଉପାୟ ରହିଛି ଯଥା ସତ୍‌ସଙ୍ଗ, ସଦ୍‌ଗ୍ରନ୍ଥପଠନ, ସଦ୍ ଆଲୋଚନା, ବାଚିକ ଓ ମାନସିକ ନୀରବତା ରକ୍ଷା, ଶାରୀରିକ ସ୍ଥିରତା ରକ୍ଷା, ଧ୍ୟାନ, ଜପ, ଲୟ, ଧ୍ୟେୟ, ଆସନ, ମୁଦ୍ରା, ଯୋଗ, କୀର୍ତ୍ତନ, ଭଜନ, ଜଣାଣ, ପ୍ରଭୁଙ୍କର ବିଗ୍ରହ ଦର୍ଶନ, ମାନସ ଜପ ସହିତ ଗୁରୁମୂର୍ତ୍ତି ଧ୍ୟାନ, ପ୍ରଭୁଙ୍କର ବାକ୍ୟ ପାଳନ ଇତ୍ୟାଦି ଦୃଢ଼ ଭାବରେ ଅଭ୍ୟାସ କରି ଚାଲିଲେ, ଚିତ୍ତ ବିକ୍ଷେପ ବା ଚିତ୍ତ ଚାଞ୍ଚଲ୍ୟ କ୍ରମଶଃ କମି କମି ଯିବ । ଚିତ୍ତ ବିକ୍ଷେପ ଦୂର କରିବା ପାଇଁ କେତୋଟି ପ୍ରଧାନ ଉପାୟ ଏଠାରେ ସଂକ୍ଷେପରେ ଆଲୋଚନା କରିବା ।

ସ୍ୱଇଚ୍ଛାରେ ଯେକୌଣସି ଗୋଟିଏ ତତ୍ତ୍ୱ ଅଭ୍ୟାସ କରିବା ପାଇଁ ଚେଷ୍ଟା ଚଳାଇ ରଖିଲେ, ଚିତ୍ତ ବିକ୍ଷେପ ଦୂର ହୋଇଯିବ । କୌଣସି ଗୋଟିଏ ଭଲ ବିଷୟ ନିର୍ବାଚନ କରି ପ୍ରତିଦିନ ସେହି ବିଷୟରେ ବାରମ୍ବାର ଚିନ୍ତା କଲେ, ସେଥିରେ ମନ ଲାଗିଯିବ । ଏହା ଅଭ୍ୟାସରେ ପଡ଼ିଗଲେ, ଚିତ୍ତଚାଞ୍ଚଲ୍ୟ ଦୂରହୋଇ ଏକାଗ୍ରତା ଜନ୍ମନେବ ।

ସୁଖୀ ପ୍ରତି ଈର୍ଷା ପରାୟଣ ନ ହୋଇ ସହୃଦୟ ହେଲେ, ଦୁଃଖୀ ପ୍ରତି ଉଦାସୀନ ନ ହୋଇ ଦୟା (ଉପକାର) କଲେ, ପୁଣ୍ୟବାନ୍ ପ୍ରତି ବିଦ୍ୱେଷ ନ କରି ତାଙ୍କ କର୍ମଧାରାକୁ ଅନୁମୋଦନ କଲେ, ପାପୀଙ୍କୁ ଅନୁମୋଦନ ନ କରି ବା ବିଦ୍ୱେଷ ନ କରି ଉପେକ୍ଷା କଲେ, ଚିତ୍ତ ପ୍ରଫୁଲ୍ଲ ରହେ । ପ୍ରଫୁଲ୍ଲ ଚିତ୍ତରେ ବିକ୍ଷେପ ବା ଚାଞ୍ଚଲ୍ୟ ସାଧାରଣତଃ ରହିପାରେ ନାହିଁ । କ୍ରୋଧ, ଦ୍ୱେଷ, ଲୋଭ, ମୋହ, କାମାଦି ଦ୍ୱାରା ମନରେ ବିକ୍ଷେପ ଜାତ ହୋଇ ଏକାଗ୍ରତା ନଷ୍ଟ କରେ । ତେଣୁ ଏସବୁ ଉପଚାରଠାରୁ କ୍ରମଶଃ ଦୂରେଇ ରହିବା ଅଭ୍ୟାସ କରିବା ଏକାନ୍ତ ଆବଶ୍ୟକ । ମୈତ୍ରୀ, ଭ୍ରାତୃତ୍ୱ, ଦୟା, କ୍ଷମା, ପ୍ରେମ, କରୁଣା ପରି ଦିବ୍ୟଗୁଣ ମନ ହୃଦୟରେ ରୋପଣ କରିବାର ଅଭ୍ୟାସ ଅବ୍ୟାହତ ରଖିଲେ, ପୂର୍ବୋକ୍ତ ଆସୁରୀ ଗୁଣ ହୃଦୟରେ ରହିପାରିବେ ନାହିଁ । ଫଳତଃ ମାନସିକ ଶାନ୍ତି ଲାଭ ହେବ । ମନରେ ପ୍ରସନ୍ନତାର ଉଦୟ ହେଲେ ଚିତ୍ତ ଚାଞ୍ଚଲ୍ୟ ଦୂର ହୋଇଯାଇ ଏକାଗ୍ରତା ଆସିଯିବ ।

ଏକାଗ୍ରତା ଆଣିବାପାଇଁ ପ୍ରାଣାୟାମ ସାଧନ ଗୋଟିଏ ପ୍ରଧାନ ଉପାୟ । ଶରୀରର ଇନ୍ଦ୍ରିୟଗଣ ମାନସିକ ବୃତ୍ତି (ମନୋବୃତ୍ତି) ଉପରେ ନିର୍ଭରଶୀଳ । ବିଷୟ ଓ ଇନ୍ଦ୍ରିୟ ଏକତ୍ର ହେଲେ ମଧ୍ୟ ମନର ସହଯୋଗ ବିନା ଇନ୍ଦ୍ରିୟ ବିଷୟ ଭୋଗ କରିବାକୁ ସଂପୂର୍ଣ୍ଣ ସମର୍ଥ ହୋଇପାରେ ନାହିଁ । ପ୍ରାଣ (ଶ୍ୱାସ ପ୍ରଶ୍ୱାସ) ଓ ଇନ୍ଦ୍ରିୟ ବୃତ୍ତି ପରସ୍ପର ସୂକ୍ଷ୍ମତଃ ସଂପୃକ୍ତ । ସୁତରାଂ ପ୍ରାଣବାୟୁକୁ ନିୟନ୍ତ୍ରଣ କରି ଇନ୍ଦ୍ରିୟବୃତ୍ତି ସକଳକୁ ନିରୋଧ କରିବା ଦ୍ୱାରା ଚିତ୍ତ ଚାଞ୍ଚଲ୍ୟ କ୍ରମଶଃ ଦୂରହୋଇ ମନରେ ଏକାଗ୍ରତା ଜାତ ହୁଏ । ପ୍ରାଣାୟାମ ସାଧନ ଅଷ୍ଟାଙ୍ଗ ଯୋଗର ଗୋଟିଏ ଅଙ୍ଗ । ଧର୍ମଧାରା ମାଧ୍ୟମରେ ଏହି କଷ୍ଟ ସାଧ୍ୟ ସାଧନା ସହଜରେ ସାଧନ ହୋଇଯାଏ । ସେଥିପାଇଁ ଧର୍ମଧାରା ଗ୍ରହଣ ପରେ ସନ୍ଦେଶ ପଥ ଅନୁସରଣରେ ନିତ୍ୟ କର୍ମଯୋଗ (ସାଷ୍ଟାଙ୍ଗ ପ୍ରଣାମ, ଗୁରୁବନ୍ଦନା, ପ୍ରାର୍ଥନା, ଧ୍ୟାନ, ଜପ, ମହାମନ୍ତ୍ର ସଂକୀର୍ତ୍ତନ, ଶାସ୍ତ୍ର/ଧର୍ମଗ୍ରନ୍ଥ ପଠନ ଓ ମନନ, ଚିନ୍ତନ, ଅର୍ଘ୍ୟଦାନ ଇତ୍ୟାଦି) ଅଭ୍ୟାସ କରିବା ଏକାନ୍ତ ଆବଶ୍ୟକ । ନିଷ୍ଠା ଓ ବିଶ୍ୱାସର ସହିତ ଧାରା କରୁଁ କରୁଁ କ୍ରମଶଃ ମନର ଏକାଗ୍ରତା ଆସିଯାଏ ।

ନାସାଗ୍ରରେ ଲୟ ସ୍ଥିର କରି ଧ୍ୟେୟକୁ ଧ୍ୟାନ କରି ଚିତ୍ତ ଧାରଣ ଅଭ୍ୟାସରେ ଅଭ୍ୟସ୍ତ ହୋଇଗଲେ, ଯଥା ସମୟରେ ଗୋଟିଏ ପ୍ରକାର ଦିବ୍ୟାନୁଭୂତି ଯଥାକାଳରେ ହୋଇଯାଏ । ଏହି ଅନୁଭୂତି ବାସ୍ନାରେ ଦିବ୍ୟଗନ୍ଧ ଜ୍ଞାନ, ଜିହ୍ୱାଗ୍ରରେ ଦିବ୍ୟ ରସଜ୍ଞାନ, ତାଳୁ (ଲଲାଟ)ର ମଧ୍ୟାଂଶରେ ଦିବ୍ୟରୂପଜ୍ଞାନ, ଜିହ୍ୱାର ମଧ୍ୟାଂଶରେ ଦିବ୍ୟ ସ୍ପର୍ଶଜ୍ଞାନ ଓ ଜିହ୍ୱାମୂଳରେ ଦିବ୍ୟଶବ୍ଦ ଦେଇଥାଏ । ପଞ୍ଚ ଜ୍ଞାନେନ୍ଦ୍ରିୟ (ନାସା, ଜିହ୍ୱା, ଚକ୍ଷୁ, ତ୍ୱଚା, କର୍ଣ୍ଣ) ଗ୍ରାହ୍ୟ

ପଞ୍ଚବିଷୟ ବା ତନ୍ମାତ୍ରା (ଗନ୍ଧ, ରସ, ରୂପ, ସ୍ପର୍ଶ, ଶବ୍ଦ) ଇନ୍ଦ୍ରିୟାତୀତ ଅବସ୍ଥାରେ ସାଧକ ଅନୁଭୂତିରେ ଆଣିବାକୁ କ୍ଷମ ହୁଏ । ସାଧନାସ୍ତରରେ ଏହି ଦିବ୍ୟଜ୍ଞାନାନୁଭୂତି ଜାତ ହେଲେ, ସାଧକର ଚିତ୍ତ ବିକ୍ଷେପ ସଂପୂର୍ଣ୍ଣ ବିନଷ୍ଟ ହୋଇ ମାନସିକ ଏକାଗ୍ରତା ସ୍ଥିତି ସ୍ୱରୂପ ଲାଭ କଲା ବୋଲି ବୁଝାଯାଏ । ଏହାର ମହତ୍ତ୍ୱ ସାଧାରଣ ଲୋକେ ହୃଦୟଙ୍ଗମ କରି ପାରନ୍ତି ନାହିଁ, ସାଧକ ଯୋଗୀମାନଙ୍କର ଏହା ପ୍ରତ୍ୟକ୍ଷ ଅନୁଭୂତଲବ୍ଧ ଦିବ୍ୟଜ୍ଞାନ ଅଟେ । ଏହା ଉପଲବ୍ଧ କରିବା ପାଇଁ କଠୋରତାର ସହିତ ଧର୍ମ ଧାରାନୁସାରେ ନିତ୍ୟକର୍ମ ଯୋଗାଭ୍ୟାସ କରିବା ଏକାନ୍ତ ପ୍ରୟୋଜନ ।

ବିଶୋକ ବା ଶୋକଶୂନ୍ୟ ହୋଇ ସାତ୍ତ୍ୱିକ ଭାବରେ ମନକୁ ଧୋଇ ପଖାଳି ଦେଲେ, ମନ ଓ ଚିତ୍ତ ଅନେକାଂଶରେ ସ୍ଥିର ହୋଇଯାଏ । ସାଧାରଣତଃ ଦୁଃଖଶୋକରେ ବିବ୍ରତ ହୋଇ ପଡୁଥିବା ଲୋକମାନଙ୍କର ଚିତ୍ତଚାଞ୍ଚଲ୍ୟ ବହୁଳ ପରିମାଣରେ ରହିଥାଏ । ସେମାନେ ସ୍ୱଭାବତଃ ଧୈର୍ଯ୍ୟହୀନ । ଦୁଃଖ କଷ୍ଟର ସାମନା କରିବାପାଇଁ ସେମାନଙ୍କର ପର୍ଯ୍ୟାପ୍ତ ମନୋବଳ ନଥାଏ । କିନ୍ତୁ ଅଭ୍ୟାସଯୋଗ ବଳରେ ପବିତ୍ର ସାତ୍ତ୍ୱିକ ଭାବ ସାଧନ କରି ହୃଦୟରୁ ରଜୋଭାବ ଦୂର କରି ଦେଲେ, ଧୈର୍ଯ୍ୟଶକ୍ତି ବଢ଼ିଥାଏ ଓ ସମତାଳରେ ମନୋବଳ ମଧ ବଢ଼ିଯାଏ । ଏହା ଫଳରୁ ସାମାନ୍ୟ ଆପଦ ବିପଦ ବା ହାନିରେ, ଦୁଃଖ କଷ୍ଟ ବା ରୋଗ ଯନ୍ତ୍ରଣାରେ କାତର ହୋଇ ଶୋକ ପ୍ରକାଶ କରିବାକୁ ପଡ଼େ ନାହିଁ । ଆକାଶ ଶରତ ଋତୁରେ ମେଘମୁକ୍ତ ହୋଇଯିବା ପରି ମନ ଆକାଶରୁ ବିକ୍ଷେପ ବା ବିକ୍ଷିପ୍ତ ଭାବ ଓ ଚାଞ୍ଚଲ୍ୟ ବା ଚଞ୍ଚଳତା କ୍ରମଶଃ ଦୂରହୋଇ ଯାଇ ମାନସିକ ଏକାଗ୍ରତା ସୃଷ୍ଟି ହୁଏ ।।

ବିଷୟ ବାସନା ତ୍ୟାଗ ପ୍ରସଙ୍ଗରେ, ବିଷୟ ବାସନା ତ୍ୟାଗୀ ଯୋଗୀମାନଙ୍କ ବିଷୟରେ ଦୈନିକ ଅଭ୍ୟାସ କରି ବାରମ୍ବାର ଚିନ୍ତାକଲେ, ଗୁରୁସ୍ୱାମୀ ଠାକୁରଙ୍କର ଜୀବନୀ, ଲୀଳା, ଦିନଚର୍ଯ୍ୟାଦି ପ୍ରସଙ୍ଗରେ ଚିନ୍ତନ ଓ ମନନ ସହିତ ବାରମ୍ବାର ଆଲୋଚନା କଲେ, ଚିତ୍ତ ବିକ୍ଷେପ ବିହୀନ ହୋଇ ଏକାଗ୍ରତାର ଉନ୍ମେଷ ଘଟେ । ମନକୁ ଯେତେଦୂର ସମ୍ଭବ ଅନିଷ୍ଟ ଚିନ୍ତା ଠାରୁ ଦୂରେଇ ଆଣି ଇଷ୍ଟ ଚିନ୍ତାରେ ବାନ୍ଧି ରଖିଲେ ଚିତ୍ତ ଚାଞ୍ଚଲ୍ୟ ଅବଶ୍ୟ ଦୂରହୁଏ ।।

ଯେକୌଣସି ଗୋଟିଏ ସୁନ୍ଦର ସୁଖସ୍ୱପ୍ନ ବିଷୟରେ କଳ୍ପନା କରି ଚାଲିଲେ ଓ ତତ୍‌ସମ୍ବନ୍ଧୀୟ ଚିନ୍ତାରେ ମଗ୍ନ ରହିଲେ, ଚିତ୍ତ ସ୍ଥିର ହୋଇ ଏକାଗ୍ରତା ଆସିଯାଏ ।।

ଆପଣାର କୌଣସି ସବୁଠାରୁ ଅଧିକ ପ୍ରିୟ ସମ୍ବନ୍ଧରେ ନିବିଷ୍ଟ ଭାବରେ ଧ୍ୟାନର ସହିତ ଚିନ୍ତାକଲେ, ମନରେ ସ୍ୱଭାବତଃ ଆନନ୍ଦ ଜନ୍ମେ । ସେହି ଚିନ୍ତା ଛାଡ଼ିବାକୁ ମନ ବଳେ ନାହିଁ । ଏପରି ଅଭ୍ୟାସ କଲେ, ମାନସିକ ଏକାଗ୍ରତା ଉଦ୍ରେକ ହୁଏ । ଏଠାରେ ସ୍ମରଣ ରଖିବା ଉଚିତ୍ ଯେ, ସୁଖସ୍ୱପ୍ନ କଳ୍ପନା ଓ ପ୍ରିୟ ସମ୍ବନ୍ଧରେ ଚିନ୍ତନ ସ୍ଥୂଳ ଇନ୍ଦ୍ରିୟ ଜନିତ ଆକର୍ଷଣରେ ଆସକ୍ତ ନ ହେବା ଉଚିତ୍ ।।

ଏକାଗ୍ରତା ସାଧନାଭ୍ୟାସ କାଳରେ ଠାକୁରଙ୍କୁ ଆପଣାର କରି ବାନ୍ଧିରଖିବାର ମାନସିକତା ସର୍ବାଗ୍ରେ ଦୂର କରିବାକୁ ହୁଏ, ହେବ । ଠାକୁରଙ୍କୁ ଲାଭ କରିବାର ଦାବି ଧରି ସାଧନା କରାଯାଏ ନାହିଁ । ଅନନ୍ତ ଶକ୍ତିଶାଳୀ ଠାକୁରଙ୍କୁ ବାନ୍ଧି ରଖି ବଶ କରିବା କାହାରି ପକ୍ଷରେ କେବେ ବି ସମ୍ଭବ ହୋଇ ନାହିଁ । ସେ ଭକ୍ତ ବତ୍ସଳ, ଭକ୍ତ ହୃଦୟର ପ୍ରେମଭକ୍ତିର ଘନତ୍ୱ ଦେଖି ସେ ଆପେ ଆପେ ଭକ୍ତର ଅଧୀନ ହୋଇଯାଆନ୍ତି । ଭକ୍ତ ହୃଦୟରେ ଆପେ ଆପେ ଆସି ବାନ୍ଧି ହୋଇ ରହନ୍ତି । ପ୍ରିୟ ଭକ୍ତର ବଶୀଭୂତ ହୋଇ ଯାଆନ୍ତି । ଠାକୁରଙ୍କୁ କେହି କେବେ ନିଜ ସାଧନା ବା କ୍ଷମତା ଦ୍ୱାରା ବଶ କରିପାରି ନାହିଁ, କିନ୍ତୁ ଯେ ତାଙ୍କର ଦାସ ହୁଅନ୍ତି, ଠାକୁରେ କେବଳ ତାଙ୍କରି ଦାସତ୍ୱ ସ୍ୱୀକାର କରନ୍ତି, ଭକ୍ତର ଅଧୀନ ହୋଇ ରହନ୍ତି । ଏଥିରେ ଭକ୍ତ ଦାସର କୃତିତ୍ୱ ନଥାଏ, ଏହା ଇଚ୍ଛାମୟ ପ୍ରଭୁଙ୍କର ଇଚ୍ଛାଧୀନ ବ୍ୟାପାର ।।

# ଶ୍ରୀମନ୍ଦିର


**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!**

## ଅଚ୍ୟୁତଙ୍କ ଲେଖନୀରୁ

### ସୁଜନେ ହୋ ବାଲିରେଣୁ ମହାବନ୍ଧ.....

ସୁଜନେ ହୋ, ବାଲିରେଣୁ ମହାବନ୍ଧ ।
ଦୋମୁହାଁ ସର୍ପକୁ ଭୟ ନ କରିଣ
ବେଙ୍ଗ ଚଢ଼େ ଗଜ କନ୍ଧ ।।୦।।
ଅଣ୍ଡିରାହଂସ ଯେ ଡିମ୍ବେକ ପାଡ଼ିଛି
ତା' ମଧେ ଯୁଗଳ ବନ୍ଧ ।
ଆଡ଼କରେ ଜଳ ଆଡ଼କେ ଅନଳ
ଦେଖି ହେଲି ଆଚମ୍ବିତ ।।୧।।
ତନ୍ତୀ ବାପୁଡ଼ାକୁ ତନ୍ତ ଗିଳିଗଲା
ଚଷାକୁ ଗିଳେ ଲଙ୍ଗଳ ।
ସପତ ସମୁଦ୍ର କୂର୍ମ ଗିଳିଗଲା
ବୃକ୍ଷକୁ ଗିଳିଲା ଫଳ ।।୨।।
ଷଡ଼ମୁଖୀ ଗାଈ ଦୁଧ ପହ୍ନାଉଛି
ବାଛୁରୀ ପିଉଛି ଲାଂଜ ।
ସାତପୋଏ ସ୍ତିରୀ ନାମ ନପଡ଼ିଲା
ସଂସାର ଚାଲିଛି ବାଂଝ ।।୩।।
ଜାଣିବା ଲୋକକୁ ଦାଣ୍ଡ ପଡ଼ିଅଛି
ନଜାଣିବା ଜନେ ଅନ୍ଧ ।
ଭାବରେ ଭଣିଲେ ଶ୍ରୀ ଅଚ୍ୟୁତ ଦାସ
ଦୟାକଲେ ଆଦିକନ୍ଦ ।।୪।।

❋❋❋




# ଗଳ୍ପାଂଶ

## ସର୍ବେଶ୍ୱରବିପ୍ର ଓ ମଂଜୁକଳା ଚରିତ

### ପଦ୍ମପୁରାଣ ଉଦ୍ଧୃତ :

ଜମ୍ବୁଦ୍ୱୀପର ସୋମବଂଶରେ ମନୋଭଦ୍ର ନାମରେ ଜଣେ ନୃପତି ଥିଲେ । ସେ ମହାରାଜା ପଣ୍ଡିତ, ବିବେକୀ, ସୁଚିବନ୍ତ, ପୁଣ୍ୟବାନ ଓ ଧର୍ମପରାୟଣ ଥିଲେ । ଯାଗଯଜ୍ଞ, ଦାନପୁଣ୍ୟ ଆଦି ସେ ପ୍ରତ୍ୟହ କରୁଥିଲେ । ସେ ପ୍ରଜାମାନଙ୍କୁ ସନ୍ତାନତୁଲ୍ୟ ପରିପାଳନ କରୁଥିଲେ । ତାଙ୍କ ପାଟରାଣୀଙ୍କର ନାମ ହେମ ପ୍ରଭା । ସେ ଅତ୍ୟନ୍ତ ସୁନ୍ଦରୀ, ପତିବ୍ରତା, ପ୍ରିୟବାଦିନୀ ଓ ସର୍ବ ସୁଲକ୍ଷଣୀ ଥିଲେ । ତାଙ୍କର ଦୁଇପୁତ୍ର ଥିଲେ - ବୀରଭଦ୍ର ଓ ସୋମଭଦ୍ର । ଦିନେ ରାଜା ମନ୍ତ୍ରୀମାନଙ୍କୁ ଡାକି ପରାମର୍ଶ କରି ରାଜ୍ୟକୁ ଦୁଇଭାଗ କରି ଦୁଇ ପୁତ୍ରଙ୍କୁ ରାଜା କରିବାର ପ୍ରସ୍ତାବ ଦେଲେ । ମନ୍ତ୍ରୀମାନେ ଏ ପ୍ରସ୍ତାବରେ ସମ୍ମତ ହେବାରୁ ଶୁଭଦିନ ଓ ଶୁଭଲଗ୍ନ ଦେଖି ମହାରାଜା ମନୋଭଦ୍ର ଦୁଇପୁତ୍ରଙ୍କର ରାଜ୍ୟାଭିଷେକ କରାଇଲେ । ରାଜା ଓ ରାଣୀ ରାଜସଭାରେ ବସିଥିବା ସମୟରେ ଗୋଟିଏ ଶାଗୁଣା କାହୁଁ ଉଡ଼ିଆସି ରାଜସଭାରେ ବସିଲା । ତାହା ଦେଖି ରାଜା ମନୋଭଦ୍ର ବିସ୍ମିତ ହୋଇ ଶାଗୁଣାର ରାଜସଭାକୁ ଆସିବାର କାରଣ ପଚାରିଲେ । ଶାଗୁଣା କହିଲା - ହେ ରାଜା, ତୁମ୍ଭର ପୁତ୍ରମାନଙ୍କୁ ଦର୍ଶନ କରିବା ଅଭିଳାଷରେ ମୁଁ ଆସିଅଛି । ପୂର୍ବେ ମୁଁ ଏମାନଙ୍କର ବିପତ୍ତି ଦେଖିଥିଲି, ଏବେ ଏମାନଙ୍କର ସମ୍ପତ୍ତି ଦେଖିବାକୁ ଆସିଛି । ଆମ୍ଭେ ଚାରିଜଣ ଗୋଟିଏ ନରକ କୁଣ୍ଡରେ ଯମପୁରରେ ଥିଲୁଁ । ଏହି ଦୁଇଜଣ ମୁକ୍ତି ଲାଭକଲେ, ମାତ୍ର ଆମ୍ଭେ ଦୁଇଜଣ କଷଣ ପାଉଛୁ । ଏମାନେ ଧନ୍ୟ । ଏମାନେ ପୁଣ୍ୟ ଅର୍ଜନ କରି ତୁମ୍ଭର ପବିତ୍ର କୁଳରେ ଜନ୍ମଲାଭ କରିଅଛନ୍ତି । ଶାଗୁଣାର କଥାଶୁଣି ରାଜା ମନୋଭଦ୍ର ଚକିତ ହୋଇ ନିଜ ଦୁଇ ପୁତ୍ରଙ୍କର ପୂର୍ବ ବୃତ୍ତାନ୍ତ ଶୁଣିବା ପାଇଁ ମନ ବଳାଇଲେ । ରାଜା ପଚାରିଲେ, ଏମାନଙ୍କର ପୂର୍ବ ବୃତ୍ତାନ୍ତ ତୁମ୍ଭେ କିପରି ଜାଣିଲ ଓ ତୁମ୍ଭେ ବା କାହିଁକି ନରକ କୁଣ୍ଡରେ ପଡ଼ିଥିଲ ? ରାଜାଙ୍କର ଜିଜ୍ଞାସା ଦେଖି ଶାଗୁଣା କହିବାକୁ ଆରମ୍ଭ କଲା -

ଦ୍ୱାପର ଯୁଗରେ ସତ୍ୟକେତୁ ନାମରେ ଜଣେ ରାଜା ଥିଲେ । ଏ ଦୁହେଁ ତାଙ୍କର ଦୁଇ ପୁତ୍ର ଥିଲେ । ଏମାନଙ୍କର ନାମ ଥିଲା ପର ଓ ସଗର । ଏମାନେ ସର୍ବଦା ପାପବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ପାପ କର୍ମରେ ଲିପ୍ତଥିଲେ । ବ୍ରହ୍ମସ୍ୱ (ବ୍ରାହ୍ମଣଙ୍କର ସମ୍ପତ୍ତି) ହରଣ କରି ମହାପାପୀ ହୋଇ ଏମାନେ ଯମପୁରରେ ନରକକୁଣ୍ଡରେ ପଡ଼ିଥିଲେ । ଏମାନଙ୍କର ପୂର୍ବ ଚରିତ ତୁମ୍ଭକୁ ଅଗୋଚର ଅଟେ । ଆମ୍ଭେ କହୁଛୁଁ, ତୁମ୍ଭେ ମନଦେଇ ଶୁଣ । ମହାପାପ

ଅର୍ଜନ କରିଥିବାରୁ ଏ ଦୁଇଭାଇ ଜମ୍ବୁଦ୍ୱୀପରେ ଏକସମୟରେ ଜୀବନ ଛାଡ଼ିଲେ । ଯମଦୂତମାନେ ଆସି ଏହି ଦୁଇ ଦୁଷ୍ଟ, ପାପୀ ଓ ଦୁର୍ମୁଖ ରାଜପୁତ୍ରଙ୍କୁ ବାନ୍ଧିନେଇ ଯମଙ୍କ ସମ୍ମୁଖରେ ଛିଡ଼ା କରାଇଲେ । ରାଜପୁତ୍ର ପର ଓ ସଗରଙ୍କୁ ଦେଖି ସେମାନଙ୍କର ପାପ ପୁଣ୍ୟ ବୁଝି ବିଚାର କରିବା ପାଇଁ ଆଜ୍ଞାଦେଲେ । ଚିତ୍ରଗୁପ୍ତ ପାଞ୍ଜିଦେଖି ଯମରାଜଙ୍କୁ ଜଣାଇ କହିଲେ ଯେ, ଏ ଦୁହିଁଙ୍କର ଅପାରୁଁ ଅପାର ପୁଣ୍ୟଥିଲା, ମାତ୍ର ଏମାନେ ଘୋର ପାତକ କରି ସକଳ ପୁଣ୍ୟ ନଷ୍ଟ କରିଦେଇଛନ୍ତି । ବ୍ରାହ୍ମଣମାନଙ୍କୁ ଦାନ ଦେଇ, ତାହା ଏମାନେ ହରଣ କରି ନେଉଥିଲେ । ଯେଉଁ ବ୍ୟକ୍ତି ବ୍ରାହ୍ମଣଙ୍କୁ ଦାନଦେଇ ପୁଣିହରଣ କରେ, ସେ ଦେହାନ୍ତରେ ଘୋର ନରକ କୁଣ୍ଡରେ ପଡ଼େ । ପୁଣି ଦାନଦେଇ ଦକ୍ଷିଣା ନ ଦେଲେ ମଧ୍ୟ ନରକ ଭୋଗ କରିବାକୁ ହୋଇଥାଏ । ଏହା ଶୁଣି ଯମରାଜ ସେମାନଙ୍କୁ ନେଇ ନରକ କୁଣ୍ଡରେ ପକାଇବା ପାଇଁ ଆଦେଶ ଦେଲେ ।

ଶାଗୁଣା ଏହାପରେ ଆପଣା ଚରିତ କହିବାକୁ ଆରମ୍ଭ କଲା - ଆମ୍ଭେ ପତି ପତ୍ନୀ ଦୁହେଁ ଏକସଙ୍ଗରେ ଜୀବନ ଛାଡ଼ିଲୁଁ । ଯମଦୂତମାନେ ଆସି ଆମ୍ଭ ଦି'ଜଣଙ୍କୁ ଚର୍ମପାଶରେ ବାନ୍ଧିନେଲେ । ଯମପୁରକୁ ନେବା ସମୟରେ ଦୁର୍ଗମ ପଥରେ ବହୁତ କଷଣ ମଧ୍ୟ ଦେଲେ । ଏବେ ମୋର ପୂର୍ବଜନ୍ମର ପାତକ ଶୁଣ । ପୂର୍ବେ ମୁଁ ସୌରାଷ୍ଟ୍ର ଦେଶରେ ବିପ୍ର ପରିବାରରେ ଜନ୍ମଗ୍ରହଣ କରିଥିଲି । ମୋର ନାମ ଥିଲା ସର୍ବେଶ୍ୱର ବିପ୍ର । ମୁଁ ବିବେକୀ, ଧାର୍ମିକ ଏବଂ ଶାସ୍ତ୍ରଜ୍ଞ ଥିଲି । ମୋର ଭାର୍ଯ୍ୟାର ନାମ ମଂଜୁକଳା । ମଂଜୁକଳା ସୁକୁଳୀନା, ପତିବ୍ରତା ଓ ନିର୍ମଳ ଯଶା ଥିଲା । ବିଦ୍ୟା, ଧନ ଓ ଯୁବା ବୟସର ଅହଂକାରରେ ପ୍ରମତ୍ତ ହୋଇ ମୁଁ ପିତାମାତାଙ୍କର ସେବା ନ କରି ଅବଜ୍ଞା କଲି । ମୋ ବାପାଙ୍କର ନାମଥିଲା ଦୁର୍ମୁଖ । ସେ ମୂର୍ଖ, ପାଷାଣ୍ଡ ଓ ଅଧର୍ମପରାୟଣ ଥିଲେ । ତେଣୁ ସେ ଚୌରବୃତ୍ତି ଅବଲମ୍ବନ କରୁଥିଲେ । ତାଙ୍କର ସେହି ଦୋଷ ଦେଖି ତାଙ୍କୁ ସେ କର୍ମ ନ କରିବା ପାଇଁ ବାରଣ କରୁଥିଲି ଓ ତାଙ୍କୁ ସେବା କରୁନଥିଲି । ବିଦ୍ୟା, ଧନ, ବୟସ ଇତ୍ୟାଦି ସବୁବିଷୟରେ ଅହଂକାର ହେତୁ ଜନ୍ମଦାତ୍ରୀ ମାଆଙ୍କର ପାଦସେବା ମଧ୍ୟ ଜୀବନରେ ଦିନେ କରିନଥିଲି । ଏହି ପାତକରୁ ଯମଦୂତମାନେ ମୃତ୍ୟୁପରେ ମୋତେ ବାନ୍ଧିନେଲେ । ଯମପୁରରେ ଚିତ୍ରଗୁପ୍ତ ପାଞ୍ଜିଦେଖି କହିଲେ - ଏ ବିପ୍ର ଏବଂ ଏହି ବିପ୍ରନାରୀ ପିତୃମାତୃଦ୍ରୋହୀ । ଏହି ମହାପାପୀମାନେ ନରକ କୁଣ୍ଡରେ ପଡ଼ି ଘୋରଯନ୍ତ୍ରଣା ଭୋଗିବା ଉଚିତ । ତହୁଁ ଯମରାଜ ଦୂତମାନଙ୍କୁ ପର, ସଗର ସହିତ ଆମ ପତିପତ୍ନୀ ଦୁଇଜଣଙ୍କୁ ନରକ କୁଣ୍ଡରେ ନିକ୍ଷେପ କରିବା ପାଇଁ ଆଦେଶ ଦେଲେ । ଏହିପରି ପର, ସଗର, ମୁଁ ଓ ମୋର ପତ୍ନୀ କୋଟିଏ ହଜାରବର୍ଷ ନରକ ଯନ୍ତ୍ରଣା ଭୋଗକଲୁଁ । ଗୋଟିଏ ନରକ କୁଣ୍ଡରେ ଆମେ ଚାରିଜଣ ପଡ଼ିଥିଲୁଁ । ତହୁଁ ଆମେ ପତି ପତ୍ନୀ ଦୁଇଜଣ ଶାଗୁଣା ଜନ୍ମ ପାଇଲୁ । ଆମ୍ଭର ପାପଭୋଗ ଏବେ ମଧ୍ୟ ଚାଲିଛି । ତେଣୁ ଆମ୍ଭେ ପ୍ରତିଦିନ ପଚାସଢ଼ା ଶବ ଆହାର କରୁଛୁଁ । କେବେ ଏ ଜନ୍ମରୁ ମୁକ୍ତି ମିଳିବ, ତାହା ଆମକୁ ଜଣାନାହିଁ । ପାପରୁ ଉଦ୍ଧାର ହୋଇ ପର ଓ ସଗର ପୃଥିବୀରେ ଝିଣ୍ଟିକା ଜନ୍ମ ପାଇଲେ । ଏ ଦୁଇଭାଇ ପୁଣ୍ୟବନ୍ତ ହୋଇ ମଧ୍ୟ ବ୍ରହ୍ମସ୍ୱ ହରଣ ଦୋଷରୁ ପାପକର୍ମର ଫଳ ଭୋଗକଲେ । ଦିନେ ଏ ଦୁଇ ଝିଣ୍ଟିକା ଉଡ଼ି ଯାଉଁ ଯାଉଁ ବାତ୍ୟା ପ୍ରକୋପରୁ ଗଙ୍ଗାରେ ପଡ଼ିଲେ । ତହୁଁ ତାଙ୍କର ସବୁ ପାପ ନାଶହେଲା । ବୈକୁଣ୍ଠରୁ ବିଷ୍ଣୁ ରଥ ଆସିଲା । ସ୍ୱୟଂ ବ୍ରହ୍ମରାଶି ତାଙ୍କୁ କରୁଣା କଲେ । ଗନ୍ଧର୍ବ, କିନ୍ନର ସୁଶୋଭିତ ବିଷ୍ଣୁ ଯାନରେ ବସି ସେମାନେ ବୈକୁଣ୍ଠ ଭୁବନକୁ ଗମନ କରି ତିନିକଳ୍ପ ପର୍ଯ୍ୟନ୍ତ ସୁଖଭୋଗ କଲେ । ତା'ପରେ ବିଷ୍ଣୁଙ୍କ ଆଜ୍ଞାରେ ପୃଥିବୀରେ ମାନବ ଜନ୍ମ ଲାଭ କଲେ । ତୁମ୍ଭର ପବିତ୍ର କୁଳରେ ଜାତହୋଇ ନୃପତି ହେଲେ । ହେ ରାଜା, ତୁମ୍ଭେ ଏବେ ତୁମ୍ଭ ଦୁଇ ରାଜପୁତ୍ରଙ୍କର ପୂର୍ବଜନ୍ମ ବୃତ୍ତାନ୍ତ ଶୁଣିଲ । ଆମ୍ଭେ ମହାପାପୀ, ପିତୃମାତୃଦ୍ରୋହ ରୂପକ ମହାପାତକରେ ପଡ଼ିଛୁଁ । ଆମ୍ଭର ଇହକାଳ ଓ ପରକାଳରେ ସୁଖ ନାହିଁ । କେବେ ଯେ ଆମ୍ଭର ପାପ ଭୋଗ ଶେଷ ହେବ, ତାହାର ଠିକଣା ନାହିଁ ।

ପିତୃମାତୃଦ୍ରୋହୀ ପାପୀମାନଙ୍କ ମଧ୍ୟରେ ଶ୍ରେଷ୍ଠ । ବ୍ରହ୍ମହତ୍ୟାଦି ପାପରୁ ନିସ୍ତାର ଅଛି, ମାତ୍ର ପିତୃମାତୃଦ୍ରୋହ ପାତକରୁ ନିସ୍ତାର ନାହିଁ । ଜୀବ ଯେତେସବୁ ପୁଣ୍ୟ ଅର୍ଜନ କରିଥାଏ, ପିତୃମାତୃଦ୍ରୋହରେ ସବୁ ନଷ୍ଟ ଭ୍ରଷ୍ଟ ହୋଇଯାଏ । ପୁଣ୍ୟରାଶି ତୁଳା ପରି, ପିତୃମାତୃଦ୍ରୋହ ରୂପକ ଅଗ୍ନିରେ ସେ ତୁଳା ପଲକମାତ୍ରେ ଭସ୍ମ ହୋଇଯାଏ । ଯିଏ ପିତାମାତାଙ୍କର ସେବା କରେ, ହରି ତା'କୁ ପ୍ରସନ୍ନ ହୁଅନ୍ତି ଓ ଯମ ଯାତନା ସେ ଭୋଗ କରେ ନାହିଁ । ପିତାମାତା ହିଁ ଲକ୍ଷ୍ମୀନାରାୟଣ ସ୍ୱରୂପ ସାକ୍ଷାତ୍ ଦେବଦେବୀ । ଯିଏ ପିତାମାତାଙ୍କ ପୂଜାକରେ ନାହିଁ, ସେ ହରିଙ୍କୁ ପ୍ରାପ୍ତ ହୋଇପାରେ ନାହିଁ । ଏହା କହି ଶାଗୁଣା ଗଙ୍ଗାଦେବୀଙ୍କର ସ୍ତୁତି କରିବାରେ ଲାଗିଲେ ।

'ନମୋ ଗଙ୍ଗାଦେବୀ ଗୋ ଜଗତ୍‌ଜନ ମାତା
ଚତୁର୍ଦ୍ଦଶ ଭୁବନରେ ଭକ୍ତି ମୁକ୍ତି ଦାତା ॥
ଯେଉଁ ଜନେ ନିତ୍ୟ ଗଙ୍ଗା ନାମକୁ ଧରନ୍ତି
କୋଟି ଜନ୍ମ ପାପ ନାଶି ବୈକୁଣ୍ଠେ ବସନ୍ତି ॥
ଗଙ୍ଗା ଗଙ୍ଗା ବୋଲି ଅହର୍ନିଶ ଯେ ଭାବଇ
ତା'ର ପାପ ନାଶି ଗଙ୍ଗା ମୁକତି ଦିଅଇ ॥
ଏତେ କହି ଗଙ୍ଗାକୁ ଚିନ୍ତିଲେ ଖଗବର
ଶୋକ ଗଦଗଦେ ଚକ୍ଷୁ ବହେ ଅଶ୍ରୁଧାର ॥
ଗଙ୍ଗାଗଙ୍ଗା ବୋଲି ଖଗ ଉଚେ ଡାକଦେଲା
ପିତୃଦ୍ରୋହ ପାତକ ସେ ସକଳ ନାଶିଲା ॥
ଧାୟିଲା ନିଶ୍ଚଳ ମନେ ଗଙ୍ଗା ନାରାୟଣ
ପାପ ନାଶ ଗଲା କୃପା କଲେ ଭଗବାନ ॥'

ଶାଗୁଣାର କଥା ଶୁଣି ରାଜା ମନୋଭଦ୍ର ମୋହିତ ହେଲେ ମଧ୍ୟ ତାଙ୍କ ମନରେ ସନ୍ଦେହ ହେଲା । ସେ ବିଚାରିଲେ ଯେ, ଏ ଶାଗୁଣା ବୋଧହୁଏ ଛଦ୍ମବେଶଧାରୀ କୌଣସି ଦେବତା ଓ ଏ ଯାହାସବୁ କହିଗଲେ ସେ ସବୁ ମିଥ୍ୟା । ଏହି ସବୁ କଥାର ପ୍ରମାଣ ପାଇଲେ ମନରେ ବିଶ୍ୱାସ ଜନ୍ମିବ । ଏହିପରି ଭାବୁଥିବା ସମୟରେ ଆକାଶରୁ ଦୈବବାଣୀ ଶୁଣାଗଲା - ଗୃଧ୍ର ଯାହାସବୁ କହିଲା ତାହା ସଂପୂର୍ଣ୍ଣ ସତ୍ୟ ଅଟେ । ଏହାଶୁଣି ମନୋଭଦ୍ର ଆନନ୍ଦିତ ହେଲେ । ଶକୁନର ଗଙ୍ଗାନାମ ଶୁଣି ରାଜା, ରାଣୀ, ରାଜପୁତ୍ର ଇତ୍ୟାଦିଙ୍କର ପାପ ନାଶହେଲା । ସମସ୍ତେ ଗଙ୍ଗାନାରାୟଣ ନାମ ଭଜନ କଲେ ।

ଏମନ୍ତ ସମୟରେ ବୈକୁଣ୍ଠରୁ ରଥ ଆସି ପହଞ୍ଚିଲା । ଶାଗୁଣା ଓ ତା'ର ପତ୍ନୀ ସେ ରଥରେ ବସି ମୁକ୍ତ ହେଲେ । ଯେହେତୁ ଗଙ୍ଗାନାମ ମହିମା ଶାଗୁଣା ଗାନ କଲା, ତେଣୁ ତା'ର ସକଳ ପାତକ ତତ୍‌କ୍ଷଣାତ୍ ନାଶ ହେଲା ଓ ନାରାୟଣଙ୍କ କୃପାରୁ ସେ ସପତ୍ନୀ ସ୍ୱର୍ଗପୁରକୁ ବିଷ୍ଣୁ ରଥରେ ବସି ଗମନ କଲେ । ଧନ୍ୟ ସେ ଗଙ୍ଗାନାମର ମହିମା । ସ୍ମରଣ ମାତ୍ରେ ତାହା ସକଳ ପାପରାଶି ଦହନ କରେ । ଗୃଧ୍ର ଭଳି ମହାପାତକୀ ଗଙ୍ଗା ନାମ ଗାଇବା ମାତ୍ରେ ଅବିଳମ୍ବେ ସେ ସପତ୍ନୀ ମୁକ୍ତିଲାଭ କଲା । ଯିଏ ଗଙ୍ଗାନାମ ଶୁଣାନ୍ତି , ଯିଏ ଶୁଣନ୍ତି ତାଙ୍କର ସକଳ ପାପ ନାଶ ହୁଏ ଓ ସେମାନେ ବୈକୁଣ୍ଠପୁରରେ ବାସ କରନ୍ତି । ଏହି ନାମଗୀତର ନାମ ହେଉଛି 'ହରିଭକ୍ତି ରତ୍ନମାଳା' ଓ ଏହାକୁ ଯିଏ ଶୁଣାନ୍ତି ଓ ଶୁଣନ୍ତି ସେମାନେ ସର୍ବ ବନ୍ଧନରୁ ମୁକ୍ତ ହୋଇ ଯାଆନ୍ତି ।

'ଧନ୍ୟ ସେ ଗଙ୍ଗା ମହିମା ତା' ନାମ ଯେ ଧରେ
ବ୍ରହ୍ମ ହତ୍ୟା ଆଦି ମହା ପାତକରୁ ତରେ ।।
ଯେ ହୃଦେ ଭାବଇ ଗଙ୍ଗା ଗଙ୍ଗା ନାରାୟଣ
କୋଟିଜନ୍ମ ପାପନାଶି ବସେ ବୈକୁଣ୍ଠେଣ ।।
ଶୁଣ ଗୋ ପାର୍ବତୀ ଦେବୀ କହନ୍ତି ଶଙ୍କର
ଗଙ୍ଗାର ମହିମା ଶୁଣି ପାପ ଦୂରକର ।।
ପ୍ରଭାତେ ଗଙ୍ଗାର ନାମ ଧରଇ ଯେ ଜନ
ସବୁ ପାପ ନାଶି ବସେ ବୈକୁଣ୍ଠ ଭୁବନ ।।
ଗଙ୍ଗା ନାମ ଧରନ୍ତେ ନାଶଇ ପାପରାଶି
ରବି ଉଦେ ହୋଇ ଯେହ୍ନେ ତମକୁ ବିନାଶି ।।
ଯେଉଁ ପ୍ରାଣୀ ଧର୍ମକର୍ମ ଗଙ୍ଗାରେ ନ କରେ
ତା'ମୁଖ ଚାହିଁଲେ ନର ପଡ଼େ ନରକରେ ।।
ଗଙ୍ଗାର ଦର୍ଶନ ଯେଉଁ ପ୍ରାଣୀ କରି ନାହିଁ
ତା'ହସ୍ତେ ଅନ୍ନଜଳ ଯେ ଖାଇ ନ ଯୋଗାଇ ।।
ଗଙ୍ଗାଜଳ ଶିରେ ତା'ମୃତ୍ତିକା ସର୍ବାଙ୍ଗରେ
ଭକ୍ତିଭାବେ ଯେ ଘେନଇ ବସେ ବୈକୁଣ୍ଠରେ ।।

ବାଣୀ ପଢ଼ି ପଢ଼ି ଠାଣି ନାହିଁ ।
ଜଣ କାଟି କାଟି ଗୁଣ କାହିଁ ।।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ ମୋହ


ଷଡ଼ରିପୁ । ଛଅଗୋଟି ମାରାତ୍ମକ ଶତ୍ରୁ । କିଏ କହେ 'କାମ' ବଡ଼ ବଳୀୟାର, କିଏ କହେ 'କ୍ରୋଧ' ବଡ଼ ଭୟଙ୍କର, ପୁଣି କିଏ କହେ 'ଲୋଭ'ଠୁ ବଳି ବଡ଼ ଶତ୍ରୁ ଆଉ କେହି ନୁହେଁ ତ କିଏ କହେ 'ମୋହ' ଆଉ କ'ଣ ଛୋଟବେ କି ? ପୁଣି 'ମାତ୍ସର୍ଯ୍ୟ' ପରି ଶତ୍ରୁ ବି ଅତି ଭୟାନକ । ଆମେ ବିଚାରୁଁ କେହି କ'ଣ କାହାକୁ କମ୍ କି ? ଏକୁ ଆରେକ ବଳୀୟାନ । ସବୁ ଗୁଡ଼ିକ ସାଧନମାର୍ଗର ପ୍ରତିବନ୍ଧକ, କଣ୍ଟା ।

ନିଛୁଟା ଅଧ୍ୟାତ୍ମଜୀବନ ଯାପନ ଧାରାକୁ ସରଳ, ସୁନ୍ଦର ଓ ସହଜ କରିବା ଲକ୍ଷ୍ୟରେ ପରମ କାରୁଣିକ ପରମପିତା ଚରମପୁରୁଷଙ୍କର ଅମୋଘ ଆଶିଷକୁ ନତଶିରରେ ଗ୍ରହଣ କରି ପରମପ୍ରେମମୟଙ୍କର ଆଦେଶକୁ ଶିରୋଧାର୍ଯ୍ୟ କରି ସଂପାଦନା ନିୟମିତ 'ଶ୍ରୀଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ ମୋହ' ସ୍ତମ୍ଭରେ ଚରମ ପୃଷ୍ଠାରେ ଜନକଲ୍ୟାଣ ଉଦ୍ଦେଶ୍ୟରେ ପତ୍ରସ୍ଥ କରି ଆସିଛି । ଅବଶ୍ୟ ମୁକ୍ତ କଣ୍ଠରେ ସ୍ୱୀକାର କରୁଛୁ, କେବେ କେମିତି କେଉଁ ସଂଖ୍ୟାରେ ଅନିବାର୍ଯ୍ୟ କାରଣ ବଶତଃ ଏହା ସ୍ୱଳ୍ପମାତ୍ରାରେ ପତ୍ରସ୍ଥ ହୋଇଛି ବା ହୋଇନାହିଁ ।

**ପୂର୍ବ ସଂଖ୍ୟାର ଅନୁଶ୍ରୁତି କ୍ରମରେ ଏହି ସଂଖ୍ୟାରେ ପତ୍ରସ୍ଥ କରୁଛୁ 'କାରଣ ସାତ୍ତ୍ୱିକ ମୋହ'ରୁ 'ପାରିବାରିକ ମୋହ' ।**

ସଂସାର କୂପରେ ପତିତ ଜୀବନ ମୋହ ଅନ୍ଧକାରେ ବୁଡ଼ି
ବିଷୟା ଘୂର୍ଣ୍ଣିରେ ଇତସ୍ତତଃ ହୋଇ ଶୁଷ୍କ ପତ୍ର ପ୍ରାୟ ଉଡ଼ି,
ପାଉନାହିଁ ଠାବ ଭବଜଳାର୍ଣ୍ଣବ ଆସଇ ଭୀଷଣେ ମାଡ଼ି
ଯାହା ଯିଏ ତାହା ହାତକୁ ନଧରି ମୋହରେ ଦେଇଛି ଛାଡ଼ି,
ସେ ଯେ ଦୟାମୟ ସ୍ୱେଚ୍ଛାରେ ଶ୍ରୀକର ଦେଇ ଅଛନ୍ତି ବଢ଼ାଇ
ଥରେ ଧର ଭାଇ ! ସହଜେ ସରଳେ ପଥ ସେ ନେବେ କଢ଼ାଇ ॥

ଆଉ ବେଳ ନାହିଁ ପରା ! ସମୟ ଆଖର ହେଲାଣି । କରୁଣାସାଗର କଲ୍ୟାଣକାଂକ୍ଷୀ ଠାକୁରେ ହାତ ବଢ଼େଇ ଦେଲେଣି, ବିଷ ବିଷୟାକୁ ଆଉ ଜାବୋଡ଼ି ନ ଧରି, ତତ୍‌କ୍ଷଣାତ୍ ଛାଡ଼ିଦେଇ ତାଙ୍କ ଶ୍ରୀକର ଧରିନେ, ତରି ଯିବୁ । ପଥ କଢ଼େଇ 'ଚରମପ୍ରାପ୍ତି' ଲକ୍ଷ୍ୟରେ ସେ ଆଗେଇ ନେବେ ସଳଖରେ, ସହଜରେ । ମିଛ ମାୟା ଜାଲରୁ ଥରେ ଖସି ଆ । ଧାରା ନେଇ ଧରା ଦେ । ମୋହ ତୁଟିଯିବ ନିମିଷ ମାତ୍ରକେ । କରୁଣାର୍ଦ୍ର ନୀଳପଦ୍ମନୟନଯୁଗଳରୁ ଝରି ପଡୁଛି ଧାର ଧାର କଲ୍ୟାଣର ଧାରା । ଚାହିଁ ଦେଖ ତ ଥରେ । ଅଞ୍ଜଳି ପାତି ସେ କଲ୍ୟାଣର ଧାରା ଗୋଟେଇ ନେ ।


ମୋହ
(୫ ପ୍ରକାର)
ଦୈହ୍ୟ ମୋହ
(୨ ପ୍ରକାର)
ବିଦେହ୍ୟ ମୋହ
(୨ ପ୍ରକାର)
ଅଦ୍ୱୈତୀୟ ମୋହ
(୩ ପ୍ରକାର)
ଗୁର୍ବାଗଞ୍ଜନ ମୋହ
(୨୫ ପ୍ରକାର)
ସସ୍ତ୍ରୀକ ମୋହ
(୩ ପ୍ରକାର)
ଦୈହ୍ୟଦାହ
ଅଧିଦାହ ଦୈହ୍ୟ
ଦୈବାତ
ଅର୍ଦ୍ଧ ଦୈବାତ
ଦୌଖଣ୍ଡିକ
ଦୋହିଞ୍ଜ
ଚୋର୍ମାଗଞ୍ଜନ (୨ ପ୍ରକାର)
ସସ୍ତ୍ରୀକ ଆଧାତ୍ମିକ ମୋହ
ଗୃହସ୍ଥ-ଆର୍ଯ୍ୟଗୁରୁ
ଗୃହସ୍ଥ-ରାଜଗୁରୁ
ଜ୍ଞାତଚୋର୍ମା
(୨ ପ୍ରକାର)
ଅହିଜ୍ଞାତଚୋର୍ମା (୨ ପ୍ରକାର)
ହିତଜ୍ଞାତ
ଅହିତଜ୍ଞାତ
ସୁଷୁପ୍ତି
ଅସୁଷୁପ୍ତି (୨ ପ୍ରକାର)
କୁଣ୍ଡଳିନୀ
ଗ୍ରୀବା କୁଣ୍ଡଳିନୀ
ଗୁର୍ବାଗଞ୍ଜନ ମୋହ (୨୫ ପ୍ରକାର)
୧ ଦ୍ରବ୍ୟସାତ୍ତ୍ୱିକ
୨ ସେବାସାତ୍ତ୍ୱିକ
୩ କୃରିସାତ୍ତ୍ୱିକ
୪ ସବ୍ୟସାତ୍ତ୍ୱିକ
୫ ନିତ୍ୟସାତ୍ତ୍ୱିକ
୬ ଅନିତ୍ୟସାତ୍ତ୍ୱିକ
୭ ଆକାଂକ୍ଷିକ
୮ ସାକ୍ତ
୯ ଅନାସକ୍ତ
୧୦ ବ୍ୟକ୍ତ
(୨ ପ୍ରକାର)
୧୧ ଅବ୍ୟକ୍ତ
୧୨ ବିକ୍ଷରିତ ଅଂଶ
୧୩ କ୍ଷରିତ ଅଂଶ
୧୪ ଆର୍ଦ୍ରସାକ୍ତ
୧୫ ଧୂକସାକ୍ତ
୧୬ ନିଅତସାକ୍ତ
୧୭ ପ୍ରତୀକ
ହ୍ରାସଚିତ୍ତ ଚୈତନ୍ୟ
ଅଭିକ୍ଷ୍ୟଚିତ୍ତ ଚୈତନ୍ୟ
୧୮ ଶାକ୍ୟସାକ୍ତ
(୨ ପ୍ରକାର)
୧୯ କ୍ଷରିତ
(୬ ପ୍ରକାର)
୨୦ ଅନୁକ୍ଷରିତ
୨୧ ସିପ୍ସା
୨୨ ଧିସିପ୍ସ
୨୩ ଯୁକ୍ତ
୨୪ ବିଯୁକ୍ତ
୨୫ ତତ୍ତ୍ୱସାତ୍ତ୍ୱିକ
(୨ ପ୍ରକାର)
ଅକ୍ଷର
ମୋହଯାନ
ଗାନ୍ଧର୍ବ
ମୋହଯାନ
I ସୂକ୍ଷ୍ମାଦି ସାହିତ୍ୟ
II ସୂକ୍ଷ୍ମାଦି କାବ୍ୟ କବିତା
III ସୂକ୍ଷ୍ମାଦି କଥକ
IV ସୂକ୍ଷ୍ମାଦି ନୃତ୍ୟ
V ସୂକ୍ଷ୍ମାଦି ନାଟ୍ୟ
VI ସୂକ୍ଷ୍ମାଦି ଚାରୁଚିତ୍ରକଳା
ସୂକ୍ଷ୍ମ-ସାତ୍ତ୍ୱିକ
କାରଣ-ସାତ୍ତ୍ୱିକ


## ପାରିବାରିକ ମୋହ :

ପ୍ରତ୍ୟେକ ଜୀବ ପରମେଶ୍ୱରଙ୍କ ସୃଷ୍ଟି । ତାଙ୍କର ଇଚ୍ଛା ବଳରେ ଏ ଜଗତ ସୃଷ୍ଟି ହୋଇଛି । ସେ ହେଉଛନ୍ତି ସର୍ବମୟ କର୍ତ୍ତା, ସର୍ବବ୍ୟାପକ ବ୍ରହ୍ମ । ମହାପ୍ରଳୟ ସମୟରେ ପୃଥିବୀର ସମସ୍ତ ଚରାଚର ତାଙ୍କରିଠାରେ ଲୀନ ହୁଅନ୍ତି । ସମସ୍ତ ଜୀବାତ୍ମା ନିଜ ନିଜର ସଂସ୍କାର ସହିତ ତାଙ୍କରିଠାରେ ମଧ୍ୟ ଲୀନ ହୋଇଯାଆନ୍ତି । ସେହି ଅବସ୍ଥାରେ ପରସ୍ପର ଜୀବାତ୍ମା ମଧ୍ୟରେ କିଛି ସମ୍ବନ୍ଧ ନଥାଏ । କେହି କାହାକୁ ଚିହ୍ନି ପାରନ୍ତି ନାହିଁ । ପରମାତ୍ମାଙ୍କ ଇଚ୍ଛା ବଳରେ ପୁନଶ୍ଚ ସେ ଲୀଳା ରଚନା କରିବାପାଇଁ ସୃଷ୍ଟି ସର୍ଜନା କରନ୍ତି । ଏକରୁ ଅନେକର ସୃଷ୍ଟି ହୁଏ । ମନୁଷ୍ୟମାନେ ଜନନୀ ଜଠର ଜରାୟୁ ମାଧ୍ୟମ ଦେଇ ପୃଥିବୀରେ ଭୂମିଷ୍ଠ ହୁଅନ୍ତି । ମାତୃଗର୍ଭରେ ଅବସ୍ଥାନ କାଳରେ ବହୁତ କଷ୍ଟ ଯାତନା ପାଇ ତ୍ରାହି ତ୍ରାହି ବୋଲି ଭଗବାନଙ୍କୁ ପ୍ରାର୍ଥନା କରନ୍ତି । ପରମେଶ୍ୱରଙ୍କଠାରେ ଲୟ ରଖି ଶେଷରେ ଭୂମିଷ୍ଠ ହୁଅନ୍ତି । ସଂସାରର ଆଲୋକ ଦେଖି ପୂର୍ବ ଚିନ୍ତନ ତାଙ୍କର କିଛି ମନେ ପଡ଼େ ନାହିଁ । ଜନନୀର ସ୍ନେହ ଆଦର ପାଇ ତାକୁ ତାର ସର୍ବସ୍ୱ ବୋଲି ମନେ କରେ । ଧୀରେ ଧୀରେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ମାତାପ୍ରତି ଶିଶୁର ଆକର୍ଷଣ ବଢ଼େ ଏବଂ ମାତୃ ହୃଦୟ ମଧ୍ୟ ଶିଶୁଟିର ଯତ୍ନ ସେବା କରିବାରେ ଲାଗିପଡ଼େ । ପରସ୍ପର ମଧ୍ୟରେ ଏ ନିଜର ବା ଏ ମୋର ଏହି ଭାବନା ଜାତ ହୁଏ । ନବଜାତକଟି ବଡ଼ ହୋଇଗଲେ ନିଜକୁ ମୁଁ ବୋଲି ପ୍ରକାଶ କରି ମାତାଙ୍କୁ ସେ କେବଳ ମୋର ବୋଲି ଭାବେ । ସେହିପରି କରୁଣାମୟୀ ଜନନୀ ନବଜାତକର ଲାଳନ ପାଳନ କରି ଶିଶୁଟିକୁ ତାଙ୍କର ସର୍ବସ୍ୱ ବୋଲି ଭାବନ୍ତି । ଏହିପରି ଭାବରେ ପରସ୍ପରର ସ୍ନେହ ଆଦରରୁ ମନଭିତରେ ମୁଁ ଓ ମୋର ଭାବନା ଦୃଢ଼ ହୋଇଯାଏ । ଏହି ମମତ୍ୱର ପରିଣାମ ହିଁ ମୋହ ଅଟେ । ପରିବାରର ଅନ୍ୟ ସମସ୍ତ ସଦସ୍ୟ ମଧ୍ୟ (ପିତା-ମାତା, ଭ୍ରାତା ଭଗ୍ନୀ, ଜେଜେବାପା-ଜେଜେମା) ପରସ୍ପରର ସ୍ନେହ ଆଦର ଓ ନିଜର କର୍ତ୍ତବ୍ୟ ଜ୍ଞାନକୁ ଏହି ରୀତିରେ ପାଳନ କରି ମୋହରେ ଜଡ଼ିତ ହୋଇ ରହିଲେ, ପାରିବାରିକ ମୋହ ସୃଷ୍ଟି ହୁଏ । ମାତା ଓ ପିତାର ପରସ୍ପର ମଧ୍ୟରେ ଯେପରି ମମତ୍ୱ ରହେ, ସେହିପରି ପିତାମାତାଙ୍କର ସନ୍ତାନ ସନ୍ତତି ପ୍ରତି ମଧ୍ୟ ସେହିଭଳି ଭାବନା ରହିଲେ, ପରସ୍ପର ମିଳିମିଶି ସଂସାର ଗଠନ କରିଥାନ୍ତି । ଏହି ମୋହର ପରିସୀମା ବୃଦ୍ଧି ପାଇଲେ ଅନେକ କ୍ଷେତ୍ରରେ ନିଜର ସ୍ୱାର୍ଥ ସାଧନ ପାଇଁ କୁକର୍ମ କରିବାକୁ ଭୁଲନ୍ତି ନାହିଁ । ଏପରିକି ଯାହାଙ୍କ ପାଇଁ ସଂସାରରେ ତାଙ୍କର ସ୍ଥିତି, ସେହି ପରମେଶ୍ୱରଙ୍କୁ ମଧ୍ୟ ଭୁଲିଯାଇ, ବାଟବଣା ପଥିକ ହୋଇ ଏଣେ ତେଣେ ଘୁରି ବୁଲନ୍ତି ଓ ଦୁଃଖକଷ୍ଟକୁ ଆଦରି ନିଅନ୍ତି ।

କ୍ରମଶଃ...

*କଥା ପଦେ ପଦେ ମଧୁ ଢାଳୁଥାଏ ।*
*ଭିତରେ ଭିତରେ ବିଷ ଗାଳୁଥାଏ ॥*

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀହିଁ ପ୍ରକୃତି

ନିଜର ଭାବକୁ ଦୃଢ଼କରି ମନେ ଭଲମନ୍ଦ ଭୁଲିଗଲୁ ।
ଜନନୀ ଗର୍ଭରୁ ଜନମ ନେଇ ବି ଜଠରକୁ ପାଶୋରିଲୁ ।।
ମାତୃପୂଜା ଛାଡ଼ି ମାତୃ ହରଣରେ ନିଜକୁ ଡୁବାଇ ଦେଲୁ ।
କିଏ ଆଉ ତୋର ସାହା ହେବ ଧନ ଥରେ ମନେ ଚିନ୍ତା କଲୁ ।।

*ବ୍ରହ୍ମଲୀଳା ଅଂଶସ୍ୱରୂପ ମାୟା, ମୋହ, କାମ, କ୍ରୋଧ, ଲୋଭ ଇତ୍ୟାଦି ଇନ୍ଦ୍ରିମମାନଙ୍କ ଦ୍ୱାରା ପ୍ରତ୍ୟେକ ଜୀବ ବନ୍ଦୀ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ଚତୁର ଜୀବ ଯଦି ଏହିମାନଙ୍କର ଅସଲ ସ୍ୱରୂପ ବିଷୟକ ଜ୍ଞାନ ପ୍ରାପ୍ତି ହୋଇ ଏମାନଙ୍କୁ ସନ୍ତୁଷ୍ଟ କରି ମାତୃତ୍ୱର ମର୍ଯ୍ୟାଦା ଦାନ କରେ, ତେବେ ସେ ସମସ୍ତ ପରୀକ୍ଷାସୂତ୍ର ଅତିକ୍ରମ କରି ଏମାନଙ୍କର ଆଶୀର୍ବାଦ ପ୍ରାପ୍ତ ହୁଏ । ଫଳରେ ବ୍ରହ୍ମଙ୍କ ନିକଟତର ହେବାର ପଥ ଉନ୍ମୁକ୍ତ ହୋଇଯାଏ । ମାତ୍ର ଏମାନଙ୍କର ଅସଲ ରୂପ ଉଦ୍ଦେଶ୍ୟ କିପରି ଜ୍ଞାତ ହେବ, ତାହାର କୌଣସି କୌଶଳ ବା ରୂପରେଖ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇନଥିଲା । କଲ୍ୟାଣମୟ ମାୟାଧର ସ୍ୱୟଂ ଏହି ଅଦ୍ଭୁତ ବିବରଣୀ ପ୍ରଦାନ କରିବା ସଂଗେ ସଂଗେ ଜୀବଜଗତକୁ ଜ୍ଞାନାଲୋକର ସନ୍ଧାନ ଦେବା ଉଦ୍ଦେଶ୍ୟରେ କ୍ରମାଗତ ଭାବରେ ତାଙ୍କର ଆଶିଷ ଝରାଇ ଚାଲିଛନ୍ତି । ଆମେ ତାଙ୍କର ଦିବ୍ୟବିଭୂତିକୁ ସଂଗ୍ରହକରି 'ଚରମ'ର ଏହି ସ୍ତମ୍ଭ ମାଧ୍ୟମରେ ଧାରାବାହିକ ଭାବରେ ବିତରଣ କରି ଚାଲିଛୁ । ଆଶା, ବିଶ୍ୱାସ ରଖୁଛୁ ପରମପିତାଙ୍କର ଆଶୀର୍ବାଦରେ ଉକ୍ତ ଦିବ୍ୟଜ୍ଞାନ ସମସ୍ତଙ୍କୁ ଆକୃଷ୍ଟ କରି ସତ୍ୟଲୋକ ପ୍ରାପ୍ତିରେ ନିଶ୍ଚୟ ସହାୟକ ହେବ ।।*

'ଚରମ' ୮ମ ପୁଷ୍ପ - ଷଷ୍ଠ ପାଖୁଡ଼ା- ୪୩ ସଂଖ୍ୟା ଅନୁସୃତିରୁ......

---

### ବୈଷ୍ଣବୀମାୟା — ମୁଁ ସୂତାରୀ ମାୟା...

ପୂର୍ବସଂଖ୍ୟାରେ ମୋର ଦେବଲୋକ ଓ ତପଲୋକରେ ନ୍ୟସ୍ତ ହୋଇଥିବା ବ୍ରହ୍ମ ଆଜ୍ଞାପାଳନର ଭୂମିକା ସଂପର୍କରେ କହିଥିଲି । ଏଥରକ -

**ମର୍ତ୍ତ୍ୟଲୋକରେ ମୋର କର୍ତ୍ତବ୍ୟ ଓ ଭୂମିକା :-**

୧. କୌମଦକୀ ମାୟାଂଶ ପ୍ରଭାବରେ ଜୀବପିଣ୍ଡର ନାଦଗର୍ଦ୍ଦଣ କୋଷ ଜୀବର ଅଭ୍ୟାସକର୍ମକୁ ଲୟରଖି ତାହାକୁ କର୍ମଫଳରେ ରୂପାନ୍ତରୀତ କରିବା ସମୟରେ ଭାବ ଅସଂଯତ, ଉଶୃଙ୍ଖଳ ହୋଇଯାଏ । ତେଣୁ ଜୀବର

ସଂଯମ ଶକ୍ତି ଧୀରେ ଧୀର ଲୋପପାଇ ଅନ୍ୟାନ୍ୟ କୋଷ ଓ ସ୍ନାୟୁ ଅନିୟନ୍ତ୍ରିତ ହୋଇ ଗତିକରନ୍ତି । ସେହି ସମୟରେ ମୁଁ ଲାଲବର୍ଣ୍ଣର ଜ୍ୟୋତିସହ କୌମଦକୀ ସହିତ ଏକତ୍ର ହୋଇଯାଏ । ଏହାର ପ୍ରଭାବରେ ଜୀବ ଅନୈତିକ, ଅବିବେକୀ କାର୍ଯ୍ୟ କରିବାପାଇଁ ଭୟଭୀତ ହୋଇଯାଏ ଏବଂ ଶୁଦ୍ଧ ବିବେକ ଦ୍ୱାରା ଧୀରେ ଧୀରେ ସଂଯତ ହୋଇଯାଏ । ଉକ୍ତ ସଂଯମ ଅଭ୍ୟାସ ଯଦି ନିୟମିତ କରାଯାଏ ତେବେ ମୋର ମାୟାବଳୟ ଶକ୍ତ ଏବଂ ଦୃଢ଼ ହୋଇଯାଏ । ଫଳରେ ଜୀବ ପର୍ଯ୍ୟାୟକ୍ରମେ ପୂର୍ଣ୍ଣ ସଂଯମ ଅବସ୍ଥାରେ ପହଞ୍ଚି ଶୁଦ୍ଧ ଆଚରଣରେ ସିଦ୍ଧ ହୋଇ ବ୍ରହ୍ମ ଅନୁଭୂତି ପ୍ରାପ୍ତ ପାଇଁ ବ୍ୟାକୁଳ ହୋଇଯାଏ । କିନ୍ତୁ ପ୍ରଥମ ଅବସ୍ଥାର ଏହି ସଂଯମ ଆଚରଣ ଯଦି ଅଭ୍ୟାସ କରାନଯାଏ ତେବେ ମୋର ମାୟାଶିକୁଳି ଧୀରେଧୀରେ ଶିଥିଳ ହୋଇ ଶେଷରେ ସଂପୂର୍ଣ୍ଣ ନିଷ୍କ୍ରିୟ ହୋଇଯାଏ । ପରିଣାମରେ ଜୀବ ଇନ୍ଦ୍ରିୟମାନଙ୍କର ଦାସତ୍ୱ ସ୍ୱୀକାର କରି ଅତି ନିମ୍ନସ୍ତରର ଜୀବନ ବିତାଇବାକୁ ବାଧ୍ୟହୁଏ । ନାଦଗର୍ଦ୍ଧଣ କୋଷର ଉକ୍ତ ନୀଚ ପ୍ରବୃତ୍ତି ଜନିତ କର୍ମର ଫଳକୁ ସାଇତିରଖି କୌମଦକୀ ସାହାଯ୍ୟରେ ଜୀବକୁ ଭୋଗ କରାଇବାକୁ ବାଧ୍ୟ କରେ ।

୨. ଉପରୋକ୍ତ ଭୟ ସୃଷ୍ଟି କେଉଁ କେଉଁ ଅବସ୍ଥାରେ ମୁଁ ସୃଷ୍ଟିକରି ଜୀବକୁ ସଂଯମ ଆଚରଣ ପାଇଁ ଯତ୍ନଶୀଳ କରାଏ ତାହାର କେତେକ ଉଦାହରଣ ଦେଉଛୁ । ଯଥା :-

(କ) ବିଦ୍ୟାଳୟ ଗୃହରେ ଛାତ୍ର, ଛାତ୍ରୀଗଣ ଉଶୃଙ୍ଖଳିତ ହୋଇ ଗଣ୍ଡଗୋଳ ସୃଷ୍ଟି କରୁଥିବା ସମୟରେ ଯଦି ଶିକ୍ଷକ ପ୍ରବେଶ କରିଯା'ନ୍ତି, ତେବେ ପିଲାମାନେ ନୀରବ ହୋଇ ସ୍ଥିର ହୋଇଯାଆନ୍ତି । ଏହାର କାରଣ ମୁଁ ହିଁ ହୋଇଥାଏ । ଶିକ୍ଷକଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ, ଭକ୍ତି ପ୍ରଦର୍ଶନ କରାଇବାର ଲକ୍ଷ୍ୟନେଇ ମୁଁ ବିବେକକେନ୍ଦ୍ରକୁ ମାୟାଦ୍ୱାରା କମ୍ପନ ଆଘାତ ଦିଏ । ଫଳରେ ଶରୀର ହଠାତ୍ ଏକ ଅହେତୁକ ଶିହରଣ ଉପଲବ୍ଧି କରେ । ତା'ର ମନରେ ଆପେ ଆପେ ଶିକ୍ଷକଙ୍କ ପ୍ରତି ଭୟ ସୃଷ୍ଟି ହୋଇଯାଏ । ଏହି ଆଘାତ ମୁଁ ଥରେ ମାତ୍ର ଦେଇଥାଏ । ଛାତ୍ରଟି ଯଦି ଏହି ଆଘାତର ସ୍ମୃତିକୁ ମାନସପଟରେ ରଖି ତାକୁ ତତ୍କାଳ ଅବସ୍ଥାରେ ସ୍ମରଣ କରିବାର ଅଭ୍ୟାସ କରେ ଏବଂ ସର୍ବଦା କାର୍ଯ୍ୟକାରୀ କରାଏ ତେବେ ତା'ର ନାଦଗର୍ଦ୍ଧଣ କୋଷରେ ଏହି ସଂଯମ ଧୀରେ ଧୀରେ ବୃଦ୍ଧି ଓ ଶେଷରେ ସଂଯମ କୋଷର ଆକାର ଧାରଣ କରେ । ଯଦି ଅଭ୍ୟାସ ନ ରହେ ତେବେ ଛାତ୍ର ମନରେ ଆଉ ଭୟ ରହେନାହିଁ । ଧୀରେ ଧୀରେ ସେ ଉଶୃଙ୍ଖଳ, ହିଂସ୍ର ହୋଇ ପତନ ପଥର ଯାତ୍ରୀ ହୋଇଯାଏ ।

(ଖ) ସରକାରୀ ବା ବେସରକାରୀ ଅଫିସ୍‌ରେ ତଳକର୍ମଚାରୀମାନେ ଚୁପୁରୁଚାପୁର ଫୁସ୍‌ଫୁସ୍ ବା ଉଚ୍ଚାଙ୍ଗ କଣ୍ଠରେ ପରିବେଶକୁ ଅଶାନ୍ତ କରୁଥାନ୍ତି । ଏହି ସମୟରେ ଅଫିସର ଯଦି ପ୍ରବେଶ କରୁଛନ୍ତି, ତେବେ ସେମାନେ ସ୍ୱୟଂଚାଳିତ କ୍ରିୟାରେ ନୀରବ ହୋଇଯାଇ ଶାନ୍ତ ପରିବେଶ ସୃଷ୍ଟି କରିଦିଅନ୍ତି । ଉପରବର୍ଣ୍ଣିତ ପ୍ରଣାଳୀରେ ମୁଁ ହିଁ ଏହି କାର୍ଯ୍ୟ କରିଥାଏ ।

(ଗ) ଯେଉଁମାନଙ୍କର ଗୁରୁ, ଗୁରୁଜନମାନଙ୍କ ପ୍ରତି ଆଦର ଓ ଭକ୍ତି ଥାଏ, ତା'ର ସ୍ୱାଭାବିକ ଅବସ୍ଥା ଭୟରେ ସଂଯମ ତୋଳେ । ତାହାର କାରଣ ମଧ୍ୟ ମୋ'ରି ମାୟାର ବିସ୍ତାରିତ ଅଂଶ ଦ୍ୱାରା ସଂଗଠିତ ହୋଇଥାଏ ।

(ଘ) ବ୍ୟକ୍ତି ଯେତେବେଳେ ଅସଂଯତ ହୋଇ ନିଜର ଆକାଂକ୍ଷା, ଅଭିଳାଷ ପୂର୍ଣ୍ଣ କରିବାକୁ ଯାଇ ସଂପୂର୍ଣ୍ଣ ଭାବରେ ପ୍ରତିହିଂସା ପରାୟଣ ହୋଇଯାଏ, ଏବଂ ମୋ ଦ୍ୱାରା ତା'ର ମନରେ ସୃଷ୍ଟି ହେଉଥିବା ଭୟ ଓ କର୍ମଫଳଜନିତ ଆଶଙ୍କାକୁ ବେଖାତିର କରିଦିଏ, ସେତେବେଳେ ତା ଭିତରେ

ଜବରଦସ୍ତ ଧମକ ଭାବକୁ ମୁଁ ପ୍ରବେଶ କରାଇଦିଏ । ତା'ର ପ୍ରଭାବରେ ଅନ୍ୟପ୍ରତି ତା'ର କୁଭାବ ନିଜ ଶରୀରରେ ପ୍ରତିଫଳିତ ହୁଏ । ସେହି ସମୟରେ ସେ ବ୍ୟକ୍ତି ନିଜେ ନିଜ ଶରୀରକୁ କ୍ଷତବିକ୍ଷତ କରିଦିଏ । ଯଥା - ମୁଣ୍ଡ ପିଟିଦିଏ । ନିଜ ଛାତି, ହାତ ଇତ୍ୟାଦି ଅଙ୍ଗ ଅବୟବକୁ ମାରପିଟ କରେ । ସମୟେ ସମୟେ ମାତ୍ରାଧିକ ଭାବର ପ୍ରଭାବରେ ଅସ୍ତ୍ରଦ୍ୱାରା ନିଜକୁ ନିଜେ କ୍ଷତ, ବିକ୍ଷତ କରିଦିଏ । ଏହା ଫଳରେ କିଛି ସମୟପରେ ତା'ର ମନର ଅବସ୍ଥା ସ୍ୱାଭାବିକ ଅବସ୍ଥାକୁ ଫେରିଆସେ । କିନ୍ତୁ ଏହି ସ୍ଥିତିକୁ ରକ୍ଷା କରିବା ପାଇଁ ଯଦି ସେ ଅଭ୍ୟାସ ନ କରେ, ତେବେ ମୁଁ ନୀରବ ରହିଯାଏ । ତେଣୁ ବ୍ୟକ୍ତି ତା'ର ଅପରିଣାମଦର୍ଶିତାରେ ବାହ୍ୟକୁ କାର୍ଯ୍ୟରେ ଲିପ୍ତ ହୋଇଯାଏ ଏବଂ ପର୍ଯ୍ୟାୟକ୍ରମେ ତା'ର ପତନ ହୋଇଯାଏ । ସମାଜରେ ଏକ ନିନ୍ଦିତ ଘୃଣିତ ବ୍ୟକ୍ତିର ପରିଚୟ ବହନ କରି ଜୀବନ ଅସଫଳ ହେବାର କାରଣ ହୋଇଯାଏ ।

(ଡ) ବ୍ୟକ୍ତି ଯେତେବେଳେ ଦୁର୍ବଳମନା ହୋଇ ଦୃଢ଼ତାପ୍ରତି ଆଗ୍ରହ ପ୍ରକାଶ ନକରେ, ସେତେବେଳେ ମୋର ମାୟା ତାହାକୁ ଏପରି ଏକ ଅବସ୍ଥାକୁ ନେଇଯାଏ, ଯାହାଫଳରେ ଅନ୍ଧକାରକୁ ସେ ଭୟକରେ । ଏକାକୀ ଅନ୍ଧକାରରେ ଯିବାକୁ , ରହିବାକୁ ଡ଼ରିଯାଏ । ଏପରି ମାୟାରେ ବନ୍ଦୀକରିବାର କାରଣ ହେଉଛି, ଦୁର୍ବଳମନା ବ୍ୟକ୍ତି ସୃଷ୍ଟିଚକ୍ରର କାଳଗତିକୁ ଆଦୌ ସାମ୍ନା କରିପାରେ ନାହିଁ ଏବଂ ତାହାଦ୍ୱାରା ତା'ର ଅଶେଷ କ୍ଷତିସାଧନ ହୁଏ । ସେଥିପାଇଁ ମୋର ମାୟା ତାହାକୁ ଭୟଦ୍ୱାରା ଏକାକୀ ଯିବାକୁ ନଦେଇ ସତର୍କ ହେବାର ନିର୍ଦ୍ଦେଶ ଦେଇଥାଏ । ଏହି ଶ୍ରେଣୀର ବ୍ୟକ୍ତିମାନେ ଭୂତ, ପ୍ରେତ, ଆଦି ଅଶରୀରୀ ଆତ୍ମାଙ୍କ ସଂପର୍କରେ ଶୁଣିଲେ ବା ହଠାତ୍ ଅନୁଭବ କରିଲେ ଅତ୍ୟନ୍ତ ଭୟଭୀତ ହୋଇଯାଆନ୍ତି କାରଣ ମୋର ମାୟା ସେମାନଙ୍କ ଶରୀରରେ ଲାଲବର୍ଣ୍ଣର ଜ୍ୟୋତିଦ୍ୱାରା ଭୟ ସଂଚାର କରାଇ ସେମାନଙ୍କୁ ବାଧ୍ୟକରି ଏହି ସ୍ଥିତିକୁ ନେଇଯାଏ । ଗୁରୁବାଦ ଯୁକ୍ତହୋଇ ଯେଉଁ ବ୍ୟକ୍ତି ଗୁରୁଆଜ୍ଞା, ନିର୍ଦ୍ଦେଶ ପାଳନରେ ଦୃଢ଼ତା ଆଚରଣ ଅଭ୍ୟାସକରେ, ତା'ର ଶରୀରରେ ବ୍ରହ୍ମଙ୍କ ଆଜ୍ଞାନୁସାରେ ମୋର ମାୟା କ୍ରମଶଃ ଶିଥିଳହୋଇ ଶେଷରେ ନିଷ୍କ୍ରିୟ ହୋଇଯାଏ । ତାହାପରେ ବ୍ୟକ୍ତି ବିବେକୀ, ନିର୍ଭୟ ହୋଇ ସତ୍‌ପଥରେ ଅଗ୍ରସର ହୁଏ ।

(ଚ) ବ୍ୟକ୍ତି ଯେତେବେଳେ ନିଜଭିତରେ ଥିବା ହିଂସ୍ରଭାବ, ନିର୍ଦ୍ଦୟଭାବର ଅଭ୍ୟାସରେ ଗତିକରିବାକୁ ଆରମ୍ଭକରେ, ସେତେବେଳେ ମୁଁ ଗୋଲାପିରଙ୍ଗର ଜ୍ୟୋତି ନେଇ ତା ମଧ୍ୟରେ ପ୍ରବେଶକରେ ଏବଂ ଅନ୍ୟପ୍ରକାରର ଭୟ ସୃଷ୍ଟି କରାଏ । ସେତେବେଳେ, ବ୍ୟକ୍ତି ବାଘ, ଭାଲୁ, ସିଂହ, ସର୍ପ, କୁକୁର ଇତ୍ୟାଦି ହିଂସ୍ରଯନ୍ତୁମାନଙ୍କୁ ଦେଖିଲେ ବା ତାଙ୍କ ସଂପର୍କରେ ଶୁଣିଲେ ଅତ୍ୟନ୍ତ ଭୟଭୀତ ହୋଇଯାଏ ।

....କ୍ରମଶଃ

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ଶୁଣିଛି ଲୋକ ମୁଖୁ ତୁମେ ଜଗତ ସାଇଁ ।
ତୁମର ଇଚ୍ଛାବିନା ବ୍ରହ୍ମାଣ୍ଡ ରହେ ନାହିଁ ॥
ପିଣ୍ଡରେ ଗୁପ୍ତଭାବେ ରହିଛ ସାକ୍ଷୀ ହୋଇ ।
ମାୟାର ବନ୍ଧନରେ ଚେତନା ରହେ ନାହିଁ ॥

ହେ ନାଥ ପିଣ୍ଡପତି କରୁଣା କର ଥରେ ।
ବାଳୁତ ସମୟରୁ ତୁମକୁ ଜାଣିପାରେ ॥
ମାୟାକୁ କହିଦିଅ ହେଉ ସେ ମାଆ ମୋର ।
ତାର କୋଳରେ ବସି ହୁଏ ମୁଁ ପିତାଙ୍କର ॥

***ଆଜିର ପଥଭ୍ରଷ୍ଟ ସମାଜ ବାସ୍ତବତାକୁ ହେୟଜ୍ଞାନକରି ନିଜର ତଥା ସୃଷ୍ଟିର ଅପୂରଣୀୟ କ୍ଷତିକରି ଚାଲିଛି । କିନ୍ତୁ ତା'ର ପ୍ରତିକାର ପାଇଁ କାହାରି ଆନ୍ତରିକତା ଦୃଷ୍ଟି ଗୋଚର ହେଉନାହିଁ । ଆସନ୍ତାକାଲିର ସୁସ୍ଥ ସମାଜ ପାଇଁ ବର୍ତ୍ତମାନଠାରୁ ଯତ୍ନ ନନେଲେ ସୃଷ୍ଟି ନିଶ୍ଚିତ ଭାବେ ଅସନ୍ତୁଳନ ଅବସ୍ଥାକୁ ଆସିଯିବ । ଆଜିର ଯେ ଶିଶୁ, ସେ ହିଁ ଆଗାମୀ ଭବିଷ୍ୟତ । ତେଣୁ ଶୈଶବରୁ ଯଦି ନିୟନ୍ତ୍ରିତ ପରିବେଶ, ପରିସ୍ଥିତି ମଧ୍ୟରେ ଶିଶୁର ଚରିତ୍ର ଗଠନ କରାଯାଏ, ତେବେ ଶୃଙ୍ଖଳିତ ସମାଜଗଠନରେ କୌଣସି ପ୍ରତିବନ୍ଧକ ଆସିବନାହିଁ । ସେହି ଲକ୍ଷ୍ୟନେଇ କରୁଣାଭଣ୍ଡାର ଠାକୁରେ ଏହି ସ୍ତମ୍ଭରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି ଏବଂ ମହାମାନବମାନଙ୍କ ଆତ୍ମଜୀବନୀ ପ୍ରକାଶ ଛଳରେ ବାଲ୍ୟକାଳରୁ ଧର୍ମ ଧନ ସଞ୍ଚୟର ପ୍ରେରଣା ଦେଇ ଚାଲିଛନ୍ତି ।***

'ଚରମ' ଅଷ୍ଟମପୁଷ୍ପ : ଷଷ୍ଠ ପାଖୁଡ଼ା : ୪୩ (ତ୍ରିଚତ୍ୱାରିଂଶତମ) ସଂଖ୍ୟା ଅନୁଶ୍ରୁତିରୁ

## ବିସ୍ମୟ ଶ୍ରଦ୍ଧାନନ୍ଦ

ସ୍ନେହମୟୀ ଜନନୀଙ୍କ ଠାରୁ ଉପଦେଶ ଓ ଅଭ୍ୟାସ ସୂତ୍ର ଶୁଣୁଥିବା ଅବସ୍ଥାରେ 'ଶର' ବାତୁଳପ୍ରାୟ ଭାବବିହ୍ୱଳ ହୋଇ ମା'ଙ୍କ କୋଳରେ ଲୋଟିଗଲା ଏବଂ କାନ୍ଦିପକାଇଲା । ବାରମ୍ବାର ପ୍ରଣାମକରି ଅଧିକ ଜିଜ୍ଞାସୁ ହୋଇ କହିଲା, ''ମାଆ ! ତୁମେ ଯାହା କହିଲ ତାହାକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି । ସକାଳୁ ଉଠି ତୁମକୁ ପ୍ରଣାମ କରିବାପରେ ମୋତେ ଆଉ କ'ଣ କରିବାକୁ ହେବ, ମୋତେ ବୁଝାଇ କହିଦିଅ ।'' ଆନନ୍ଦରେ ଅଧୀରା ମା' ମାଧବୀ କହିଲେ;


ପିତାମାତାଙ୍କୁ ପ୍ରଣାମ କରିବାପରେ ଗୁରୁଦେବଙ୍କୁ ପ୍ରଣାମ କରିବୁ । ଗୁରୁ ହେଉଛନ୍ତି ସର୍ବଶକ୍ତିମୟ ପରମେଶ୍ୱର, ତୋର ମନକୁ ବ୍ୟାକୁଳ କରୁଥିବା 'ମାଧବ' । ସେ ହିଁ ତୋର ପିଣ୍ଡକର୍ତ୍ତା । ତୋର ପିଣ୍ଡ ହେଉଛି ଗୋଟିଏ ଯନ୍ତ୍ର । ସେ ହେଉଛନ୍ତି ସେହି ଯନ୍ତ୍ରର ଯନ୍ତ୍ରୀ । ତାଙ୍କ ଇଚ୍ଛା ଅନୁସାରେ ସେ ତୋର ପିଣ୍ଡକୁ ଚଳାଉଛନ୍ତି । ତୋତେ ସଂପୂର୍ଣ୍ଣ ଭାବରେ ଗ୍ରହଣକରି କେତେବେଳେ ତାଙ୍କ ଇଚ୍ଛାରେ ଚଳାଇବେ ଜାଣିଛୁ ? ବୁଝାଇ କହୁଛି ଶୁଣ୍ । ଯେତେବେଳେ ସେ ଲକ୍ଷ୍ୟକରି ଦେଖିବେ ଯେ, ତୁ ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି, ବସ୍ତୁ, ବା ପଦାର୍ଥକୁ ନଜର ନଦେଇ କେବଳ ତାଙ୍କୁ ହିଁ ଚିନ୍ତା କରୁଛୁ; ଯେଉଁ କର୍ମ କରୁଛୁ ଯଥା : ଖାଇବା, ଖେଳିବା, ପାଠ-ପଢ଼ିବା, ଇତ୍ୟାଦି ସମସ୍ତ କ୍ରିୟାକୁ କରିବା ପୂର୍ବରୁ ମନେ ମନେ ଚିନ୍ତାକରି ତାଙ୍କୁ ସମର୍ପଣ କରୁଛୁ କିନ୍ତୁ କର୍ମର ଫଳପ୍ରତି ମନରେ ଆଶା ନରଖି, ତାଙ୍କରି ଉପରେ

ଭରସା ରଖିବୁ; ଏବଂ କହିବାର ଅଭ୍ୟାସ କରିବୁ ''ହେ ମାଧବ ! ମୁଁ ଖେଳିବାପାଇଁ ଯାଉଛି । ଯେଉଁ ଖେଳ ଖେଳିବି, ସେ ଖେଳରେ ତୁମେ ରହିବ, ଖେଳରେ ହାରିଗଲେ ତୁମେ ହାରିବ ଓ ଜିତିଲେ ତୁମେ ହିଁ ଜିତିବ ।'' ଜିତିଗଲେ ତୁ ଜିତିଛୁ ବୋଲି ଖୁସି ହେବୁନାହିଁ କିମ୍ବା ହାରିଗଲେ ଦୁଃଖ କରିବୁ ନାହିଁ । ସେହିପରି ଖାଦ୍ୟ ଖାଇବା ସମୟରେ ଚିନ୍ତା କରିବୁ, 'ହେ ପ୍ରଭୁ ! ଶରୀର ରକ୍ଷା କରିବା ପାଇଁ ମୁଁ ଯେଉଁ ଖାଦ୍ୟ ଗ୍ରହଣ କରୁଛି, ତୁମେ ନିଜେ ମୋ ଶରୀର ମଧ୍ୟରେ ଅବସ୍ଥାନ କରିଛ, ଏହି ଖାଦ୍ୟକୁ ତୁମେ ହିଁ ଗ୍ରହଣ କର । ଖାଦ୍ୟ ଶରୀରକୁ ଯିବା ସମୟରେ ଏବଂ ତାହାପରେ ଯେଉଁ ଫଳ ମିଳିବ ତାକୁ ମଧ୍ୟ ତୁମେ ନେଇଯାଅ । କିନ୍ତୁ ଧନରେ ! ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସରେ ତୁ ଯାହାଦେଲେ ସେ ନେଇଯିବେ ସିନା, ମାତ୍ର ଅଖାଦ୍ୟ, ଅଭକ୍ଷ ଖାଇଲେ ତାଙ୍କୁ ଅନେକ କଷ୍ଟ ହେବ । କାରଣ ଆସୁରୀକ ତଥା ଗୁରୁପାକ ଖାଦ୍ୟ ସେ ଭଲପାଆନ୍ତି ନାହିଁ । ଏ ପର୍ଯ୍ୟନ୍ତ ନୀରବ ନିଶ୍ଚଳ ହୋଇ ମା'ଙ୍କ କଥା ଶୁଣୁଥିବା 'ଶର' ହଠାତ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ''ମା ! ଖାଦ୍ୟ ତ ଖାଦ୍ୟ । ପୁଣି ଅଖାଦ୍ୟ, ଅଭକ୍ଷ କାହାକୁ କହନ୍ତି ?'' ହସି ହସି ମା' କହିଲେ, ମାଛ, ମାଂସ, ଅଣ୍ଡା, ପିଆଜ, ରସୁଣ, ମଦ, ହାଣ୍ଡିଆ, ଗଞ୍ଜେଇ, ଅଫିମ, ବିଡ଼ି, ସିଗାରେଟ୍, ହୁକା, ତମାଖୁ, ଗୁଡ଼ାଖୁ, ବିଭିନ୍ନ ପ୍ରକାର ଚକୋଲେଟ, ଥଣ୍ଡା ତରଳ ପଦାର୍ଥ ଯଥା, ଆଇସକ୍ରିମ୍, କେକ୍, ଅତ୍ୟଧିକ ତେଲ, ମସଲାଯୁକ୍ତ ଖାଦ୍ୟ, ରାତିରୁ ବଳିପଡ଼ିଥିବା ଏବଂ ପରଦିନ ସକାଳକୁ ରହିଥିବା ଖାଦ୍ୟ ପଦାର୍ଥ, ଥଣ୍ଡାପାନୀୟ, ଅପରିଷ୍କାର ଜଳ, ଭଲକରି ସିଦ୍ଧ ହୋଇନଥିବା ଅର୍ଥାତ୍ ଉତ୍ତମରୂପେ ଶିଝିନଥିବା ଖାଦ୍ୟବସ୍ତୁ, ଇତ୍ୟାଦିକୁ ଅଖାଦ୍ୟ କହନ୍ତି । ଖାଇବାକୁ ଭକ୍ଷଣକରିବା କୁହାଯାଏ । ତେଣୁ ଉକ୍ତ ଅଖାଦ୍ୟ ଖାଇବାକୁ ଅଭକ୍ଷ ଭକ୍ଷଣ କରିବା କହନ୍ତି । ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁ 'ଶର' ପୁଣିଥରେ ପଚାରିଲା, ''ମା ! ଏହି ସମସ୍ତ ଖାଦ୍ୟ ଖାଇଲେ ମାଧବଙ୍କୁ କାହିଁକି କଷ୍ଟ ହୁଏ ଏବଂ ଶରୀରର କ'ଣ କ୍ଷତି ହୁଏ ?'' ଅଲିଅଳ ପୁଅର ଉପଯୁକ୍ତ ଜିଜ୍ଞାସା ଦେଖି ମାଆ ଆନନ୍ଦରେ ବିହ୍ୱଳ ହୋଇଗଲେ ଏବଂ କହିଲେ, ''ଯେଉଁ ଖାଦ୍ୟ ସଂପର୍କରେ କହିଲି, ସେ ସମସ୍ତ ଖାଦ୍ୟକୁ ତାମସିକ ବା ଆସୁରୀକ ଖାଦ୍ୟ କହନ୍ତି । ତୋର ହେଉ, ମୋର ହେଉ ବା ଅନ୍ୟ ସମସ୍ତ ମନୁଷ୍ୟର ହେଉ ଶରୀର ଅତି କୋମଳ ଅଟେ । ସେହି ଶରୀର ମଧ୍ୟରେ ଯେଉଁ ଯନ୍ତ୍ର ଖଞ୍ଜା ହୋଇଛି, ତା'ର କ୍ରିୟା ମଧ୍ୟ ଅତ୍ୟନ୍ତ ସୂକ୍ଷ୍ମ ଅଟେ । ଆସୁରୀକ ଖାଦ୍ୟ ଅତ୍ୟନ୍ତ କଠିନ ବା ଗରୁ ହୋଇଥିବାରୁ ତାହାକୁ ମାଧବଙ୍କ ଅତି କୋମଳ ଶରୀର ଗ୍ରହଣ କରିପାରେ ନାହିଁ । ଶରୀରର ଯନ୍ତ୍ର ମଧ୍ୟ ସେହି ଖାଦ୍ୟକୁ ସହଜରେ ହଜମ କରିପାରେ ନାହିଁ । ତେଣୁ ଆସୁରୀକ ଗୁରୁପାକ ଖାଦ୍ୟ ଶରୀର ମଧ୍ୟରେ ପ୍ରବେଶ କଲେ ତାହା ସହଜରେ ହଜମ ହୋଇପାରେ ନାହିଁ । ଶରୀରର ଯନ୍ତ୍ର ମଧ୍ୟ ଅତ୍ୟଧିକ ପରିଶ୍ରମ କରୁଥିବାରୁ ଖୁବ୍‌ଶୀଘ୍ର ଦୁର୍ବଳ ହୋଇଯାଏ । ଶରୀର ଦୁର୍ବଳ ହୋଇଗଲେ ଅନେକ ରୋଗ ଶରୀର ମଧ୍ୟରେ ପ୍ରକାଶପାଏ । ରୋଗଗ୍ରସ୍ତ ଶରୀରରେ ମନ ଆଦୌ ପବିତ୍ର, ସ୍ଥିର ରହେନାହିଁ । ସେହି କାରଣରୁ ଶରୀର ଅତିଶୀଘ୍ର ନଷ୍ଟ ହୋଇଯାଏ । ଆୟୁକ୍ଷୀଣ ହୋଇ ଅଳ୍ପବୟସରେ ମୃତ୍ୟୁ ହୋଇଯାଏ । ତେଣୁ ପିଲାଟି ଦିନରୁ ଯଦି ତୁ ସତର୍କ ହୋଇଯିବୁ, ତେବେ ତୋର ଦେହ, ମନ ସର୍ବଦା ସୁସ୍ଥ ରହିବ ଏବଂ ମାଧବଙ୍କର ଅତିପ୍ରିୟ ସାଥୀ ହୋଇ ଦୀର୍ଘାୟୁ ହେବୁ । 'ଶର'ର ଜିଜ୍ଞାସା ଆହୁରି ବୃଦ୍ଧି ପାଇଲା । ତେଣୁ ପୁନଶ୍ଚ ପ୍ରଶ୍ନକଲା, ''ଗଳ୍ପ କହି ମୋତେ ଶୁଆଇ ପକାଇବା ସମୟରେ [illegible] ତ ବାଘ, ସିଂହ, ଭାଲୁ, ବାର୍‌ହା, ଗଣ୍ଡା,

ଗୟଳ, ଗୋରୁ ଗାଈ, ଛେଳି ମେଣ୍ଢା ଇତ୍ୟାଦିଙ୍କ କଥା ମୋତେ କହିଥିଲ । ସେମାନେ ସମସ୍ତେ ତ ଏହି ଅଖାଦ୍ୟ ଖାଉଛନ୍ତି । ସେମାନଙ୍କ ଶରୀର ଏହାକୁ କିପରି ଗ୍ରହଣ କରୁଛି ? ସେମାନଙ୍କ ଶରୀରରେ ମାଧବ କିପରି ଏହାକୁ ବିନାକଷ୍ଟରେ ନେଇ ପାରୁଛନ୍ତି ? ମୋତେ ବୁଝାଇଦିଅ ।'' ମା' କହିଲେ; ଆମ କୁଡିଆ ଘରଟିକୁ ଲକ୍ଷ୍ୟ କର । ଡାଳ, ପତ୍ର ଓ ନଡ଼ାରେ ଏହିଘର ତିଆରି ହୋଇଛି । ଏହା ଉପରେ ଯଦି ଅତ୍ୟଧିକ ଓଜନବିଶିଷ୍ଟ କାଠଗଣ୍ଡି, ଲୌହନିର୍ମିତ ପଦାର୍ଥ ବା ପଥର ଖଣ୍ଡରେ ଆଘାତ ଦିଆଯିବ, ତେବେ ତାହା ସଂଗେ ସଂଗେ ଭାଙ୍ଗିଯିବ । ଖୁବ୍ ସହଜରେ ଭାଙ୍ଗିଯାଉଥିବା ଅଂଶକୁ କମ୍ ସମୟ ମଧ୍ୟରେ ଗଢ଼ିଦେଇହେବ । ଯେତେ ଖରା ହେଲେ ମଧ୍ୟ ଗରମ ଅଳ୍ପ ହେବ । ଜଙ୍ଗଲର ପ୍ରାକୃତିକ ସମ୍ଭାରରେ ମନ ଶାନ୍ତ ଓ ଆନନ୍ଦ ରହିବ । କିନ୍ତୁ ଆମ ଗାଁ ମୁଣ୍ଡ ସର୍ଦ୍ଦାରଙ୍କ ଘର ଦେଖ । ସେ ଘର ବାଲି, ଗୋଡ଼ି, ଇଟା, ସିମେଣ୍ଟରେ ନିର୍ମାଣ ହୋଇଛି । ତାହାକୁ କୋଠାଘର କହନ୍ତି । ଯେତେ ଆଘାତ ଦେଲେ ମଧ୍ୟ ସେ ଘର ସହଜରେ ଭାଙ୍ଗିବ ନାହିଁ । ଥରେ ଭାଙ୍ଗିଗଲେ ତାହାକୁ ସଂଗେ ସଂଗେ ତିଆରି କରିବା ସହଜ ନୁହେଁ । ବାହାରକୁ ଦେଖିବାକୁ ଖୁବ୍ ସୁନ୍ଦର ଦିଶୁଛି । କିନ୍ତୁ ଘର ଭିତରେ ଆମ କୁଡ଼ିଆ ପରି ଶାନ୍ତି ମିଳିବ ନାହିଁ । ସେହିପରି ଆମ ଶରୀର ମଧ୍ୟରେ ସଜାହୋଇ ରହିଥିବା ଯନ୍ତ୍ରମାନେ ବହୁତ କୋମଳ ଓ ଶାନ୍ତିଦାୟକ ହୋଇଛନ୍ତି । ସେଥିରେ ବୁଦ୍ଧି, ବିବେକ, ଧୀଶକ୍ତି, ବିଚାର କରିବାର ଶକ୍ତି ଦିଆଯାଇଛି । ତେଣୁ ପ୍ରତ୍ୟେକ ମଣିଷ ବୁଦ୍ଧିମାନ ହୋଇ ନିଜର ଶରୀରର ଧାରଣ କ୍ଷମତା ଉପରେ ସଚେତନ ହୋଇଥାନ୍ତି । ତେଣୁ ସେମାନେ ଦୀର୍ଘାୟୁ ହୁଅନ୍ତି । ମାତ୍ର ସିଂହ, ବ୍ୟାଘ୍ର ଆଦି ହିଂସ୍ରଜନ୍ତୁମାନଙ୍କର ଶରୀର, ସେହିପରି ଅଖାଦ୍ୟ ହଜମ କରିବା ନିମନ୍ତେ ଶକ୍ତ, କଠିନ ଯନ୍ତ୍ରରେ ନିର୍ମିତ ହୋଇଅଛି । ତେଣୁ ସେମାନଙ୍କର ମଣିଷପରି ବୁଦ୍ଧିନାହିଁ କିମ୍ବା ମଣିଷପରି ସେମାନେ ଦୀର୍ଘାୟୁ ନୁହଁନ୍ତି । ଆସୁରୀକ ପ୍ରବୃତ୍ତି ସେମାନଙ୍କର ମୌଳିକ ଗୁଣ ଅଟେ । ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ଯଦି ନିୟମିତ ଭାବରେ ଜଣେ ମଣିଷ ଖାଏ, ତେବେ ସେ ଗୋଟିଏ ହିଂସ୍ରଜନ୍ତୁ ପରି ହିଂସ୍ରକ, କ୍ରୋଧୀ, ଅବିବେକୀ, ଅବିଚାରକ ଓ ଅସହିଷ୍ଣୁ ହୋଇଯାଏ । ମନୁଷ୍ୟର ଶ୍ରେଷ୍ଠଗୁଣ ଅହିଂସା, ବିବେକ ବିଚାର, ସହନଶୀଳତା, ନମ୍ରତା, ସରଳତା ଆଦି ତା ନିକଟରେ ରହେନାହିଁ । ତେଣୁ ମାଧବ ସେପରି ବ୍ୟକ୍ତିର ଶରୀର ମଧ୍ୟରେ ଥିଲେ ମଧ୍ୟ ବ୍ୟକ୍ତି ତାଙ୍କୁ ଉପଲବ୍ଧି କରିପାରେ ନାହିଁ । ବରଂ ତାଙ୍କର (ମାଧବ) ଉପସ୍ଥିତିକୁ ଅବିଶ୍ୱାସ, ଅସ୍ୱୀକାର କରେ । ସେଭଳି ବ୍ୟକ୍ତିଙ୍କର ଦୁର୍ଲ୍ଲଭ ମନୁଷ୍ୟ ଜୀବନ ବ୍ୟର୍ଥ ହୋଇଯାଏ ।

ଆଜି ଏତିକି ଜାଣିଥା । ପରେ ଆଉ ଅନେକ କଥା ବୁଝାଇ ଦେବି ।''

କ୍ରମଶଃ....



# ଭଗବଦ୍ ପ୍ରେମ

ଆମ୍ଭେମାନେ ସମସ୍ତେ ଧର୍ମଧାରା ନେଇ ଠାକୁରଙ୍କର ଭକ୍ତ ସାଜିଛୁଁ, ଶିଷ୍ୟ ହୋଇଛୁଁ, ତାଙ୍କୁ ଠାକୁର ବୋଲି ମାନିଛୁଁ, ସତରେ ତାଙ୍କୁ ଆମ୍ଭେ ମନପ୍ରାଣରେ ଚାହୁଁ ବୋଲି ନୁହେଁ । ନିଜନିଜର ସ୍ୱାର୍ଥସିଦ୍ଧିପାଇଁ ତାଙ୍କର ଦରକାର ଅଛି ବୋଲି ଭାବରେ ଭାବିତ ହୋଇ ତାଙ୍କୁ ଆମ୍ଭେମାନେ ଭଗବାନ, ଠାକୁର, ପ୍ରଭୁ, ମହାପ୍ରଭୁ, ବ୍ରହ୍ମ, ପରଂବ୍ରହ୍ମ, ପୂର୍ଣ୍ଣପରଂବ୍ରହ୍ମ, ଚରମ ପୁରୁଷ, ଅବ୍ୟକ୍ତ ପୁରୁଷ ଇତ୍ୟାଦି କେତେକେତେ ପ୍ରକାରେ ସମ୍ବୋଧନ କରିଚାଲିଛୁଁ । ଏହା କ'ଣ ସତ୍ୟ ନୁହେଁ ? ଏହା ଯଦି ସାମାନ୍ୟତମ ସତ୍ୟ, ତେବେ ବୁଝିବାକୁ ହେବ ଯେ, ଆମ ଅନ୍ତଃକରଣରେ ଭଗବଦ୍‌ପ୍ରେମର ସାମାନ୍ୟତମ ଉନ୍ମେଷ ମଧ୍ୟ ଘଟି ନାହିଁ । ଆଉ ଏହା ଯଦି ମିଥ୍ୟା, ତେବେ କାହିଁ ଆମର ତ୍ୟାଗ ? କାହିଁ ଆମର ସେବା ? କାହିଁ ଆମର ଦାନ ? କାହିଁ ଆମର ନିଃସ୍ୱାର୍ଥପରତା ? ଫୁଲଟିଏ ଫୁଟିଲେ, ତା'ର ବାସ ଯେପରି ମହକର ଚମକ ଖେଳାଇଦିଏ, ସେହିପରି ଭଗବଦ୍ ପ୍ରେମ ସଜାହେଲେ, ଭଗବଦ୍ ପ୍ରେମୀ ଭକ୍ତ ଶିଷ୍ୟ ଅନୁଗତଙ୍କର ତ୍ୟାଗ, ସେବା, ଦାନ, ଧର୍ମ ଓ ନିଃସ୍ୱାର୍ଥପରତା ଆପଣାଛାଏଁ ଆଚରଣରେ ଫୁଟି ଉଠେ - ବାସ୍ତବ ଭାବରେ, ବିଶ୍ୱ ସମକ୍ଷରେ । ସେତେବେଳେ ହିସାବୀବୁଦ୍ଧି ଆଦୌ ହିଁ ନଥାଏ । ଭକ୍ତ ନିଃଶେଷ ହୋଇଯାଇ ମଧ୍ୟ ନିଃସ୍ୱାର୍ଥ ସେବା, ଦାନ, ଧର୍ମ, ତ୍ୟାଗରେ କଣିଚାଏ ସନ୍ତୋଷ ଲାଭ କରିପାରେ ନାହିଁ । ମନକୁମନ ଭାବି ବସେ - କ'ଣ ଟାଏ ଅଧିକ କରିପକାଇଲିଯେ ! ଆହୁରି ବହୁତ କିଛି କରିବାର ବାକି ରହିଗଲା । ସତରେ କ'ଣ ଏ ଜୀବନରେ ସେତକ କରି ପାରିବି ? ଭକ୍ତ ଦାସ ମନରେ ରହିଯାଏ ଅବଶୋଷ ।

ପ୍ରେମ ହେଉଛି ତାହା, ଯାହା ସଂପୂର୍ଣ୍ଣ ସ୍ୱାର୍ଥହୀନ; ଯାହା ସଂପୂର୍ଣ୍ଣ ତ୍ୟାଗ, ଆତ୍ମ ସମର୍ପଣ ଓ ଶରଣାଗତି ଉପରେ ପ୍ରତିଷ୍ଠିତ । ଏପରି ପ୍ରେମ ଯାହାକୁ ଅର୍ପିତ ହୁଏ, ପ୍ରେମିକ/ପ୍ରେମିକା କେବଳ ତାହାରି ହିଁ ମହିମା ଓ ସ୍ତୁତିଛଡ଼ା ଅନ୍ୟ କୌଣସି ଚିନ୍ତା ହିଁ ତା'ପାଖରେ ସ୍ଥାନ ପାଇପାରେ ନାହିଁ । ପ୍ରେମର ସ୍ୱଭାବ ହେଉଛି ପ୍ରଣତି (ପ୍ରଣାମ) ଓ ପୂଜା, ନିଃସ୍ୱାର୍ଥ ତ୍ୟାଗ ଏବଂ ସେବା । ପ୍ରତିଦାନରେ ପ୍ରେମ କିଛି ହିଁ ଚାହେଁ ନାହିଁ, କିଛି ହିଁ ଲୋଡ଼େ ନାହିଁ । ତେଣୁ ସେଠାରେ ଭୋଗର କାଣିଚାଏ ସୁଦ୍ଧା ନଥାଏ । କେବଳ ମାତ୍ର ପ୍ରାଣଖୋଲି ଭଲପାଇବା ହେଉଛି ବିଶୁଦ୍ଧ ପ୍ରେମର ଏକମାତ୍ର ଆବେଦନ ॥

ମୀରାଭଜନ ଆମ୍ଭେ ସମସ୍ତେ ପ୍ରାୟ ଶୁଣିଛୁଁ, ମୀରାବାଈଙ୍କ ଜୀବନ କାହାଣୀ ମଧ୍ୟ ଊଣାଅଧିକେ ଜାଣିଛୁଁ । ମୀରା ଥିଲେ ଜଣେ ସ୍ୱନାମଧନ୍ୟା ହିନ୍ଦୁ ସାଧିକା । ଗିରିଧାରୀ ଭଗବାନ ଶ୍ରୀକୃଷ୍ଣଙ୍କ ଠାରେ ଥିଲା ଅଚଳା ପ୍ରେମଭକ୍ତି, ପ୍ରଗାଢ଼ ଅନୁରାଗ । ବିବାହପରେ ସେ ତାଙ୍କ ସ୍ୱାମୀଙ୍କୁ ସ୍ପଷ୍ଟଭାବରେ ଜଣାଇ କହିଥିଲେ - ତୁମ ସହିତ ବିବାହବନ୍ଧନ ପୂର୍ବରୁ ମୁଁ ବିବାହିତା । ତାଙ୍କ ସ୍ୱାମୀ ତାଙ୍କୁ ପ୍ରଶ୍ନକଲେ - କାହା ସହିତ ? ସେ ସ୍ପଷ୍ଟ ଉତ୍ତର ଦେଲେ - ଗିରିଧରକୃଷ୍ଣଙ୍କ ସହିତ । ସେହି ମୀରା ଘରଘର, ଦ୍ୱାର ଦ୍ୱାର ବୁଲି ସେମାନଙ୍କୁ ସମସ୍ତଙ୍କୁ ଭଗବାନଙ୍କୁ ଭଲପାଇବା ଶିଖାଉଥିଲେ । ଭଗବାନ କୃଷ୍ଣଙ୍କୁ ଗଭୀରଭାବରେ ଭଲପାଇବା ପାଇଁ ପ୍ରତ୍ୟେକଙ୍କୁ ପ୍ରବର୍ତ୍ତାଉ ଥିଲେ, ଉତ୍ସାହିତ କରୁଥିଲେ ଓ ବ୍ୟାକୁଳ

ହୃଦୟରେ ଅନୁରୋଧ କରୁଥିଲେ । ତାଙ୍କ ରଚିତ ଭଜନଗୁଡ଼ିକ ମଧ୍ୟରୁ ଗୋଟିକରୁ ଶ୍ରୀକୃଷ୍ଣଙ୍କ ପ୍ରତି ତାଙ୍କ ହୃଦୟର ବ୍ୟାକୁଳତା କେତେ ଗଭୀର ଓ ପ୍ରଗାଢ଼ଥିଲା ତାହା ଜଣାଯାଏ - ''ମୁଁ ଧନ ମାନ କିଛିହେଲେ ଚାହେଁନା, ଏପରିକି ମୁକ୍ତିବି ଚାହେଁ ନାହିଁ; ପ୍ରଭୁ, ତୁମେ ଇଚ୍ଛାକଲେ, ମୋତେ ଶତସହସ୍ର ନରକଯନ୍ତ୍ରଣା ମଧ୍ୟ ଦେଇପାର - ତଥାପି, ତୁମଠାରେ ହିଁ ମୋର ଅନୁରାଗ ଯେପରି ଗାଢ଼ ହୋଇ ରହିବ - ଏତିକି କେବଳ ମୋତେ ଦିଅ ।'' ଏହି ସ୍ୱନାମଧନ୍ୟା ସାଧିକା ମୀରାଙ୍କ ଭଜନାବଳୀରେ ଭାରତର ଆଧ୍ୟାତ୍ମିକ ସାହିତ୍ୟ ବହୁଳଭାବରେ ପରିପୁଷ୍ଟ । ତାଙ୍କର ମୃତ୍ୟୁ ଯେତେବେଳେ ସନ୍ନିକଟ ହୋଇ ଆସିଲା, ସେତେବେଳେ ସେ ଗୋଟିଏ ନଦୀତଟକୁ ଯାଇ ସମାଧିଯୋଗରେ ନିମଗ୍ନା ହେଲେ । ଗୋଟିଏ ଅତ୍ୟନ୍ତ ମର୍ମସ୍ପର୍ଶୀ ଭଜନରେ ସେ ପ୍ରକାଶ କରି ଯାଆନ୍ତି ଯେ, ସେ ତାଙ୍କର ପ୍ରେମାସ୍ପଦ (ଭଗବାନ ଶ୍ରୀକୃଷ୍ଣ)ଙ୍କ ସହିତ ମିଳନ ପାଇଁ ଯାତ୍ରା କରୁଅଛନ୍ତି ।

କଥିତ ଅଛି - ସାଧାରଣତଃ ପୁରୁଷମାନେ ଧର୍ମର ଦାର୍ଶନିକ ବିଚାର ଓ ତାତ୍ତ୍ୱିକ ବିଶ୍ଳେଷଣରେ ସମର୍ଥ । ମାତ୍ର ନାରୀ ସ୍ୱଭାବତଃ ଭକ୍ତି ପ୍ରବଣ । ସେମାନେ ଭଗବାନଙ୍କୁ ତାଙ୍କ ହୃଦୟର ଅନ୍ତସ୍ଥଳରୁ ହିଁ ଭଲପାଆନ୍ତି, ବୁଦ୍ଧିଦ୍ୱାରା ନୁହେଁ । ବାଇବେଲର (**THE BIBLE**) ଚମତ୍କାର ଅଂଶଗୁଡ଼ିକ ମଧ୍ୟରୁ ସଲୋମନ (**SOLOMN**)ଙ୍କର ପ୍ରାର୍ଥନା ସଂଗୀତ ଗୁଡ଼ିକ ଅନ୍ୟତମ । ମୀରାଙ୍କର ଭଜନଗୁଡ଼ିକ ପରି ସଲୋମନଙ୍କର ପ୍ରାର୍ଥନା ସଂଗୀତ ଗୁଡ଼ିକ ଅତ୍ୟନ୍ତ ଅନୁରାଗପୂର୍ଣ୍ଣ । ତଥାପି ଖ୍ରୀଷ୍ଟିୟାନମାନେ ଏହିସବୁ ପ୍ରାର୍ଥନା ସଂଗୀତଗୁଡ଼ିକ ବାଇବେଲ୍‌ରୁ ବାଦ ଦେବା ଅଭିପ୍ରାୟରେ ଥିଲେ । କାରଣ, ସେମାନଙ୍କର ଅଭିଯୋଗ ଯେ, ସଲୋମନ ପରା କୌଣସି ଯୁବତୀ ପ୍ରତି ଅନୁରକ୍ତ ଥିଲେ ଏବଂ ଯୁବତୀଠାରୁ ତାଙ୍କର ତା'ପ୍ରତିଥିବା ରାଜୋଚିତ ପ୍ରେମର ପ୍ରତିଦାନ ଚାହିଁଥିଲେ । କିନ୍ତୁ ସେହି ନବଯୁବତୀ ଅନ୍ୟଜଣେ ଯୁବକକୁ ଭଲପାଉଥିଲା ଓ ସଲୋମନଙ୍କ ସହିତ କୌଣସି ସଂପର୍କ ରଖିବାକୁ ଚାହୁଁନଥିଲା । ଏହି ଅଭିଯୋଗ ହୁଏତ ଅନେକଙ୍କୁ ଭଲ ଲାଗିପାରେ କାରଣ ସେମାନେ ବୁଝିବାକୁ ସଂପୂର୍ଣ୍ଣ ଅକ୍ଷମ ଓ ଅସମର୍ଥ ଯେ, ସଲୋମନଙ୍କ ରଚିତ ପ୍ରାର୍ଥନା ସଂଗୀତ ଗୁଡ଼ିକର ଅନ୍ତର୍ନିହିତ ଭାବ ହିଁ ଅଲୌକିକ ଭଗବଦ୍ ପ୍ରେମ । ଭାରତର ଭଗବଦ୍ ଭକ୍ତି ଓ ଭଗବଦ୍ ପ୍ରେମ ପୃଥିବୀର ଅନ୍ୟାନ୍ୟ ଦେଶ ସମୂହର ଭଗବଦ୍ ଭକ୍ତି ଓ ଭଗବଦ୍ ପ୍ରେମଠାରୁ କେତେକ ପରିମାଣରେ ଭିନ୍ନ ଓ ସ୍ୱତନ୍ତ୍ର । କାରଣ ଯେଉଁ ଦେଶର ତାପମାତ୍ରା - **40°F** , ସେ ଦେଶର ଲୋକମାନଙ୍କର ପ୍ରକୃତି ମଧ୍ୟ କିଛି କିଛି ଭିନ୍ନ ଓ ପୃଥକ୍ ଧରଣ ହେବା ଅତ୍ୟନ୍ତ ସ୍ୱାଭାବିକ ଅଟେ । ଯେଉଁ ଜଳବାୟୁରେ ବାଇବେଲ୍ ରଚିତ ହୋଇଥିଲା ବୋଲି ଶୁଣିବାକୁ ମିଳେ, ସେ ଜଳବାୟୁରେ ଜୀବନ ଯାପନ କରୁଥିବା ଲୋକମାନଙ୍କର ଆଶା ଆକାଂକ୍ଷା- ଯେଉଁମାନେ ଈଶ୍ୱରୋପାସନା ଅପେକ୍ଷା ସଂଗୀତଗୁଡ଼ିକରେ ବ୍ୟକ୍ତ ହୃଦୟାବେଗ ଦ୍ୱାରା ସର୍ବ ସିଦ୍ଧିପ୍ରଦ ଅର୍ଥ (ମୁଦ୍ରା)ର ପୂଜା କରିବାରେ ଅଧିକମାତ୍ରାରେ ଅଭ୍ୟସ୍ତ, ସେସବୁ ଆବେଗ ଶୂନ୍ୟ ପାଶ୍ଚାତ୍ୟ ଜାତି ଗୁଡ଼ିକ ଠାରୁ ପୃଥକ୍ ଥିଲା । ଏଥିରେ ଆମର କେଉଁ ଲାଭ ମିଳିବ ?- ଏପରି ହିସାବୀ ବୁଦ୍ଧି, ହାନିଲାଭର ବିଚାର ସତେଯେପରି ଭଗବଦ୍‌ଭକ୍ତିର ଭିତ୍ତି ! ପ୍ରାର୍ଥନାଦିରେ ସେମାନେ କେବଳ ସ୍ୱାର୍ଥ ସମ୍ବଳିତ ବିଷୟସକଳ କାମନା କରନ୍ତି ॥

ଆମ୍ଭମାନଙ୍କ ମଧ୍ୟରୁ ଅନେକ ସର୍ବଦା ଠାକୁରେ ତାଙ୍କୁ (ଆମ୍ଭମାନଙ୍କୁ) କିଛି ନା କିଛି ଦିଅନ୍ତୁ ଏହାହିଁ ଚାହାଁନ୍ତି । ସର୍ବଶକ୍ତିମାନ ଠାକୁରଙ୍କ ପାଦପଦ୍ମ ସାନ୍ନିଧ୍ୟରେ ସେମାନେ ଭିକ୍ଷୁକରୂପେ ଉପସ୍ଥିତ ହୁଅନ୍ତି । ଗୋଟିଏ ଗଳ୍ପ ଶୁଣିଥିଲି । ଥରେ ଜଣେ ଭିକାରୀ କୌଣସି ଜଣେ ସମ୍ରାଟଙ୍କ ପାଖକୁ ଭିକ୍ଷାମାଗିବା ପାଇଁ ଯାଇଥିଲା । ସେ ସମ୍ରାଟଙ୍କୁ ଅପେକ୍ଷା କରୁଥିବା ସମୟରେ ହିଁ ସମ୍ରାଟ୍ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଥିଲେ । ପ୍ରାର୍ଥନା ଶେଷରେ

ସମ୍ରାଟ ଠାକୁରଙ୍କ ପାଖରେ ହାତ ପାତି ମାଗୁଥିଲେ - ହେ ଜଗଦୀଶ୍ୱର, ମୋତେ ତୁମେ ଆହୁରି ଅଧିକ ଐଶ୍ୱର୍ଯ୍ୟ ଦିଅ, ଆହୁରି ଅଧିକ ଶକ୍ତିଦିଅ, ଆହୁରିବଡ଼ ସାମ୍ରାଜ୍ୟ ଦିଅ, ମୋ କନ୍ୟା ପାଇଁ ସବୁଠାରୁ ଭଲ ବରଟିଏ ଯୋଗାଡ଼ କରିଦିଅ । ଯୁବରାଜଙ୍କ ପାଇଁ ଅନିନ୍ଦ୍ୟ ସୁନ୍ଦରୀ ଗୁଣବତୀ କନ୍ୟାଟିଏ ଦିଅ । ସାମ୍ରାଜ୍ଞୀଙ୍କୁ ଚିର ଯୌବନ ପ୍ରଦାନ କର । ଭିକାରୀ ଜଣକ ସମ୍ରାଟଙ୍କର ଈଶ୍ୱରଙ୍କୁ ଏପରି ମାଗିବାର ଶୁଣି ବାହୁଡ଼ି ଆସୁଥିଲା । ସମ୍ରାଟ ପ୍ରାର୍ଥନାପରେ ଭିକାରୀଟି ବାହୁଡ଼ି ଯାଉଥିବାର ଦେଖି ପଚାରିଲେ - କିହୋ, କୁଆଡ଼େ ଚାଲି ଯାଉଛ ? ଭିକ୍ଷା ନେବ ନାହିଁ କି ? ଭିକାରୀର ଉତ୍ତର - ଜଣେ ଭିକ୍ଷୁକ ପାଖରୁ ମୁଁ ଭିକ୍ଷାନେବାକୁ ଆଦୌ ଇଚ୍ଛା କରେ ନାହିଁ । ଆପଣ ତ ମୋ ଅପେକ୍ଷା ଆଉ ଜଣେ ବଡ଼ ଭିକାରୀ । ଆପଣ ମୋତେ କି ଭିକ୍ଷା ଦେବେ ??

ଠାକୁରଙ୍କ ପାଦପଦ୍ମପୀଠରେ ଯାଇ ଆମେ ହାତପାତି ଯାହାସବୁ ମାଗିଚାଲିଛୁ ତାହା ଆମର ବିଷୟ ବିଷଜ୍ୱାଳାକୁ ବହୁଗୁଣିତ କରୁଥିବା ବିଷଜହର ବ୍ୟତୀତ କ'ଣ ଅନ୍ୟ ଆଉ କିଛି ? ଆମେ କେବେ ହୃଦୟଖୋଲି ଭଗବଦ୍ ପ୍ରେମ ମାଗିଛୁ ନା ପରମାର୍ଥ ମାଗିଛୁ ? ଜଗତକଲ୍ୟାଣକର ବା ସାମୂହିକ ହିତବାଦ ସମ୍ବଳିତ କ'ଣ କିଛି ମାଗିଛୁ ନା ମାଗି ପାରୁଛୁ ? ସତ କହିବାକୁ ଗଲେ, ଠାକୁରଙ୍କୁ କ'ଣ ଓ କିପରି ମାଗିବାକୁ ହୁଏ, ତାହା ଏପର୍ଯ୍ୟନ୍ତ ଆମେ ଜାଣିନାହୁଁ କି ଶିଖି ନାହୁଁ । ଦୁର୍ଭାଗ୍ୟ ଆମର ॥

ମହମ୍ମଦଙ୍କ ହୃଦୟକୁ ଯେଉଁ ତୀବ୍ର ଆଧାତ୍ମିକ ଉନ୍ମାଦନା ଆଲୋଡ଼ିତ କରିଥିଲା, ଅନେକଙ୍କ ପକ୍ଷରେ ତାହା ନିର୍ଭୁଲ ଭାବରେ ବୁଝିବା କଷ୍ଟକର । ଏହା ଏତେ ସହଜ ବ୍ୟାପାର ନୁହେଁ । ଆନ୍ତରିକତା ପରିପକ୍ୱ ନହେଲେ, ଅନ୍ତଃକରଣ ବିଶୁଦ୍ଧ ଓ ନିର୍ମଳ ନହେଲେ, ଅନ୍ୟ ଜଣକର ଅନ୍ତର୍ନିହିତ ଭାବ ଧରିବା ବା ବୁଝିବା ସହଜ ହୁଏ ନାହିଁ, ହୁଏ କଠିନ । ମହମ୍ମଦ ଧୂଳିବାଲିରେ ଗଡ଼ିଗଡ଼ି ବିରହଯନ୍ତ୍ରଣାରେ କାତର ହୋଇ ଛଟପଟ ହେଉଥିଲେ । ଯେଉଁସବୁ ଲୋକୋତ୍ତର ପୁରୁଷ ଏପରି ତୀବ୍ର ହୃଦୟାବେଗ ଅନୁଭବ କରିଛନ୍ତି, ସାଧାରଣ ଲୋକେ ତା'ଙ୍କୁ ବାୟୁରୋଗୀ ବୋଲି ମନେ କରିଛନ୍ତି । ଅହଂଶୂନ୍ୟତା ହିଁ ଈଶ୍ୱରାନୁରାଗର ପ୍ରଧାନ ଲକ୍ଷଣ । ଆଜିକାଲି ସମାଜରେ ଧର୍ମ ଅନେକଙ୍କର ଗୋଟିଏ ପ୍ରକାର ସଉକ୍ ବା ବିଳାସ ଭଳି ବହିରଙ୍ଗ ପ୍ରସାଧନ ସାମଗ୍ରୀରେ ପରିଣତ ହୋଇଯାଇଛି । ସାମଜରେ ଅନୀତି, ଦୁର୍ନୀତି, ଭ୍ରଷ୍ଟାଚାର ଆଦି ଚଳାଇଯିବା ପାଇଁ ନିରଙ୍କୁଶତା ଲାଭ ନିମନ୍ତେ ଧର୍ମକୁ ସମ୍ମୁଖ ଭାଗରେ ରଖି ପଶ୍ଚାଦ୍‌ରେ ସର୍ବସ୍ୱାର୍ଥସିଦ୍ଧିର ସାଧନା ସେମାନେ କଳାକୌଶଳର ସହିତ ଚଳାଇ ପାରୁଛନ୍ତି । ସେମାନେ ନିଜନିଜକୁ ଏତେ ଚତୁର ବିଚାରନ୍ତି ଯେ, ଧର୍ମର ଆଢୁଆଳରେ ଲୁଚିଛପି ସେମାନେ ଆପଣାର ସ୍ୱାର୍ଥସିଦ୍ଧି ସର୍ବସଫଳତାର ସହିତ କରିପାରୁଛନ୍ତି ବୋଲି ସମାଜରେ ଅନ୍ୟକେହି ଲକ୍ଷ୍ୟକରିପାରୁନାହାନ୍ତି ମନେକରି ଆତ୍ମପ୍ରସାଦ ଲାଭ କରିପାରୁଛନ୍ତି । ଏପରି ଆଚରଣରେ ଭଗବଦ୍‌ପ୍ରେମ ତ ବହୁଦୂରର କଥା, ମାନବପ୍ରେମର ଗନ୍ଧବାସ ସୁଦ୍ଧା ନ ଥାଏ, ନାହିଁ ।

ପ୍ରେମ ଭଗବଦ୍ ହେଉ ବା ଲୌକିକ ହେଉ, ପ୍ରେମ ମାନେ ହିଁ ନିଃସ୍ୱାର୍ଥପର ତ୍ୟାଗ ଧର୍ମ । ଯେଉଁଠି ପ୍ରକୃତ ପ୍ରେମ ଅଛି, ସେଠାରେ ପ୍ରାପ୍ତିବାସନା ହିଁ ମୂଳରୁ କଣିଚାଏ ନଥାଏ । ଆଲୋକ ଯେପରି ଅନ୍ଧକାର ଦୂର କରିଦିଏ; ଯେଉଁଠି ଆଲୋକ ଥାଏ, ସେଠାରେ ଯେପରି ଲେଶମାତ୍ର ଅନ୍ଧକାର ନଥାଏ, ସେହିପରି ସଚ୍ଚାପ୍ରେମ ପ୍ରାପ୍ତିବାସନାକୁ ସଂପୂର୍ଣ୍ଣ ଦୂରକୁ ହଟାଇ ଦେଇଥାଏ । ଯେଉଁଠି ସଚ୍ଚାପ୍ରେମ ଥାଏ, ସେଠାରେ କାଣିଚାଏ ସୁଦ୍ଧା ପ୍ରାପ୍ତିର ଇଚ୍ଛା ନଥାଏ ॥

# ଜିଜ୍ଞାସା : ଜିଜ୍ଞାସୁ

*ଜୀବ ଯେତେବେଳେ ଜ୍ଞାନ ପିପାସୁ ହୁଏ, ସେତେବେଳେ ସେ ଜିଜ୍ଞାସୁ ହୋଇଯାଏ । କାରଣ ଜ୍ଞାନର ସୀମା ଅସୀମ, ଜୀବ ତାହା ଜାଣିପାରିଲେ, ତାହା ଭିତରେ ଜାଣିବାର ଆଗ୍ରହ ସୃଷ୍ଟି ହୋଇଥାଏ । ସେହି ଆଗ୍ରହ ଭିତରେ ସନ୍ଦେହ ମଧ୍ୟ ଉଦ୍ରେକ ହୁଏ। ସେହି ସନ୍ଦେହ ମୋଚନ ପାଇଁ ଜୀବ ଅନେକ ଶାସ୍ତ୍ରରୁ ଜ୍ଞାନ ଆହରଣ କରି ତା'ର ସନ୍ଦେହ ଦୂରୀଭୂତ କରିଥାଏ । କିନ୍ତୁ ଯେତେବେଳେ ଶାସ୍ତ୍ର ତାହାର ମୀମାଂସା ଦେବାକୁ ଅକ୍ଷମ ହୁଏ, ସେତେବେଳେ ସେ ଗୁରୁଦ୍ୱାରସ୍ଥ ହୁଏ । ଗୁରୁ ତାଙ୍କର ସନ୍ଦେହ ମୋଚନ କରି ଜିଜ୍ଞାସାର ପରିସମାପ୍ତି ଘଟାଇଥାନ୍ତି । ଆଜି ଗୁରୁ ଧରାପୃଷ୍ଠରେ ଅବତରଣ କରି ଜୀବଗଣଙ୍କୁ ଯେଉଁ ଚେତନାର ଜ୍ଞାନ ପ୍ରଦାନ କରି ସତ୍‌ମାର୍ଗକୁ ଗତି କରିବାର ପଥ ଉନ୍ମେଷ କରୁଛନ୍ତି ତାହା ଆଜି ଆମେ ଜିଜ୍ଞାସା, ଜିଜ୍ଞାସୁ ପ୍ରସଙ୍ଗ ମାଧ୍ୟମରେ ପାଠକରିବା ।*

**ଜିଜ୍ଞାସୁ :** ପ୍ରଭୁ ! ଅଷ୍ଟାଙ୍ଗ ସାଧନ ଆଉ ଗୁରୁଜ୍ଞାନ, ଏହା ହେଉଛି ଦୁଇଟି କଥା ବା ଦୁଇଟି ତତ୍ତ୍ୱ । ଆମ କହିବା କଥା ଅଷ୍ଟାଙ୍ଗ ସାଧନ ବ୍ୟକ୍ତିର । ଆଉ ଗୁରୁଜ୍ଞାନ ଗୁରୁଙ୍କର । ଏହି ଦୁଇ ତତ୍ତ୍ୱର ସମ୍ବନ୍ଧ କିପରି ? ଯେଉଁ ସମ୍ବନ୍ଧରୁ ବ୍ୟକ୍ତିର ଅଷ୍ଟାଙ୍ଗ ସାଧନ ହୋଇପାରିବ ।

**ଠାକୁର :** ସେ'ତ ଅନେକ କଥା । ଗୁରୁଶିଷ୍ୟଙ୍କର ସମ୍ପର୍କ ପୁରାଣ ଶାସ୍ତ୍ରରେ ପଢ଼ିଛ । ଏତିକି କହି ଠାକୁର କଥାର ମୋଡ ବଦଳାଇଲେ ।

**ଜିଜ୍ଞାସୁ :** ଅଷ୍ଟାଙ୍ଗମାନଙ୍କର ପରିଚୟ, ଆଲୋଚନାରେ ଆପଣ ପୂର୍ବରୁ କହିଛନ୍ତି । ବର୍ତ୍ତମାନ ଜାଣିବାର କଥା, ଏହି ଆଠଟି ଅଙ୍ଗ ପ୍ରକୃତିର କାର୍ଯ୍ୟକାରିଣୀ ଅଙ୍ଗ । ଯେଉଁ ଅଙ୍ଗମାନଙ୍କ ସାହାଯ୍ୟରେ ଜୀବ, କର୍ମମାନ କରି, ବିଷୟ ଭୋଗ କରୁଅଛି । ଅବିଦ୍ୟା ବଶରୁ, କର୍ମ ଜନିତ ଦୁଃଖ, ସୁଖ ଏବଂ ଅବିଦ୍ୟା ମୂଳରେ ଚିତ୍ତ ତଥା କର୍ମର ଭିତ୍ତିଭୂମି କର୍ମାଶୟ ଓ ଅଷ୍ଟଅଙ୍ଗର ସଂସର୍ଗ ଅଷ୍ଟାଙ୍ଗ ଅଟେ । ଏହି ରୂପେ ତିନୋଟି ତତ୍ତ୍ୱର ଭିତ୍ତିଭୂମିକୁ ନେଇ ଆମେ ଯାବତୀୟ ଦୁଃଖ, ସୁଖ ଭୋଗୁଅଛୁ । କେବଳ ଅଷ୍ଟ ଅଙ୍ଗର ସାଧନାରେ, ଅନ୍ୟ ଦୁଇ ଅଙ୍ଗ ସାଧିତ ହୋଇଥାନ୍ତି କି ? ଯଥା : ଅନ୍ୟ ଦୁଇ ଅଙ୍ଗ- ସଂସ୍କାର ଓ ସ୍ନାୟୁ ।

**ଠାକୁର :** ପ୍ରତ୍ୟେକ କର୍ମ ମୂଳରେ - କାରଣ, କର୍ତ୍ତା, ଭୋକ୍ତା ଏହି ରୂପେ ତିନୋଟି ଭେଦଥାଇ କର୍ମମାନ ହେଉଅଛି । ଯେ କରୁଛି - ସେ କର୍ତ୍ତା । ଯେଉଁଥିପାଇଁ କର୍ମ ହେଉଛି ତାହା କାରଣ । ଆଉ ଯେ - ଭୋଗ କରୁଛି, ସେ ଭୋକ୍ତା । ଏହି ତିନୋଟି ତତ୍ତ୍ୱ ପରସ୍ପର ପରସ୍ପରର ସହଯୋଗୀ । ଯଦି ତିନୋଟି ତତ୍ତ୍ୱରୁ ଗୋଟିଏ ତତ୍ତ୍ୱର ଅସହଯୋଗ ରହେ, ତା'ହେଲେ କାର୍ଯ୍ୟଟି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଏ । ଏହି ନ୍ୟାୟରେ ସଂସ୍କାର, ବିଷୟର ଆକର୍ଷଣରେ ଆକର୍ଷିତ ହୁଏ । ପ୍ରକୃତିମାନଙ୍କର କ୍ଷୁଧା, ଆକର୍ଷଣର କାରଣ । ଆଉ ଅଷ୍ଟ ଅବୟବ କର୍ମର କାରଣ ଅଟେ । ଯଦି କ୍ଷୁଧା ନ ଥାଏ ତା ହେଲେ ଖାଇବାର କାମ ହୁଏ ନାହିଁ । କ୍ଷୁଧା ଥାଇଁ ଯଦି ଖାଦ୍ୟ ନଥାଏ, ତା'ହେଲେ ମଧ୍ୟ ଖାଇବାର କାମ ହୋଇପାରେ ନାହିଁ । କ୍ଷୁଧା ଓ ଖାଦ୍ୟ ଥାଇ ଯଦି ଅଙ୍ଗମାନେ ସହଯୋଗ ନ କରନ୍ତି, ତା'ହେଲେ ମଧ୍ୟ ଖାଇବାର କାମ ହୁଏ ନାହିଁ । ଏହିପରି ଭାବରେ ପ୍ରତ୍ୟେକ କର୍ମର ମୂଳରେ ଏହି ରୂପେ ତିନୋଟି ତତ୍ତ୍ୱର ଉପାଦାନ

ରହିଥିବାରୁ, ମଣିଷ କର୍ମମାନ କରି ଦୁଃଖ, ସୁଖ ଭୋଗ କରେ । ବର୍ତ୍ତମାନର ସାଧନା ଏହି ତିନୋଟି ତତ୍ତ୍ୱ ଉପରେ ଆଧାରିତ । ଚିତ୍ତ, ଚୈତନ୍ୟଙ୍କ ସାନ୍ନିଧ୍ୟରୁ ଚିତ୍ତରେ ଯେଉଁ ଆତ୍ମଧ୍ୟାନ ବା ଦୈହିକ କ୍ଷୁଧା ସୃଷ୍ଟିହୋଇ ପ୍ରକୃତିମାନଙ୍କୁ କ୍ଷୁଧିତ କରିଥାଏ ତାହା ''କ୍ଳେଶମୂଳ କର୍ମାଶୟ'' । 'କର୍ମାଶୟ' କର୍ମ ନିର୍ବାହୀ ସ୍ନାୟୁତନ୍ତ୍ରୀ ମାନଙ୍କୁ ଉତ୍ତେଜିତ କରାଇ କର୍ମେନ୍ଦ୍ରିୟ ମାନଙ୍କ ସାହାଯ୍ୟରେ କର୍ମ ସମ୍ପାଦନା କରାଏ । ଏଣୁ ସ୍ଥୂଳରେ କର୍ମେନ୍ଦ୍ରିୟମାନେ ରହି, ସୂକ୍ଷ୍ମରେ ସଂସ୍କାର ସମୂହ, କାରଣରେ ଚିତ୍ତ ଚୈତନ୍ୟ ରହିଥିବାରୁ, ସ୍ଥୂଳ ସାଧନାରେ କର୍ମେନ୍ଦ୍ରିୟ ମାନଙ୍କର ସାଧନା ପ୍ରଥମେ ଆରମ୍ଭ କରିବାକୁ ହୁଏ ।

ଜିଜ୍ଞାସୁ : ଠାକୁରେ ! ଏପରି ହୁଏ କାହିଁକି ?

ଠାକୁର : କର୍ମେନ୍ଦ୍ରିୟ ମାନଙ୍କର କର୍ମନିର୍ବାହୀ ସ୍ନାୟୁ ସ୍ଥୂଳରୁ ସୂକ୍ଷ୍ମ ଓ କାରଣରେ ଚିତ୍ତ ପର୍ଯ୍ୟନ୍ତ ବ୍ୟାପ୍ତ ଥାଆନ୍ତି । ଏହି କର୍ମନିର୍ବାହୀ ସ୍ନାୟୁ ଦୁଇ ପ୍ରକାରର । ଜାଗ୍ରତ ସ୍ନାୟୁ ଓ ସୁପ୍ତ ସ୍ନାୟୁ । ଜାଗ୍ରତ ସ୍ନାୟୁମାନଙ୍କ ଦ୍ୱାରା ଅବିଦ୍ୟାର ସମସ୍ତ ଜାଗତିକ କାର୍ଯ୍ୟ ସମ୍ପାଦିତ ହୋଇଥାଏ । ଆଉ ସୁପ୍ତସ୍ନାୟୁ ସୁପ୍ତ ଥାଆନ୍ତି ।

ଜିଜ୍ଞାସୁ : ଅବିଦ୍ୟାର ସମସ୍ତ ଜାଗତିକ କ୍ରିୟା ସବୁ କ'ଣ ?

ଠାକୁର : ପୂର୍ବରୁ ତୁମକୁ ଅବିଦ୍ୟା ତତ୍ତ୍ୱ ବୁଝାଇଥିଲି ?

ଜିଜ୍ଞାସୁ : ନା' ପ୍ରଭୁ ! ଅବିଦ୍ୟାର ସବିଶେଷ ବ୍ୟାଖ୍ୟା କରିନାହାନ୍ତି । କେବଳ ଅବିଦ୍ୟାର ସଂଜ୍ଞା ନିରୂପଣ କରିଛନ୍ତି ।

ଠାକୁର : ତେବେ କ'ଣ କହିଛି କୁହ ?

ଜିଜ୍ଞାସୁ : ଆଜ୍ଞା ! ଅବିଦ୍ୟାର ସଂଜ୍ଞା ଆପଣ କହିଛନ୍ତି । ଅନିତ୍ୟ ପଦାର୍ଥକୁ ନିତ୍ୟ ମନେ କରିବା ଅବିଦ୍ୟା । ଅର୍ଥାତ୍-ଦୁନିଆ ମରଣଶୀଳ ଜାଣି, ଦେଖି 'ଅନୁଭବ' କରି ନିଜକୁ ନିତ୍ୟ ଓ ସ୍ଥାୟୀ ବୋଲି 'ବିବେଚନା' କରିବା ହେଉଛି ଅବିଦ୍ୟା । ଏତିକି ବୁଝାଇଛନ୍ତି, କିନ୍ତୁ ? ବର୍ତ୍ତମାନ ପ୍ରଶ୍ନ ହେଉଛି ଓ ଆମେ ଜାଣିବାକୁ ଚାହୁଁଛୁ, ଏହି ଅବିଦ୍ୟା ମଣିଷକୁ କେଉଁ କେଉଁ ଦିଗକୁ ନେଇଯାଇଥାଏ ଓ କେଉଁ କେଉଁ ତତ୍ତ୍ୱର ଅନୁଭବ କରାଇଥାଏ ? ଏହାଦ୍ୱାରା ମଣିଷର କ'ଣ ଲାଭ ଓ କ'ଣ କ୍ଷତି ହୋଇଥାଏ ???

ଠାକୁର : ଏହି ଅବିଦ୍ୟାର ଶିକ୍ଷାରୁ ଅବିଦ୍ୟା ପରିସ୍ଫୁଟ ହୋଇ ତୃଷ୍ଣା, ତୃଷ୍ଣାରୁ-ଭୋଗ, ଭୋଗରୁ-ମୋହ, ମୋହରୁ-ମାୟା, ମାୟାରୁ-ଆସକ୍ତି, ଆସକ୍ତିରୁ-ଭୟ, ଭୟରୁ-ହିଂସା, ହିଂସାରୁ-ଆତ୍ମପୀଡ଼ନ, ଆତ୍ମପୀଡ଼ନରୁ-ବିକାର, ବିକାରରୁ-ଜଡ଼ତା, ସୃଷ୍ଟି ହୋଇ ମଣିଷକୁ ଷାଣ୍ଡୁ କରିଦେଇଥାଏ ।

ଜିଜ୍ଞାସୁ : ଏହି ତତ୍ତ୍ୱଗୁଡ଼ିକ ଟିକେ ସରଳ ଭାବରେ ସଂଜ୍ଞା ନିରୂପଣ କରି ବୁଝାଇ ଦିଅନ୍ତୁ ?

ଠାକୁର : ଅ-ବିଦ୍ୟା କ'ଣ ? 'ଅ'ତତ୍ତ୍ୱ ଅସ୍ତିବାଚକ ଅକ୍ଷର ହୋଇଥିବାରୁ ଏହା ଅନେକ ପ୍ରକାର ଅସ୍ତିତ୍ୱକୁ ବୁଝାଇ ଥାଏ । ଏଠାରେ ବିଦ୍ୟାର ସଂଜ୍ଞା ହେଉଛି - ଯାହା ଅନ୍ଧକାରରୁ ଆଲୋକ ମଧ୍ୟକୁ ନେଇଯାଇଥାଏ । ଏଣୁ ଅନେକ ବା 'ଅଶେଷ' ତତ୍ତ୍ୱକୁ ଯାହା ଅନ୍ଧକାର ମଧ୍ୟରୁ ଆଲୋକ ମଧ୍ୟକୁ ନେଇ ପରିସ୍ଫୁଟ

କରାଇଥାଏ ତାହାର ନାମ 'ଅବିଦ୍ୟା' । ଅବିଦ୍ୟାର ଶିକ୍ଷାରୁ ମଣିଷକୁ ଚଳନିର ବା' ବ୍ୟାବହାରିକ ଜ୍ଞାନ ଓ ସଂସ୍କୃତି, ସଭ୍ୟତା, ପରମ୍ପରା ପ୍ରାପ୍ତ ହୋଇଥାଏ । ଫଳତଃ ସେ ମଣିଷକୁ ବଞ୍ଚି ରହିବାର ମାର୍ଗ ଦର୍ଶନ କରାଇଥାଏ । ଏହାକୁ ପେଟପୋଷା ଜ୍ଞାନ ବା 'ବିଦ୍ୟା' ବୋଲି କୁହାଯାଇଥାଏ । ଉକ୍ତ 'ବିଦ୍ୟା'ର ସୃଷ୍ଟି 'ଐଶ୍ୱରିକ' ଅଟେ । 'ଐଶ୍ୱରିକ' ତତ୍ତ୍ୱରେ ଜୀବର ଦେହ ସୃଷ୍ଟି ହେବା ସମୟରେ, ଉକ୍ତ ବିଦ୍ୟାକୁ କ୍ରିୟାଶୀଳ କରିବା ପାଇଁ ଜୀବର ଶରୀରରେ ସଂସ୍କାର, କୋଷ ଓ ସ୍ନାୟୁ ଗୁଡିକୁ ଜାଗ୍ରତ ବା କ୍ରିୟାଶୀଳ କରି ସୃଷ୍ଟି କରି ଥାଆନ୍ତି । ଜୀବ ଜନ୍ମ ନେବାମାତ୍ରେ ସ୍ନାୟୁ ଗୁଡିକ ସ୍ୱତଂ କ୍ରିୟାଶୀଳ ହୋଇ କାର୍ଯ୍ୟ ନିର୍ବାହ କରିଥାଆନ୍ତି । ଏହାକୁ ଜନ୍ମଗତ ଲକ୍ଷଣ କୁହାଯାଏ । ଉଦାହରଣ ସ୍ୱରୂପ - ପିଲାଟି ଜନ୍ମ ନେବା ମାତ୍ରେ - ଯେପରି-ହାତ, ଗୋଡ଼ ହଲାଇ କାନ୍ଦିଥାଏ । ଏହି ଅବିଦ୍ୟା ତତ୍ତ୍ୱକୁ ଜୀବନ ବୋଲି କୁହାଯାଏ । ''ଅବିଦ୍ୟାର ସୃଷ୍ଟି'' ''ଆଜ୍ଞା''ରୁ ଏବଂ ଆଜ୍ଞା ''ଐଶ୍ୱରିକ'' ତତ୍ତ୍ୱ ଅଟେ । ଯାହାଦ୍ୱାରା ସଚରାଚର ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ହୋଇଥାଏ । ଅବିଦ୍ୟା ଜନ୍ମରୁ କ୍ରିୟାଶୀଳ ହୋଇଥିଲେ ମଧ୍ୟ ଏହାକୁ ଶିକ୍ଷା ମାଧ୍ୟମରେ ପରିସ୍ଫୁଟ କରାଯାଇଥାଏ । ଯଥା ଅବିଦ୍ୟାର ଶିକ୍ଷାରୁ ସୃଷ୍ଟି ହୁଏ - ''ତୃଷ୍ଣା'' ।

ଜିଜ୍ଞାସୁ : ଠାକୁରେ ! ତୃଷ୍ଣା କ'ଣ ?

ଠାକୁର : ତୃଷ୍ଣାର ସଂଜ୍ଞା - ପ୍ରତ୍ୟେକ ବିଷୟପ୍ରାପ୍ତି ନିମିତ୍ତ ଚିତ୍ତରେ ଯେଉଁ 'ଆବେଗ' ସୃଷ୍ଟିହୁଏ, ତାହାର ନାମ ତୃଷ୍ଣା । ଏହି ତୃଷ୍ଣା ଜୀବକୁ ବା' ମଣିଷକୁ ବିଷୟ ମୁଖୀ କରାଇଥାଏ । ତଥା ବିଷୟ ପ୍ରାପ୍ତିରୁ ସୃଷ୍ଟି ହୁଏ ଭୋଗ ବା ''ଶୃଙ୍ଗାର'' ।

ଜିଜ୍ଞାସୁ : ତା'ହେଲେ ଠାକୁରେ ଭୋଗ କ'ଣ ?


ଠାକୁର : ଭୋଗର ସଂଜ୍ଞା-ପ୍ରତ୍ୟେକ ବିଷୟରେ ସଂଯୋଗ ହେବାର ତତ୍ତ୍ୱ ଭୋଗ ଅଟେ । ଭୋଗ ଅନୁଭବ ଯୋଗ୍ୟ, ''ଭୋଗ'' ତୃପ୍ତି ଦାୟକ ଏବଂ କ୍ଷୁଧା ନିବାରକ ମଧ୍ୟ ଅଟେ । ବିଷୟ ''ଭୋଗ'' କ୍ଷଣସ୍ଥାୟୀ ଓ ବିଚ୍ଛେଦ ଯୁକ୍ତ ହୋଇଥିବାରୁ ତହିଁରୁ ସୃଷ୍ଟି ହୁଏ ''ମୋହ'' ।

**ଜିଜ୍ଞାସୁ : ତେବେ ଏହି ମୋହ କ'ଣ ?**

ଠାକୁର : **ମୋହର ସଂଜ୍ଞା - ପ୍ରତ୍ୟେକ ଭୋଗ ବିଷୟରେ ଜଡ଼ିତ ହେବାକୁ** ''ମୋହ'' କୁହାଯାଏ । ଏହି ମୋହ ମଣିଷକୁ **ବିଷୟ ଭୋଗରେ 'ତଲ୍ଲୀନ' କରାଇବାରୁ** 'ମୋହ' ମଣିଷର ବିଷୟ ବନ୍ଧନର କାରଣ ହୋଇଥାଏ । ମୋହରୁ **ମାୟାର ଉତ୍ପତ୍ତି ହୁଏ ।**

କ୍ରମଶଃ...

# ସମ୍ଭବାମି ଯୁଗେ ଯୁଗେ ବ୍ରହ୍ମବେଦୀ



## ଜନନୀ, ଜଠର, ଜରାୟୁ

ହେ ପରମପିତା ! ଜୀବନ ଦେବତା !! ଜଗତର ଆଦିମୂଳ
ତୁମରି ଶ୍ରୀପାଦ, ପାଦପାଦୁକାରେ ସକଳ ବିଭୂତି ଠୁଳ ।
ଦର୍ଶନ କରାଇ ମନକୁ ତୋଷାଇ ମକରନ୍ଦ ବିନ୍ଦୁ ଦିଅ
ଏତିକି ମାଗୁଣି ପାରୁଛ ତ ଶୁଣି ଅହଂବୁଦ୍ଧି ହରି ନିଅ ।
ହରି ନିଅ ଯେତେ ଯାତନା ବେଦନା ଝରାଇ ଦିଅ ସାନ୍ତ୍ୱନା
ଲୟ ଲାଖି ରହୁ ପଦାରବିନ୍ଦରେ କେବେ ନୋହି ଆନମନା ॥

*ନିତ୍ୟ-ସତ୍ୟ-ସନାତନ ଅନାଦି-ଅନନ୍ତଙ୍କର ବିରାଟ ତ୍ରିଗୁଣମୟୀ ଲୀଳାର ରହସ୍ୟ ଅତୀବ ନିଗମ, ନିଗୂଢ଼ । ସ୍ରଷ୍ଟା ପୁରୁଷ ପରଂବ୍ରହ୍ମ ପରମାତ୍ମା ପରମେଶ୍ୱର ଚରମପୁରୁଷ ଭକ୍ତମାନଙ୍କର ଭଗବାନ, ବେଦାନ୍ତୀମାନଙ୍କର ବ୍ରହ୍ମ, ଯୋଗୀମାନଙ୍କର ପରମାତ୍ମା । ତଥାପି ଭକ୍ତି, ଜ୍ଞାନ, ବେଦାନ୍ତ, ଯୋଗ, କର୍ମ ଆଦି ଦ୍ୱାରା ମଧ୍ୟ ଲୀଳାରହସ୍ୟର ଉଦ୍‌ଘାଟନ ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇ ପାରିନାହିଁ । ସକଳ ଜ୍ଞାନ, ବୁଦ୍ଧି, ଶକ୍ତି ପାଦେ ପାଦେ ବିଫଳ ହୋଇଛି, ପରାଭୂତ ହୋଇଛି, ପରାଜୟ ସ୍ୱୀକାର କରିଛି ନତଶିରରେ ।*

*ପରମଦୟାବତାର କ୍ଷମାନୁକମ୍ପାଧର ଠାକୁରେ ଜଗିହତ ଜୀବକୁଳର ଉଦ୍ଧାର ପାଇଁ ସ୍ୱୟଂ ଏହି ନିଗୂଢ଼ ରହସ୍ୟର ନିଗମ ତତ୍ତ୍ୱ ପରମୋଲ୍ଲାସରେ ପ୍ରକାଶ କରନ୍ତି ପ୍ରଥମଥର ପାଇଁ ଅଜ୍ଞାନ ଜୀବଗଣଙ୍କର ଜ୍ଞାନୋଦୟ ଉଦ୍ଦେଶ୍ୟରେ, ଜ୍ଞାନାଲୋକ ବିତରଣ ଲକ୍ଷ୍ୟରେ । ତାଙ୍କରି ପରମକଲ୍ୟାଣକାରୀ କରୁଣାମକରନ୍ଦର ଧାରା 'ଚରମ' ପୃଷ୍ଠାରେ ଏକ କ୍ରମରେ ଶତଶତ, ସହସ୍ର ସହସ୍ର ଭକ୍ତ, ଶିଷ୍ୟ, ଅନୁଗତ ଭାଇ-ଭଉଣୀମାନଙ୍କର ଗୋଚରକୁ ଆଣିବା ପାଇଁ ପ୍ରଭୁଙ୍କର ଆଶିଷସିକ୍ତ ଆଦେଶକୁ ଶିରୋଧାର୍ଯ୍ୟ କରୁଛି 'ଚରମ'ର ସଂପାଦନ ଜନମଙ୍ଗଳ ଓ ବିଶ୍ୱକଲ୍ୟାଣ ବ୍ରତରେ ।*

*'ଏ ସୃଷ୍ଟି ରହସ୍ୟ ଗହନ ।*
*ଘେନ ହେ ସ୍ଥିର କରି ମନ ॥'*

ପ୍ରତ୍ୟେକ ଜୀବ ପ୍ରଥମ ମାସରୁ ଜରାୟୁରେ ବିରାଟ ଡ଼ିମ୍ବ **ରୂପଧାରଣ କରିଥାଏ** । ସେହି ଡ଼ିମ୍ବରେ ବ୍ରହ୍ମ, ବିରାଟ ମୂର୍ତ୍ତି ଧାରଣ କରି ସୂକ୍ଷ୍ମର ସ୍ଥୂଳ ଅବସ୍ଥାକୁ ଯାଇ ଜୀବ ଦେହରେ **ଜୀବ ବ୍ରହ୍ମ** ରୂପେ ମୀନ ରୂପରେ ଦ୍ୱିତୀୟ ମାସ ପର୍ଯ୍ୟନ୍ତ ଖେଳୁଥାଏ। ପଦ୍ମ ପତ୍ରରେ ଜଳ ବିନ୍ଦୁ ଢ଼ଳ ଢ଼ଳ ହେବାପରି **ତେଜୋମୟ** ହୋଇ ଖେଳୁଥାଏ । ଦୁଇମାସ ପୂର୍ଣ୍ଣ ହୋଇଗଲେ ସେହି ଜଳତୁଲ୍ୟ ବିନ୍ଦୁ ମଧ୍ୟରେ **ସୂକ୍ଷ୍ମାତିସୂକ୍ଷ୍ମ ରେଣୁ ନୀଳବର୍ଣ୍ଣ** ଦେଖାଯାଏ । ଦୁଇ ମାସ ପନ୍ଦର ଦିନରେ ବ୍ରହ୍ମ ମୀନ ରୂପରେ ମାତୃଗର୍ଭ ସାଗରରେ, **ଘୂର୍ଣ୍ଣାୟମାନ ଅବସ୍ଥାରେ** ରହିଥାଏ। ତୃତୀୟ ମାସରେ ମାତୃ ଗର୍ଭରେ ଜୀବବ୍ରହ୍ମ ଭାସମାନ ଅବସ୍ଥାରେ ଚଉଦ **ବ୍ରହ୍ମାଣ୍ଡ ସ୍ଥୂଳତଃ ଧାରଣ** କରି, ସୂକ୍ଷ୍ମରେ ଅନୁଭୂତିକୁ ଆସିଥାଏ ।

ମାତୃ ଗର୍ଭରେ ତୃତୀୟ ମାସରେ ଚଉଦ **ବ୍ରହ୍ମାଣ୍ଡ ସ୍ଥୂଳତଃ** ଧାରଣ ପର୍ଯ୍ୟନ୍ତ ସୂକ୍ଷ୍ମର ମୂଳ ଭିତ୍ତି ପିଣ୍ଡକୁ ନେଇ ତାହା ଅନୁଭୂତିରେ ଜନନୀ ଜଠରରୁ ଏହା ସ୍ପଷ୍ଟ ଅନୁଭୂତ ହୋଇଥାଏ ଯେ ବକ୍ରାକୃତି ବର୍ଣ୍ଣ ସତ୍ତାର ବର୍ଣ୍ଣ ନୀଳ ତଥା

ଇଷତ୍ ଧୂଷର । ଚାରିମାସ ଏକୋଇଶ ଦିନ ବେଳକୁ ବ୍ରହ୍ମ ଶିମ୍ୱମଞ୍ଜି ଆକାର ଧାରଣ କରି ସୂକ୍ଷ୍ମ ଶରୀରରେ ଖେଳୁଥାଏ ଏବଂ ଶକଟକ ବ୍ରହ୍ମ ମଣ୍ଡଳର ଦୃଶ୍ୟମାନ ଅନୁଭବ ହୁଏ, ମାଆର ପଦ୍ମନାଡ଼ ସ୍ୱତନ୍ତ୍ର-ରକ୍ତକ୍ଷୀର ବର୍ଣ୍ଣ ମିଶ୍ରିତ ସୂକ୍ଷ୍ମାଦି **ଅଙ୍କୁରୀୟ** ବିହ୍ୱମାନ ଦୃଶ୍ୟ ହୁଏ ।

**ଜରାୟୁରେ ଭୃଙ୍ଗ** ହୋଇ ସୂକ୍ଷ୍ମ ଅବସ୍ଥାରେ ରହିଲେ କଳୁଷ ଲାଗେ ନାହିଁ, କାରଣ ସୂକ୍ଷ୍ମରେ ଭୃଙ୍ଗର ବାର ପ୍ରକାରର ଆବରଣ ନେଇ **ଶିଶୁ** ଥାଏ, ସେହି ବାର ପ୍ରକାରର ଆବରଣ ହେଉଛି (୧) ଅକ୍ଷୋଧି ସୂକ୍ଷ୍ମଭୃଙ୍ଗ (୨) ନିସ୍ତ୍ରା ସୂକ୍ଷ୍ମଭୃଙ୍ଗ (୩) **ବୁଧାରୀ** ସୂକ୍ଷ୍ମଭୃଙ୍ଗ (୪) ଚାରୋସୃଫା ସୂକ୍ଷ୍ମଭୃଙ୍ଗ (୫) ସୌଥା ସୂକ୍ଷ୍ମଭୃଙ୍ଗ (୬) ଧୋସା ସୂକ୍ଷ୍ମଭୃଙ୍ଗ (୭) **ଗୌଲକାନ୍ତି** ସୂକ୍ଷ୍ମଭୃଙ୍ଗ (୮) ଶୃଣ ସୂକ୍ଷ୍ମଭୃଙ୍ଗ (୯) ଅଶ୍ୱିନୀ ସୂକ୍ଷ୍ମଭୃଙ୍ଗ (୧୦) ମନୁସା ସୂକ୍ଷ୍ମଭୃଙ୍ଗ (୧୧) **କୃତଭାନୁ ସୂକ୍ଷ୍ମଭୃଙ୍ଗ** ଏବଂ (୧୨) ପ୍ରକ୍ଷାର୍ଣ୍ଣି ସୂକ୍ଷ୍ମଭାନୁ । ଏହି ବାର ପ୍ରକାରର ସୂକ୍ଷ୍ମଭୃଙ୍ଗ ଠୁଳ ହୋଇ ଏକ ସୂକ୍ଷ୍ମ ବିନ୍ଦୁରେ **ଜରାୟୁରେ** ଅବସ୍ଥାନ କରେ । ଚାରିମାସ ଏକୋଇଶ ଦିନରେ ଭିନ୍ନ ସୂକ୍ଷ୍ମାତି କ୍ରିୟାଭୃଙ୍ଗ ମଧ୍ୟରେ ସୃଷ୍ଟି ହୁଏ ।

## (୮) ଶୃଣ ସୂକ୍ଷ୍ମଭୃଙ୍ଗ

**ଶୃଣଭୃଙ୍ଗ** ବା ଶଶିଶକ୍ତି ସୂକ୍ଷ୍ମରେ ପ୍ରତ୍ୟେକଟି କୋଷ ଇନ୍ଦ୍ରିୟକୁ ଶବ୍ଦଦ୍ୱାରା ଗୋପନୀୟ ରଖିଥାଏ । **ପଞ୍ଚମ ମାସରେ ଯେତେବେଳେ ନାଭି କମଳ ନିର୍ମାଣ ହୁଏ, ଶୃଣଭୃଙ୍ଗର** ଏକ ଅଂଶୀୟ ଭାଗରେ ବୃହତ୍ ଶକ୍ତି ମତିରେ ଥିବା **ସୂକ୍ଷ୍ମକୋଷକୁ ଶବ୍ଦଦ୍ୱାରା ଆଚ୍ଛାଦନ କରେ । ପିତାମାତାଙ୍କର ସୁକୃତି** ଐଶର୍ଯ୍ୟ ଫଳଭୋଗରୁ ଜୀବବ୍ରହ୍ମର କୋଷ ସୃଷ୍ଟି ହୋଇଥାଏ । **ଏହି କୋଷ ସକଳ ଜୀବଦେହର** କେଉଁ କେଉଁ କେନ୍ଦ୍ରକୁ ଭିତ୍ତିକରି ଗଠିତ ହେବ, ତାହା ନିର୍ଣ୍ଣୟ କରିବା ନିମନ୍ତେ ତାହା ନାଭିକମଳର **ଚତୁଃପାର୍ଶ୍ୱରେ ଭ୍ରମଣ** କରୁଥାଏ । ଏହି ଭ୍ରମଣମାନ ୬୪ ସ୍ତରର ଗୈରିକ ବର୍ଣ୍ଣ ବିଭିନ୍ନ ସ୍ତରରେ ନାଭିକମଳକୁ କେନ୍ଦ୍ରକରି **ଭ୍ରମଣ** କରୁଥାଏ । ଏହି ୬୪ ସ୍ତରଗୁଡ଼ିକ ହେଲା - (୧) ପଦ୍ମନାଭ, (୨) ଭ୍ରମର ଗ୍ରନ୍ଥି ବ୍ରହ୍ମଃ (୩) ଭ୍ରମର **ସୁମ୍ପା କୋଷଗ୍ରନ୍ଥି** (୪) ପଦ୍ମନାଭ କ୍ରିୟା (୫) ଗୁଣନାଦ ବ୍ରହ୍ମ (୬) ଶବ୍ଦନାଦ ବ୍ରହ୍ମ (୭) ଭୌମୀନାଦ (୮) **ନିଦ୍ରୁକାନାଦ** (୯) ଗଣ୍ଡପ୍ରଦ ନାଦ (୧୦) ଅନ୍ୟାରୀ ନାଦ (୧୧) ସନ୍ତ୍ରୀକ ନାଦ (୧୨) ଅବଧାରକ ନାଦ (୧୩) **ଖଣ୍ଡକ ନାଦ** (୧୪) ବାହୁକ ନାଦ (୧୫) ଗଣିକ ନାଦ (୧୬) ନାମକର୍ଣ୍ଣ ଶୃଣଭୃଙ୍ଗ ନାଦ (୧୭) ଆର୍ଣ୍ଣିକାନ୍ତ କୋଷ (୧୮) ନିଡ଼କ ନାଦକୋଷ (୧୯) ବକ୍ର ନିଡ଼କ ବର୍ଣ୍ଣ (୨୦) ବ୍ରତଧାରକ ଶବ୍ଦ (୨୧) ବ୍ରହ୍ମଶୃଣୀୟ କୋଷ (୨୨) ଶୃଣୁ ଭୃଶ୍ୟ ଶବ୍ଦ (୨୩) ନିମ୍ବକ ରାଶି ଶବ୍ଦ (୨୪) **ଅମ୍ବକ ଶୃରୀ** (୨୫) ନିତଭ କାନାନ୍ଦ (୨୬) **ଅଶୌଧିଭ** (୨୭) କାୟାରିକା କୋଷ (୨୮) ଅମ୍ବୁଧାନ୍ନି କୋଷ (୨୯) **ଜରଦମ୍ବ କୋଷ** (୩୦) ଶୃତଣ୍ଡକଃ କୋଷ (୩୧) ଆଧ୍ମୀ କୋଷ (୩୨) ଶିମ୍ବୁର୍ଣ୍ଣା କୋଷ-ଏହା ୩ ପ୍ରକାର ଯଥା- (କ) **ପର୍ଯ୍ୟପଙ୍କ** ଶିମ୍ବୁର୍ଣ୍ଣା (ଖ) ଅୟଂ ଶିମ୍ବୁର୍ଣ୍ଣା (ଗ) ଥୁଳକ ଶିମ୍ବୁର୍ଣ୍ଣା (୩୩) ଅଙ୍କୁମ୍ବରବୃନ୍ତ କୋଷ (୩୪) ବ୍ରହ୍ମକଣ୍ଡ କୋଷ (୩୫) **ସମ୍ବକୁଣ୍ଡଳିନୀ** କୋଷ (୩୬) ନାଦଗର୍ଦ୍ଧଣ କୋଷ (୩୭) ବିନ୍ଦୁ ବନ୍ଧୁରୀ କୋଷ (୩୮) ଗ୍ରସରୀ କୋଷ (୩୯) **ଆଭିଣୀ** କୋଷ (୪୦) ରକ୍ତଗୁର୍ଣ୍ଣୁରୀ କୋଷ ।

ଏହି **ରଜ୍ଜୁଗୁର୍ଜ୍ଜରୀ କୋଷ** ୧୭ ପ୍ରକାର ଯଥା :-(କ) ମାନସିକ ରୋଗ (ପାଗଳ ଅବସ୍ଥା) (ଖ) ବିରକ୍ତଭାବ ଓ ପରିବର୍ତ୍ତନ ଅବସ୍ଥା (ଗ) କ୍ରୋଧର ଉତ୍ପତ୍ତି ଓ ଶାନ୍ତିର ପରିବେଶ (ଘ) ବୈରାଗ୍ୟ ପ୍ରକରଣ (ଙ) ଜ୍ଞାତସାର କର୍ମ (ଚ) ଅଜ୍ଞାତସାର କର୍ମ (ଛ) ଜ୍ଞାତ ଅଭ୍ୟାସ କର୍ମ ଓ **ଅଜ୍ଞାତ ଅଭ୍ୟାସ** କର୍ମ (ଜ) ଚେଇଁ ଶୋଇବା କର୍ମ ଓ ସ୍ୱୟଂ ଚାଳିକା ନିଦ୍ରା (ଝ) ପ୍ରତିଶୋଧ ପରାୟଣ (ଞ) ଦୃଢ଼ ସଂକଳ୍ପକୁ ମାର୍ଗ ଦର୍ଶନ (ଟ) ଭିନ୍ନମତ ପୋଷଣ କ୍ରିୟା କର୍ମ (ଠ) ଅଭିନୟ ସୂତ୍ର, ଗୀତ, ସଂଗୀତ କର୍ମ, କ୍ରିୟା ।

ଏହି ଅଭିନୟ ସୂତ୍ର, ଗୀତ, ସଂଗୀତ କର୍ମ, କ୍ରିୟା ୩ ଭାଗରେ ବିଭକ୍ତ ଯଥା : (i) ସ୍ୱୟଂ ପ୍ରଜ୍ଞାପ୍ରାପ୍ତ (ii) କର୍ମଯୋଗ (iii) ଅଭ୍ୟାସ ସତ୍ତ୍ୱେ ବିଫଳତା ।

(ଡ଼) ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସରଳୀଭାବ, ସ୍ୱାଭାବିକ ଜୀବନଯାତ୍ରା (ଢ଼) ଚଉରାଶି ଯୋନିର କ୍ରମ ବିକାଶ (ଣ) ରଜ୍ଜୁଗୁର୍ଜ୍ଜରୀ ଓ ଶୁଣଭୃଙ୍ଗ ମିଳନ କ୍ରିୟା (ତ) ରଜ୍ଜୁଗୁର୍ଜ୍ଜରୀ ବକ୍ର ଶୈତାନୀ ସ୍ନାୟୁ ।

ଏହି ରଜ୍ଜୁଗୁର୍ଜ୍ଜରୀ ବକ୍ର ଶୈତାନୀ ସ୍ନାୟୁ ୫ଭାଗରେ ବିଭକ୍ତ ଯଥା : (i) ନିର୍ଦ୍ଦୋଷକୁ ଦଣ୍ଡ (ii) ସତ୍ୟକୁ ଅସତ୍ୟଭାବରେ ଗ୍ରହଣ (iii) ସନ୍ଦେହ ଭାବ (iv) ସନ୍ଦେହ ଭାବର ସାହାଯ୍ୟରେ ସତ୍ୟ ସ୍ୱୀକାରର ଦ୍ୱାହି (v) ଶୈତାନୀ ଈର୍ଷା ଓ ତାହାର କାରଣ (ଥ) ଶୁଣଭୃଙ୍ଗ ଶୈତାନୀ ସ୍ନାୟୁ ।

ଏହି ଶୁଣଭୃଙ୍ଗ ଶୈତାନୀ ସ୍ନାୟୁ ୨ଭାଗରେ ବିଭକ୍ତ ଯଥା : (i) ବକ୍ରଭୁରଙ୍ଗୀ ସ୍ନାୟୁ (ii) କ୍ରୁର ଜଡୁବହ ସ୍ନାୟୁ । (୪୧) ଚନଚୂର୍ଣ୍ଣାରୀ କୋଷ - ଏହା **ଅଷ୍ଟପ୍ରକାରର** ଯଥା : (କ) **ବର୍ଣ୍ଣାଢ ଐଶ୍ୱର୍ଯ୍ୟ** (ଖ) ଚର୍ପିନା **ଐଶ୍ୱର୍ଯ୍ୟ** (ଗ) ଗୌନ୍ଦା ଐଶ୍ୱର୍ଯ୍ୟ (ଘ) ବିନ୍ଧାଧୀ ଐଶ୍ୱର୍ଯ୍ୟ (ଙ) ଶରାହା ଐଶ୍ୱର୍ଯ୍ୟ (ଚ) ଅମ୍ୱନା ଐଶ୍ୱର୍ଯ୍ୟ (ଛ) ନମ୍ୱୁଜା ଐଶ୍ୱର୍ଯ୍ୟ (ଜ) ନୟତା ଐଶ୍ୱର୍ଯ୍ୟ ।

(୪୨) ସ୍ୱରଶ୍ରାବରୀ କୋଷ : ଜୀବ ପିଣ୍ଡର ଚର୍ମ, କୋଷ, ସ୍ନାୟୁ ସହ ଏହି ସ୍ୱର ଶବ୍ଦର ଅଂଶୀୟ ସ୍ୱର ମିଶ୍ରିତ ହୋଇ ସୂକ୍ଷ୍ମ ପ୍ରକ୍ରିୟା ଓ ସୂକ୍ଷ୍ମାତି ସୂକ୍ଷ୍ମ ଗତିରେ କାର୍ଯ୍ୟ କରୁଥାଏ, ଜୀବ ପିଣ୍ଡ ମଧ୍ୟରେ ଘର୍ଷଣ କ୍ରିୟା ହେତୁ ଉଦରରେ ୭ ପ୍ରକାର କାର୍ଯ୍ୟ ସମ୍ପାଦିତ ହୋଇ ସପ୍ତସ୍ୱର ଉତ୍ତୋଳନ କରିଥାଏ ।

ଏହି ସପ୍ତସ୍ୱର ହେଉଛି - (୧) ବିମୁଜା ସ୍ୱର (୨) ଦ୍ରୀଚୁତା ସ୍ୱର, (୩) କୃପାରୀ ସ୍ୱର (୪) ଦକ୍ଷିର୍ଣ୍ଣା ସ୍ୱର (୫) ମିତ୍ରଧୂତ୍ରୀ ସ୍ୱର (୬) କଣ୍ଠ ସ୍ୱର (୭) ଶ୍ରାରିଦ୍ୱା ସ୍ୱର ।

ଶବ୍ଦ ଶ୍ରାବରୀର ସୃଷ୍ଟିପରେ ସ୍ୱର ଶ୍ରାବରୀର ଦୁଇ ପ୍ରକାର ରଙ୍ଗ ଆସେ ଯଥା:- ଧଳା ଓ ନିଳ ।

କ୍ରମଶଃ....



# କଲ୍ୟାଣ ଦେଲି ତୋତେ

ଆମେ ଯାହା ଚାହୁଁଛେ, ମାଗୁଛେ, ତାହା କ'ଣ ବାସ୍ତବରେ ଆମପାଇଁ ଏକାନ୍ତ ପ୍ରୟୋଜନ ? ଆମେ ଯେତେବେଳେ ଜନନୀ ଜରାୟୁରେ ଥିଲେ, ସେତେବେଳେ କ'ଣ ଏହି ବିଷୟ କାମନା ଆମ ଭିତରେ ଥିଲା ? ତେବେ ଭୂମିଷ୍ଠ ହେବାପରେ ଏତେ ମାତ୍ରାରେ ବିଚଳିତ ହୋଇଗଲେ କାହିଁକି ? ତା'ର ଏକମାତ୍ର କାରଣ ହେଉଛି ଯେ, ଆମେ କିଏ, କେଉଁଠୁ, କାହିଁକି ଆସିଛେ, କେବେ ଯିବା, କିପରି ଯିବା, କେଉଁଠାକୁ ଯିବା, ଯିବା ସମୟରେ ଆମ ସଂଗରେ ସାଥୀରେ କିଏ ବା କେଉଁ ବସ୍ତୁ ଯିବ ତାହା ଜାଣିବାର ସୁଯୋଗ ମିଳିଲା ନାହିଁ । ଯୁଗ ତଥା କାଳର ପ୍ରଭାବରେ ଜ୍ଞାନଶକ୍ତି ବିସ୍ମୃତ ହୋଇଗଲା । ତେଣୁ ଅନିତ୍ୟକୁ ନିତ୍ୟ, ଅସତ୍ୟକୁ ସତ୍ୟ, ବାସ୍ତବକୁ ଅବାସ୍ତବ ମନେକରି ସେହି ଅନିତ୍ୟ, ଅସତ୍ୟ, ଅବାସ୍ତବ ବସ୍ତୁ ପାଇବା ପାଇଁ ପାଗଳ ହୋଇଗଲେ । ସେଇଥିପାଇଁ ଏଠାକୁ ଆସିବା ପୂର୍ବରୁ ଯିଏ ଆମ ସହିତ ଥିଲେ, ଯିବାବେଳେ ଏକା ସେହି ସାଥି ହେବେ । ସେହି କଲ୍ୟାଣମୟ ଆତ୍ମାଧିଶ୍ୱର ଆଜି ଶ୍ରୀକରପଲ୍ଲବରେ ଜ୍ଞାନାମୃତ ବଣ୍ଟନ କରି କଲ୍ୟାଣ ଦେଇ ଚାଲିଛନ୍ତି, ତାଙ୍କରି ବାହୁଛାୟା ତଳେ ଆଶ୍ରୟ ଦେବା ପାଇଁ ।

ଯେତେଦିନ ନାଥ ତୁମ ପାଶେ ରହେ
ବିଷୟ ନପଶେ ପିଣ୍ଡେ ।
ତୁମ ଠାରୁ ଥରେ ଅନ୍ତର ହୋଇଲେ
ବିଶ୍ୱ ଭରିଯାଏ ଭାଣ୍ଡେ ॥

ତୁମକୁ ଧରିଛି ମନେ ମନେ ଭାବେ
ହାତ ମୋ ଖସି ଯାଉଛି,
ତୁମେ ପ୍ରଭୁ ନିଜେ ଧରି ନିଅ ମୋତେ
କାଳ ଆକର୍ଷି ନେଉଛି ॥

ତ୍ୟାଗ ମଧ୍ୟେ ତ୍ୟାଗ କରିବାକୁ ଯୋଗ
ମନ ଆଉ ବଳୁନାହିଁ ।
ଭୋଗ, ତ୍ୟାଗ ସୂତ୍ର ଶିଖାଇ ଦିଅହେ
ଦୀନବନ୍ଧୁ ଭାବଗ୍ରାହୀ ॥

# କଲ୍ୟାଣ ଦେଲି ତୋତେ

'ଚରମ' ରେ ଧନ ମୋର ଅମୃତ ସନ୍ତାନ ।
ସକଳ ଶୁଭ ମନାସି ଦେଉଛି କଲ୍ୟାଣ ॥୧॥
ପଞ୍ଚଭୂତ ତତ୍ତ୍ୱ ମଧ୍ୟ ଜଳ ଓ ପବନ ।
ବୁଝାଇ କହିଛି ତୋତେ କରି ସମାଧାନ ॥୨॥
ମନ ସ୍ଥିରକରି ଏବେ ଅଗ୍ନି ତତ୍ତ୍ୱ ଶୁଣ ।
କିପରି ସେଥିରେ ହୁଏ ସୃଷ୍ଟିର କଲ୍ୟାଣ ॥୩॥
ଆଦ୍ୟେ ଅଗ୍ନି ଜନ୍ମ, ନାମକରଣ ରହସ୍ୟ ।
କଳ୍ପର ବ୍ରହ୍ମାଣ୍ଡ ସୂତ୍ରେ ସେ ଜ୍ୟୋତି ପ୍ରକାଶ ॥୪॥
କହୁଅଛି ସଂକ୍ଷେପରେ ଧରମ ନନ୍ଦନ ।
ଶ୍ରଦ୍ଧା, ଭକ୍ତି, ବିଶ୍ୱାସରେ କର ତୁ ଶ୍ରବଣ ॥୫॥
ପଦ୍ମକଳ୍ପ, ବ୍ରହ୍ମକଳ୍ପ ହୋଇଗଲା ଶେଷ ।
ବରାହ କଳ୍ପର ଲୀଳା କରିଲା ପ୍ରବେଶ ॥୬॥
ହିରଣାକ୍ଷ ନାମେ ଦୈତ୍ୟ ମହା ବଳିୟାର ।
ବ୍ରହ୍ମ ତମଗୁଣ ତେଜେ ପ୍ରଚଣ୍ଡ ଶରୀର ॥୭॥
ତା'ର ଅତ୍ୟାଚାର କେହି ନ ପାରିଲେ ସହି ।
ମହାବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ ମହୀ ॥୮॥
ଲୀଳାମୟ ନିଜ ଅଂଗ ରୂପାନ୍ତର କଲେ ।
ବରାହ ରୂପରେ ସେହି ଆବିର୍ଭାବ ହେଲେ ॥୯॥
ହିରଣାକ୍ଷ ବଧ ପାଇଁ ଅତି କ୍ରୋଧ କଲେ ।
ତାଙ୍କରି ମୁଖରୁ ମହାଅଗ୍ନି ପ୍ରକାଶିଲେ ॥୧୦॥
'ବୈଷ୍ଣବାଗ୍ନି' ନାମେ ସେହି ପ୍ରଳୟ ଅନଳ ।
ହିରଣାକ୍ଷ ଭସ୍ମକରି ରହିଲେ ଭୂତଳ ॥୧୧॥
ଏହିଠାରୁ ଅଗ୍ନିଙ୍କର ପ୍ରଥମ ପ୍ରକାଶ ।
ହୋଇଲା ସୃଷ୍ଟିରେ ଶୁଣ ମୋର ପ୍ରିୟ ଶିଷ୍ୟ ॥୧୨॥
ପ୍ରତିକଳ୍ପ ଶେଷେ ସୃଷ୍ଟି ପ୍ରଳୟ ଯେ ହୁଏ ।
ପ୍ରଳୟରେ ବ୍ରହ୍ମଲୋକ ଆଦି ଲୀନ ଯାଏ ॥୧୩॥
ପ୍ରଳୟ ପୂର୍ବରୁ ମହାବିଷ୍ଣୁଙ୍କ ମୁଖରୁ ।
ମହାଅଗ୍ନି ସୃଷ୍ଟି ହୋଇ ତାଙ୍କର ଇଚ୍ଛାରୁ ॥୧୪॥
ଦହନ କରଇ ସର୍ବଲୋକ ସର୍ବସ୍ଥିତି ।
ତଦନ୍ତେ ପ୍ରଳୟ ଜଳ ବୃଷ୍ଟି ବରଷନ୍ତି ॥୧୫॥
ଜଳମୟ ହୋଇଯାଏ ସକଳ ଭୁବନ ।
କେବଳ ରହନ୍ତି ସେହି ଶ୍ୟାମ ନବଘନ ॥୧୬॥
ମହାଶୂନ୍ୟେ ପ୍ରଳୟର ଭୋଗ ଶେଷ ହେଲେ ।
ନୂଆସୃଷ୍ଟି ରଚିବାକୁ ସ୍ରଷ୍ଟା ଇଚ୍ଛାକଲେ ॥୧୭॥
ତାଙ୍କ ନାଭିକମଳରୁ ବ୍ରହ୍ମାରୂପ ଜନ୍ମି ।
କରନ୍ତି ସମସ୍ତ ସୃଷ୍ଟି ରଜଗୁଣ ନାମୀ ॥୧୮॥
ବିଷ୍ଣୁ ରୂପରେ ପାଳନ୍ତି ସ୍ଥାବର ଜଙ୍ଗମ ।
ଶିବରୂପେ ସଂହାରନ୍ତି ପୁରୁଷ ଉତ୍ତମ ॥୧୯॥
ତାଙ୍କ ମାୟାବଳେ ପଞ୍ଚଭୂତ ଜାତ ହୋଇଯାନ୍ତି ।
ସେହି ପଞ୍ଚଭୂତ ମଧ୍ୟେ ଅଗ୍ନି ମହାଶକ୍ତି ॥୨୦॥
ଜାତ ହୋଇ ପ୍ରସରନ୍ତି ସକଳ ଭୁବନେ ।
ବ୍ରହ୍ମତେଜ, ବ୍ରହ୍ମଆଜ୍ଞା କାରଣ ପାଳନେ ॥୨୧॥
କେଉଁଠାରେ କେଉଁନାମେ ଅଗ୍ନିଛନ୍ତି ରହି ।
ଆଗାମୀ ସଂଖ୍ୟାରେ ତାହା ଦେବି ତୋତେ କହି ॥୨୨॥

ତୋର ମଙ୍ଗଳାକାଂକ୍ଷୀ
ପିତା

# କଲ୍ୟାଣ ଦେଲି ତୋତେ

'ଚରମ'ରେ ଧନମୋର ନୟନ ପିତୁଳା ।
ମିଛକୁ ଆଶ୍ରୟ କରି ହେଉଛୁ ବାଉଳା ॥୧॥
ମନଖୋଲି ଚକ୍ଷୁମେଲି ଦେଖ ଥରେ ତୁହି ।
କିପରି ତୋହର ପିତା ପିଣ୍ଡେ ଛନ୍ତି ରହି ॥୨॥
ଥରେ ଯଦି ଭାବତୋଳି ଅନୁଭବେ ପାଉ ।
କାଳ ସମନର ଚିନ୍ତା ନରହିବ ଆଉ ॥୩॥
ପଞ୍ଚଭୂତ ଉପାଦାନେ ମନ୍ଦିର ହୋଇଛି ।
ଶୂନ୍ୟ ସହ ଗୋପନରେ ମିଳନ ହେଉଛି ॥୪॥
'ବାୟୁ'ଗୁଣ ତିନି ଅଂଶ ବୁଝାଇ ଦେଇଛି ।
ଚତୁର୍ଥରେ 'ପ୍ରସାରଣ' ଗୁଣ କହୁଅଛି ॥୫॥
ନାସା ଦ୍ୱାର ଦେଇ ବାୟୁ ଶରୀରକୁ ଯାଏ ।
ତୋର ଅଜାଣତେ ପିଣ୍ଡ କୋଷ ମଧ୍ୟେ ରହେ ॥୬॥
ସଙ୍କୋଚନ, ପ୍ରସାରଣ ସୂକ୍ଷ୍ମ ଗତି ଧରି ।
କ୍ଷୟ ବୃଦ୍ଧି ଆଦି କ୍ରିୟା ଯାଉଥାଏ କରି ॥୭॥
ନିୟନ୍ତ୍ରିତ ହୋଇ ଯଦି ପ୍ରସାରିତ ହୁଏ ।
ଆତ୍ମବଳ ଖଞ୍ଜି ହୋଇ ବ୍ରହ୍ମଶକ୍ତି ପାଏ ॥୮॥
କୁଳକୁଣ୍ଡଳିନୀ ଚକ୍ରେ ଚଢ଼ି ବିଧି ଆଚରଣେ ।
ଊର୍ଦ୍ଧ୍ୱଗାମୀ ହୋଇ ସଦା ଘୂରେ କୋଣେ କୋଣେ ॥୯॥
ଧୀରେ ଧୀରେ ଷଡ଼ଚକ୍ର ପଦ୍ମକୁ ଛୁଅଁଇ ।
ପ୍ରସାରିତ ହୋଇ ପଦ୍ମ ପାଖୁଡ଼ା ଖୋଲଇ ॥୧୦॥
ମନ ସଂଗେ ମିଳି ସତ ଭାବ ସୃଷ୍ଟିକରେ ।
ଉଦାର, ପ୍ରଶସ୍ତ କରି ସହ୍ୟ ଶକ୍ତି ଧରେ ॥୧୧॥

ଏହି ଭାବ ଯେତେବେଳେ ଦୃଢ଼ତର ହୁଏ ।
ତେତାରେ ଭାବର ବୃତ୍ତି ତୋଳି ହୋଇଯାଏ ॥୧୨॥
ପ୍ରତିପଦ୍ମ ସତଗୁଣ ବିସ୍ତାରିତ ହୋଇ ।
ବ୍ରହ୍ମ ଅନୁଭବ ପାଇଁ ସଦା ଜାଗ୍ରତ ରହଇ ॥୧୩॥
ନାଦଗର୍ଜ୍ଜଣ କୋଷର ଧାରଣ କ୍ଷମତା ।
ଶୁଦ୍ଧ ବାୟୁ ପ୍ରସାରଣେ ହୁଏ କାଳଜିତା ॥୧୪॥
ଏହି କୋଷ ଚିତ୍ର ନେଇ ପ୍ରସାରିତ ବାୟୁ ।
ତ୍ରିନାଡ଼ି ମଧ୍ୟରେ ଗତି କରି ଯାଉ ଯାଉ ॥୧୫॥
ତ୍ରିବେଣୀ ସଂଗମେ ଆପେ ସ୍ଥିର ହୋଇଯାଏ ।
ଦ୍ୱାଦଶ ଆଙ୍ଗୁଳ ପିଣ୍ଡ ଶୂନ୍ୟେ ଉଠିଯାଏ ॥୧୬॥
ସମାଧିସ୍ଥ ହୋଇ ଯେବେ ତ୍ରିକୂଟରେ ରହେ ।
ବ୍ରହ୍ମାଣ୍ଡରେ ସହସ୍ରାର ଚକ୍ର ପଥେ ଯାଏ ॥୧୭॥
ଜୀବର ଭାବକୁ ପ୍ରସାରିତ କରି ସେ ପବନ ।
ନିତ୍ୟ ଗୋଲୋକ ଧାମରେ ସ୍ଥିତ କରେ ମନ ॥୧୮॥
ଅଭ୍ୟାସ ସାଧନ ଯଦି ପିଣ୍ଡରେ ନହୁଏ ।
ପ୍ରସାରଣ କ୍ରିୟା ଫଳ ବିପରୀତ ହୁଏ ॥୧୯॥
ଶ୍ୱାସ, କାଶ, ଅତିସାର, ଯକ୍ଷ୍ମା ଆଦି ରୋଗ ।
ବୃଦ୍ଧି ପାଇ କଷ୍ଟ ପାଏ ଭୋଗେ ନର୍କଯୋଗ ॥୨୦॥
ବାଲ୍ୟକାଳୁ ସଂକୋଚନ, ପ୍ରସାରଣ କ୍ରିୟା ।
ଅଭ୍ୟାସ ନକଲେ ଅକାରଣ ହୁଏ କାୟା ॥୨୧॥
ଜୀବକୋଷ ମଧ୍ୟେ ବାୟୁ ଶକ୍ତ ହୋଇଯାଏ ।
ବୟସ ବୃଦ୍ଧିରେ ଆଉ ସଂଯମ ନହୁଏ ॥୨୨॥

ତୋର ମଂଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

୧. ଜଗତରେ ଅର୍ଥର ପ୍ରାଧାନ୍ୟ ରହିଛି, ପୁଣି ଅର୍ଥର ପ୍ରାଧାନ୍ୟ ମଧ୍ୟ ନାହିଁ । ଆଧ୍ୟାତ୍ମିକ କ୍ଷେତ୍ରରେ ଅର୍ଥର ପ୍ରଧାନ୍ୟ ନାହିଁ । ମାତ୍ର ବୈଷୟିକ କ୍ଷେତ୍ରରେ ଅର୍ଥର ପ୍ରାଧାନ୍ୟ ରହିଛି, ରହିବ ॥

୨. କର୍ମର ସୂତ୍ର ରହିଛି, କର୍ମର ଫଳ ମଧ୍ୟ ରହିଛି । ପରିବାର ମଧ୍ୟରେ ବାନ୍ଧି ହୋଇ ରହି ପରିବାରବର୍ଗଙ୍କ ପାଇଁ ତୁମେ ଯାହାସବୁ କରୁଛ, ତାହା ମଧ୍ୟ ସେବା ॥

୩. ଧର୍ମକୁ ବିଭିନ୍ନ ସୂତ୍ରଦେଇ ରକ୍ଷା କରାଯାଉଛି । ତୁମ୍ଭେମାନେ ଦାନବୀର ହରିଶ୍ଚନ୍ଦ୍ର ନା ଦାତା କର୍ଣ୍ଣ ହୋଇ ପାରିବ ? ସେମାନଙ୍କର ଜିନ୍ ସେହିପରି ଥିଲା । କୋଟିଏରେ ଗୋଟିଏ ସେହିଭଳି ଆତ୍ମା (Soul) ଖସି ଥାଆନ୍ତି । ଯେ ସର୍ବସ୍ୱ ଦାନ କରିଦେଇ ପାରେ, ସେ ଉତ୍ତମ ଶିଷ୍ୟ । ସେ ସାଧାରଣ ସ୍ତରର ନୁହେଁ ।

୪. ଯାହା ଜପି ହୁଏ ନାହିଁ, ତାହା ଅଜପା । ଅଜପାକୁ ଜପି ହୁଏନା କି ମାପି ହୁଏନା ॥

୫. ଜ୍ଞାନ ଅମାପ, ଯେତେ ବୁଝିବ, ସେତେ ସନ୍ଦେହ ରହିବ ॥

୬. ଯାହା ଦିଆଯାଇଛି, ତା'କୁ ଟାଣକରି ଧର । ଭବିଷ୍ୟତ ପାଇଁ ବିଶେଷ କିଛି ଚିନ୍ତା କରନା ॥

୭. ବ୍ରହ୍ମଜ୍ଞାନ ବୁଝିବା ପାଇଁ ବାହ୍ୟ ଜିନିଷ ସାମୟିକ ବୋଲି ବୁଝି କର୍ମକୁ ଟାଣ କର ॥

୮. ପ୍ରତ୍ୟେକ କାର୍ଯ୍ୟ ସ୍ଥିର ହେବା ପର୍ଯ୍ୟନ୍ତ ମନ ଅସ୍ଥିର ହେବ ହିଁ ହେବ । କାର୍ଯ୍ୟ ସ୍ଥିର ହେବାପରେ ମନ ମଧ୍ୟ ସ୍ଥିର ହୋଇଯିବ ॥

୯. ଯେଉଁମାନେ ସମାଲୋଚନା କରୁଛନ୍ତି, ସେମାନେ କ'ଣ ସମୂହକୁ ଚାହୁଁଛନ୍ତି ? ସେମାନେ ସେମାନଙ୍କର ସ୍ୱାର୍ଥ ଦେଖୁଛନ୍ତି; ତେଣୁ ସ୍ୱାର୍ଥ ପୂରଣ ନ ହେବାରୁ ସମାଲୋଚନା କରୁଛନ୍ତି ॥

୧୦. କାଳ ଯମର ଅର୍ଥ ହେଉଛି - କାଳ ବୋଇଲେ, ରୋଗ ଯନ୍ତ୍ରଣା ଇତ୍ୟାଦି । ଯାହା ଅନୁଭବ କରାଯାଇପାରେ ବା ଯାହା ଦୃଶ୍ୟମାନ । ଯମ ବୋଇଲେ, ଯିଏ ଏସବୁ କରାଉଛନ୍ତି । ତାଙ୍କୁ ଅନୁଭବ କରାଯାଇ ପାରେନା ବା ସେ ଦୃଶ୍ୟମାନ ନୁହନ୍ତି ॥

୧୧. ମନକୁ ନିର୍ବିଷୟ କରିବା ବା ଶୁଦ୍ଧ ମନର ଅଧିକାରୀ ହେବା ଅତି କଠିନ ବ୍ୟାପାର ଓ କଠୋର ସାଧନା ସାପେକ୍ଷ । ଆଶା, ଲାଳସା ବା କାମନା ରୂପିଣୀ ବାଘୁଣୀ ଷଡ଼ ଐଶ୍ୱର୍ଯ୍ୟ ଗ୍ରାସ (ଭୋଗ) କଲେ ମଧ୍ୟ ତୃପ୍ତ ହୁଏ ନାହିଁ ॥

୧୨. ହାତକଡ଼ା ପଡ଼ିଥିବା ଅପରାଧୀର ପରିଣାମରେ ଦଣ୍ଡ ସ୍ୱରୂପ ତରବାରୀରେ ମୁଣ୍ଡକାଟ ହୁଏ । ସେହିପରି କାମନାରେ ବନ୍ଧାପଡ଼ିଥିବା ମାନବ କାମିନୀର କଟାକ୍ଷ କଟାରୀରେ ନିହତ ହୁଏ । ତେଣୁ ସେମାନଙ୍କର ମୁକ୍ତିର ପଥ ଅତି ଦୁର୍ଗମ ॥

୧୩. ସାଧନ କ୍ଷେତ୍ରରେ ନାନାଦି ଚେଷ୍ଟା - ଧ୍ୟାନ, ଧାରଣା, ସାଷ୍ଟାଙ୍ଗ ପ୍ରଣାମ, କୃତାଞ୍ଜଳି ଅର୍ଘ୍ୟ, ଧର୍ମଧାରା ଓ ନିତ୍ୟକର୍ମଯୋଗ ଅଭ୍ୟାସରେ ଯୋଗ ସିଦ୍ଧ ହୁଏ, ନତୁବା ନୁହେଁ ॥ ରେ ବିବେକୀ ସନ୍ତାନ, ତୁମେ ସେହି ଧର୍ମଧାରା ଓ କର୍ମଯୋଗର ପଥ ଧରି ତତ୍ତ୍ୱଜ୍ଞାନରେ ନିର୍ବନ୍ଧୀ ହୁଅ; ଚିତ୍ତବୃତ୍ତି ନିରୋଧ କରି ଯୋଗ ସାଧନ କର; ଭକ୍ତିଭାବ ତୁମ ହୃଦୟରେ ଉଦୟ ହେବ; ତେବେ ଯାଇ ତୁମେ ମୋକ୍ଷର ଅଧିକାରୀ ହେବ ॥

୧୪. ଯେଉଁ ବ୍ୟକ୍ତିର କାହାପ୍ରତି ଅନୁରାଗ ବା ଆସକ୍ତି ନଥାଏ, କିମ୍ବା କାହାପ୍ରତି ଦ୍ୱେଷ ବା ବିଦ୍ୱେଷ ନଥାଏ, ଯେଉଁ ବ୍ୟକ୍ତି ସ୍ୱଭାବତଃ ଦୟାଳୁ ଏବଂ ଦାନ ଦେବାରେ କୁଣ୍ଠିତ ନୁହନ୍ତି, ଯେଉଁ ବ୍ୟକ୍ତି ବିଷୟର ଆକାଂକ୍ଷାରୁ ନିବୃତ୍ତ ହୋଇ ଥାଆନ୍ତି; ସେମାନଙ୍କୁ ନିଃସ୍ପୃହ କୁହାଯାଏ ॥

୧୫. ଶାନ୍ତ ଅବସ୍ଥାରେ ମନ ସ୍ଥାୟୀ ଭାବରେ ରହିଲେ, ଆତ୍ମ ଉନ୍ନୟନ ହୁଏ । ସେତେବେଳେ କେହି ତୁମର ଶତ୍ରୁ ନୁହନ୍ତି, କେହି ମଧ୍ୟ ତୁମର ମିତ୍ର ନୁହଁନ୍ତି । ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିପାରିବ । ସେତେବେଳେ ଲାଭରେ ସନ୍ତୁଷ୍ଟ ବା କ୍ଷତିରେ ବିଷାଦ ଭାବ ନଥାଏ । କୌଣସି ସୁଖରେ କାମନା ନଥାଏ, ଦୁଃଖରେ ମଧ୍ୟ କାତର ଭାବ ରହେନାହିଁ । ଏହାହିଁ ଶାଶ୍ୱତ ଦିବ୍ୟ ଅବସ୍ଥା । ଏହିଠାରୁ ହିଁ ଚରମପ୍ରାପ୍ତିର ପଥ ଖୋଲିଯାଏ ॥

୧୬. ଭାରତର ପୋଥିପୁରାଣରୁ ପୃଥିବୀର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭ ହୋଇଥାଏ ॥

୧୭. ବହୁ ସଦାତ୍ମା ମୋହବଶରୁ ଅନେକ କ୍ଷେତ୍ରରେ ଅହଂକାରର ଶିକାର ହୋଇ ଦେବଦୁର୍ଲଭ ମାନବ ଜୀବନକୁ ପାପପଙ୍କିଳ କରି ତୋଳି ଥିବାର ଅନେକ ପ୍ରମାଣ ଅଛି ॥

୧୮. ସତ୍‌ସଙ୍ଗର ନିୟମ ଓ ପଦ୍ଧତି ଅଲଗା । ସେଠାରେ ଆତ୍ମ ସମ୍ମାନୀ ଓ ସାଧାରଣ ପ୍ରତ୍ୟେକେ ସମାନ । ସମସ୍ତଙ୍କୁ ସତ୍‌ସଂଗର ନିୟମ ଓ ପଦ୍ଧତି ଅବଶ୍ୟ ମାନିବାକୁ ପଡ଼ିବ ହିଁ ପଡ଼ିବ ॥

୧୯. ପ୍ରଜାପତି ଘଟସୂତ୍ରର ବାରଗୋଟି ପଦ୍ଧତିର ମିଳନରେ ବର୍ଣ୍ଣାଶ୍ରମ ପଦ୍ଧତିର ବିବାହ ସ୍ଥିର ହୋଇ ପାରିବ ॥

୨୦. ପ୍ରଜାପତି ଘଟସୂତ୍ର ପଦ୍ଧତିରେ ଛିନ୍ ପ୍ରକରଣ ରହୁଛି । ଏ ପଦ୍ଧତିରେ ବିବାହ ଅନୁଷ୍ଠିତ ହେଲେ, ପାରିବାରିକ ଓ ଦାମ୍ପତ୍ୟ ବିଶୃଙ୍ଖଳା ଓ ଅଶାନ୍ତି ଅସନ୍ତୋଷ ରହନ୍ତା ନାହିଁ । ଏହା ଫଳରେ ଉତ୍ତମ ସନ୍ତାନମାନେ ଉନ୍ନତ ଆତ୍ମାଧରି ଧରାପୃଷ୍ଠକୁ ଆସିପାରନ୍ତେ ॥

# ନୀଳଚକ୍ର
## ଚରମର ସଂକେତ

## ବିଶ୍ୱଶାନ୍ତି ମହାଯଜ୍ଞ

ସ୍ଥାନ : ଦେଉଁଗାଁ, ରାଉରକେଲା, ସୁନ୍ଦରଗଡ଼
ତା ୧୧-୬-୨୦୧୦ରିଖ ଠାରୁ ତା ୧୫-୬-୨୦୧୦ରିଖ ପର୍ଯ୍ୟନ୍ତ
ଜ୍ୟେଷ୍ଠ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ବୃଷ ୨୮ଦିନ ଠାରୁ
ଜ୍ୟେଷ୍ଠ ଶୁକ୍ଳପକ୍ଷ ତୃତୀୟା / ଚତୁର୍ଥୀ ମିଥୁନ ୧ଦିନ ପର୍ଯ୍ୟନ୍ତ ॥

**ଓଁ ବନ୍ଦେ ଅବ୍ୟକ୍ତ ପୁରୁଷ କେଶବଚନ୍ଦ୍ରାୟ ନମଃ !!!**

ବନ୍ଦେଽବ୍ୟକ୍ତରୂପମବ୍ୟକ୍ତପୁରୁଷଂ ବନ୍ଦେ ମମାତ୍ମଦେବମ୍
ବନ୍ଦେ ତ୍ରିଭୁବନତ୍ରିବିକ୍ରମନାଥଂ ବନ୍ଦେ ତ୍ରିନାଥେଶ୍ୱରମ୍
ବନ୍ଦେ ହୃଦଗତଂ ମମଦେହୀଦେବଂ ବନ୍ଦେ ଜଗଜ୍ଜୀବନମ୍
ବନ୍ଦେ ତ୍ରିପୁରସୁନ୍ଦର ରୂପଧରଂ ବନ୍ଦେ ଜୀବଜ୍ଜୀବନମ୍ ॥

ବନ୍ଦେ ସଦା ମମହୃଦି ତବ ପାଦଯୁଗମ୍
ଗାୟତଃ ମେଽଧର ପୁଟେ ତବ ନାମ ପୁଣ୍ୟମ୍ ।
ପଶ୍ୟାମିତେଽଖିଳରୂପଂ ଦିବସେ ଚ ରାତ୍ରେ
ପାତୁ ମେ ଜଗତପିତା ସର୍ବକାଳେ ତୁ ସର୍ବଥା ॥

***

ପଚାରିଲୁ ରାମ ଗୁମର କଥା । ଶୁଣିଲେ ରେ ବାବୁ ଘୂରିବ ମଥା ॥
ଗହନ ନିଗୂଢ଼ ବାରତା ଏହି । ବେଳକାଳ ଶୁଝି ଏକଥା କହି ॥
ନିରାକାର ବ୍ରହ୍ମ ସମାଧି ଧ୍ୟାନ । ଯୋଗର ବାରତା ଏହି ବଚନ ॥
ମନ୍ୱନ୍ତର ପୂର୍ବେ ଶ୍ରୀମହାଦେବ । ଅତଳାତଳରେ ସମାଧିଯୋଗ ॥
ସାଧନରେ ମନ ଥିଲେ ନିବେଶି । ଅତଳ ପାତାଳେ ଯାଇ ପ୍ରବେଶି ॥
ଯୋଗୀଶ୍ୱରକଲେ ଯୋଗ ସାଧନ । ସହଜେ ବୁଝିବୁ ଧନ ବଚନ ॥
ଧନରେ ମୋ'ରାମ ରଖି ଥାମନ । ଧନ୍ୟ ହୋଇଯିବ ତୋର ଜୀବନ ॥
ଟାହି ଟାପରାରେ ଫୁଙ୍କିବୁ ନାଇଁ । ପଡ଼ିବୁଟି ବାବୁ ନରକେ ଯାଇଁ ॥

ଏକଦା ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟ ଶିଷ୍ୟ ରାମଦାସଙ୍କର ପ୍ରଶ୍ନଶୁଣି ନିର୍ବିକଳ୍ପ ସମାଧିରୂଢ଼ ଅବସ୍ଥାରେ ନିରାକାର ବ୍ରହ୍ମ ସମାଧିର ଧ୍ୟାନଯୋଗର ବାର୍ତ୍ତା ଆଣି ଶିଷ୍ୟ ରାମଦାସଙ୍କୁ ଶୁଣାଇ କହିଲେ -- ପୂର୍ବ ମନ୍ୱନ୍ତରରେ ଦେବଦେବ ଶ୍ରୀ ମହାଦେବ ଶିବଶଙ୍କର ଶମ୍ଭୁ ପାତାଳ ପୁରର ଅତଳ, ଅତଳାତଳକୁ ପ୍ରବେଶ କରି ଯାଇ ସମାଧିଯୋଗ ସାଧନରେ ମନୋନିବେଶ କରିଥିଲେ । ଏହା ଏକ ଗହନନିଗୂଢ଼ କଥା । ଏ କଥାକୁ ଦୃଢ଼ବିଶ୍ୱାସର ସହିତ ମନରେ ସାଇତି ରଖିଲେ ଜୀବନଧନ୍ୟ ହୋଇଯିବ । କିନ୍ତୁ ତାହି ଟାପରା, ଥଟ୍ଟାମଜା କରି ଫୁଙ୍କି ଉଡ଼ାଇ ଦେବାକୁ ମନକଲେ, ନରକ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ ।

ଶ୍ରୀ ମହାଦେବ ଶଙ୍କର ସମାଧିରୂଢ଼ ଅବସ୍ଥାରେ ଚରମ ସୋପାନରେ ଉପନୀତ ହୁଅନ୍ତେ ଶେଷଦେବ ଅନନ୍ତ ମହେଶ୍ୱରଙ୍କର ଦକ୍ଷିଣ କର୍ଣ୍ଣରେ ଫୁତ୍କାର ତୋଳି ବିନମ୍ରତାର ସହିତ କ୍ଷମାପ୍ରାର୍ଥନା କରି କହିଲେ : ହେ ପାର୍ବତୀପତି ! ହେ ସତୀନାଥ ! ଆପଣ କ୍ଷମା କରନ୍ତୁ । ବର୍ତ୍ତମାନ ଏହି ମଧୁସାଗର ଉର୍ଦ୍ଧ୍ୱକୁ ଉଠିବାର ସମୟ ଉପନୀତ । ଏହା ପୃଥିବୀ ମାତାର ବକ୍ଷଭେଦ କରି ପଥରମୟ ହେବ । ମୋ'ର ଅନ୍ୟ ଉପାୟ ନାହିଁ । କାଳଚକ୍ର ବଳରେ ଏହା ଆପଣାଛାଏଁ ଘଟିବାକୁ ଯାଉଅଛି । ଆପଣ ମୋତେ କ୍ଷମା କରନ୍ତୁ ।

ପରନ୍ତୁ ଦେବଦେବ ମହାଦେବଙ୍କର ସମାଧିଯୋଗର ଧ୍ୟାନ ଭଗ୍ନ ହେଲାନାହିଁ । କାଳଚକ୍ର ଖେଳ ଖେଳିଲା । ସେହି ଖେଳର ଫଳ, ଯାହା ହେବାର କଥା, ତାହାହିଁ ହେଲା । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଲେଖନୀରୁ ଝରିଗଲା..

ପୂର୍ବ ମନ୍ୱନ୍ତରରେ ଥିଲା ଏ ସ୍ଥାନ ପାତାଳେ । ମଧୁ ସମୁଦ୍ରରେ ବୁଡ଼ି ରହି ରସାତଳେ ॥
ମଧୁ ସାଗରରେ ବିଜେ କରିଥିଲେ ହର । ସମାଧିଯୋଗକୁ ସାଧୁଥିଲେ ଯୋଗୀବର ॥
କାଳଚକ୍ର ଯହୁଁ ଖେଳ ଖିଆଇଲା ହେଳେ । ହରି ପାରିଲେନି ରହି ଅଥଳ ପାତାଳେ ॥
ମଧୁ ସାଗରୁ ଉଠିଲା ଭିନ୍ନ ଭୂମି ରୂପ । ପାହାଡ଼ ସହିତ ହୁଡ଼ି ହୋଇଲା ଉଦ୍ଭୂତ ॥
ଶିବଲିଙ୍ଗ ତହ୍ ସହିତ ଉଦ୍ଭୂତ ହୋଇଲା । ଭୂଇଁ ତଳେ ଅପୂଜାରେ ଯୁଗଯେ ବିତିଲା ॥
ଗଛବୃକ୍ଷ ଲତାଗୁଳ୍ମ ପୂରିଲା ସେଠାଇଁ । ଗୁଳ୍ମଗୁଚ୍ଛ ତଳେ ରହିଲେକ ଶିବ ସାଇଁ ॥
ବିତିଲା ଶତ ସହସ୍ର ବରଷ ବରଷ । ଅପୂଜା ଲିଙ୍ଗ ରହିଲେ ନପାଇ ଗୋରସ ॥

ଏହିପରି ଭାବରେ କାଳଚକ୍ରର ଘୂର୍ଣ୍ଣନ ହେତୁ ଭୂମିତଳେ ଲତାଗୁଳ୍ମ ଆଢୁଆଳରେ ଶିବଲିଙ୍ଗ ଗୋଦୁଗ୍ଧଧାର ନ ପାଇ ଅପୂଜା ଅବସ୍ଥାରେ ହଜାର ହଜାର ବର୍ଷ ରହିଗଲେ ! ପୂର୍ବ ମନ୍ୱନ୍ତରର କୌଣସି ଏକ କଳିଯୁଗର ଅନ୍ତିମକାଳରେ ତ୍ରିକରାସୁର ନାମକ ଜଣେ ଅସୁର ନରପତି ସେ ସ୍ଥାନରେ ଉପନୀତ ହୋଇ ସ୍ଥାନଟିକୁ ଧ୍ୟାନଯୋଗ ପାଇଁ ଉପଯୁକ୍ତ ମନେକରି ପଦ୍ମାସନରେ ଠିକ୍ ସେହି ଶିବଲିଙ୍ଗ ଥିବା ସ୍ଥାନରେ ଉପବିଷ୍ଟ ହୋଇ ଶିବ ପଞ୍ଚାକ୍ଷର ମନ୍ତ୍ର ଜପରେ ନିବିଷ୍ଟ ହେଲେ । କାଳକ୍ରମେ ସେ ସମାଧିସ୍ଥ ହେଲେ । ଦୁର୍ଭାଗ୍ୟ ହେଉ କି ସୌଭାଗ୍ୟ ହେଉ, ଏକ ବିଷାକ୍ତ ନାଗସାପର କ୍ରୁର ଦଂଶନରେ ତାଙ୍କର ସମାଧି ଓ ଧ୍ୟାନ ଭଙ୍ଗ ହେଲା । ତୀବ୍ର ବିଷ ଜ୍ୱାଳାରେ ଅତିଷ୍ଠ ହୋଇ ସେ ନିକଟସ୍ଥ ଏକ ପାର୍ବତ୍ୟ ଝରଣାର ଶୀତଳ ଜଳରେ ଯାଇ ସ୍ନାନ କଲେ ସତ, ମାତ୍ର ତାଙ୍କର ପ୍ରାଣବାୟୁ ଉଡ଼ିଗଲା ।

ଶ୍ୱେତବରାହ କଳ୍ପର ଏହି ମାତ୍ର ଦ୍ୱାପରଯୁଗର ଦ୍ୱିତୀୟାର୍ଦ୍ଧ ଅର୍ଥାତ୍ ଆଜକୁ ପ୍ରାୟ ଚାରିଲକ୍ଷ ସଇଁତିରିଶ ହଜାର୍ ଏଗାର ବର୍ଷ (୪୩୭୦୧୧ବର୍ଷ) ପୂର୍ବରୁ ସେହି ସ୍ଥାନରେ ଦେବଗ ନାମଧାରୀ ଜଣେ ଶିବ ଉପାସକ ଉପନୀତ ହୋଇ ଗୋଟିଏ ପତ୍ରକୁଡ଼ିଆ ନିର୍ମାଣ କରି ଧ୍ୟାନ, ସମାଧି ଆଦି ଯୋଗ ସାଧନ କର୍ମରେ ନିୟୋଜିତ ଥିଲେ । ଏହିପରି ଭାବରେ ଶୈବଯୋଗୀ ସେଠାରେ ବର୍ଷବର୍ଷ ଧରି ଏକାକୀ ପର୍ବତକାନନରେ ଯୋଗଯୁକ୍ତ ଜୀବନଯାପନ କରୁଥିଲେ । ବହୁ ସମୟରେ ସେ ଏକ ଦୁର୍ବାର ଦୈବୀ ଆକର୍ଷଣର ପ୍ରଭାବରେ ପ୍ରଭାବିତ ହୋଇ ଯେଉଁ ସ୍ଥଳରେ ଗୁଳ୍ମଗୁଚ୍ଛ ତଳେ ମାଟି ଭିତରେ ଶିବ ଲିଙ୍ଗଥିଲେ, ସେଠାକୁ ଯାଉଥିଲେ ଓ ସେ ସ୍ଥାନରେ ପହଞ୍ଚିବା

ମାତ୍ରେ ଶିବ ପଞ୍ଚାକ୍ଷର ମନ୍ତ୍ର (ଓଁ ନମଃ ଶିବାୟ !) ପାଞ୍ଚଥର ତାଙ୍କ କର୍ଣ୍ଣପଟହରେ ସ୍ୱତଃ ଅନୁରଣିତ ହେଉଥିଲା । ମାତ୍ର, ଏହାର ରହସ୍ୟ ଉନ୍ମୋଚନ କରିବାକୁ ସେ ସମର୍ଥ ହୋଇ ପାରୁ ନଥିଲେ । କାଳକ୍ରମେ ତାଙ୍କ ପତ୍ରକୁଡ଼ିଆର ଚାରିପାଖରେ ଅନେକ ଆଦିମ ଅଧିବାସୀ ଆବାଳବୃଦ୍ଧବନୀତା ପତ୍ରକୁଡ଼ିଆ ନିର୍ମାଣ କରି ବସବାସ କରିବାକୁ ଲାଗିଲେ । ସେମାନେ ଯୋଗୀ ଦେବଗଙ୍କୁ ଗୁରୁଭାବରେ ଗ୍ରହଣ କରି ପୂଜାର୍ଚ୍ଚନା କରିବାକୁ ଲାଗିଲେ ଓ ବଣରୁ ଫଳମୂଳ ଫୁଲ ଆଦି ବନ୍ୟଜାତ ଦ୍ରବ୍ୟ ସକଳ ସଂଗ୍ରହ କରି ପ୍ରତିଦିନ ଭେଟି ସ୍ୱରୂପ ଦେଇ ପ୍ରଣାମ କରୁଥିଲେ । ଏହିପରି ଭାବରେ ଦିନ, ମାସ, ବର୍ଷ ବିତିଯାଉଥିଲା । ସବୁ ଯଥାରୀତି ଚାଲିଥାଏ । ମାତ୍ର ଦିନେ ନିକଟସ୍ଥ କୁଡ଼ିଆରେ ବସବାସ କରି ରହୁଥିବା ସ୍ତ୍ରୀପୁରୁଷ ସମସ୍ତେ ଦେଖିଲେ ଯେ ଯୋଗୀଗୁରୁଙ୍କ କୁଡ଼ିଆ ଶୂନ୍ୟ ଏବଂ ସେ ଆଖପାଖରେ କୌଣସି ଠାରେ ନାହାନ୍ତି । ବହୁତ ଦିନ ଅତିବାହିତ ହୋଇଗଲା, ମାତ୍ର ଯୋଗୀଗୁରୁ ଫେରିଆସିଲେ ନାହିଁ କିମ୍ବା ତାଙ୍କର କୌଣସି ସନ୍ଧାନ ମଧ୍ୟ ମିଳିଲା ନାହିଁ । ସମୟର ଚକ ଗଡ଼ିଗଡ଼ି ଚାଲିଲା । ପୃଥିବୀ ପୃଷ୍ଠରେ କେତେ ଗ୍ରୀଷ୍ମ, କେତେ ବର୍ଷା, କେତେ ବସନ୍ତ ଅତିବାହିତ ହୋଇଗଲା । ତା'ର ହିସାବ ମଧ୍ୟ କେହି ରଖି ନଥିଲେ କିମ୍ବା ହିସାବ ରଖିବାର କ୍ଷମତା ମଧ୍ୟ ତାଙ୍କର ନଥିଲା ।

ଏ ମଧ୍ୟରେ ଭୂପୃଷ୍ଠରେ ବହୁ ପରିବର୍ତ୍ତନ ହୋଇଗଲାଣି । ଏଇ ମାତ୍ର ଇଂରେଜମାନଙ୍କର ଶାସନକାଳରେ ସେହି ବନାଞ୍ଚଳର ଆଦିମ ଅଧିବାସୀମାନଙ୍କ ଗହଣରେ ହଠାତ୍ ଜଣେ ସାଧୁ ମହାତ୍ମାଙ୍କର ଆବିର୍ଭାବ ଘଟିଲା । ସେ ସେଠାରେ କୌଣସି ଏକ ବଟବୃକ୍ଷ ମୂଳରେ ଆଶ୍ରୟ ନେଲେ । ଆଖପାଖର ସରଳନିରୀହ ଲୋକମାନେ ତାଙ୍କୁ ଭକ୍ତି ଓ ବିଶ୍ୱାସର ସହିତ ସେବା କଲେ । ତାଙ୍କର ସକଳ ଅଭାବ ପୂରଣ କରିବାରେ ସେମାନେ ଅପାର ଆନନ୍ଦ ଲାଭ କରୁଥିଲେ । କଥାବାର୍ତ୍ତା ଛଳରେ ସେହି ସାଧୁ ମହାତ୍ମା ବିନ୍ଧ୍ୟାଚଳରୁ ଆସିଥିବାର ଅଭିପ୍ରାୟ ପ୍ରକାଶ କରି କହିଲେ ଯେ, ବାବୁ ! ଏ ଗାଁର ନାମ ଦେବଗା । ଏଠାରୁ ଅଳ୍ପଦୂରରେ ତ୍ରିକରା ନାମକ ସ୍ଥାନରେ ଗୋଟିଏ ଶିବ ମନ୍ଦିର ପ୍ରତିଷ୍ଠା କରିବାର ଆଜ୍ଞା ଆଦେଶକୁ ଶିରୋଧାର୍ଯ୍ୟ କରି ମୁଁ ବହୁପଥ ପଦବ୍ରଜରେ ଆସି ବହୁକଷ୍ଟରେ ଏଠାରେ ପହଞ୍ଚିପାରିଛି । ଏହା କେବଳ ମୋ' ଶ୍ରୀଗୁରୁଦେବଙ୍କର ଅପାର କରୁଣା ଓ ଅମାପ କଲ୍ୟାଣରୁ ସମ୍ଭବ ହୋଇପାରିଛି । ପଥ ମଧ୍ୟରେ ମୁଁ ବହୁବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ମଧ୍ୟ ଶ୍ରୀଗୁରୁଦେବଙ୍କର ଆଶୀର୍ବାଦରୁ ମୁଁ ସୁରକ୍ଷିତ ହୋଇ ରହିପାରିଛି । ମାତ୍ର, ତୁମମାନଙ୍କୁ ଆହୁରି କିଛିଦିନ ମୋ' ସହିତ ଅପେକ୍ଷା କରିବାକୁ ହେବ । ଉପଯୁକ୍ତ ସମୟ ନ ଆସିବା ପର୍ଯ୍ୟନ୍ତ ଆମେମାନେ କିଛିବି କରିପାରିବୁ ନାହିଁ । ବିଧିର ବିଧାନ ମାନି ଏ ତ୍ରିଜଗତ ଚାଲୁଛି । ଆମ୍ଭମାନଙ୍କୁ ମଧ୍ୟ ତାହା ମାନି ଚାଲିବାକୁ ହେବ । ଏହିପରି ଭାବରେ ବର୍ଷପରେ ବର୍ଷ ବିତିଗଲା । କେତେ ବୈଶାଖ, କେତେ ବର୍ଷା, କେତେ ବସନ୍ତ ଅତୀତ ଗର୍ଭରେ ଲୀନ ହେବାକୁ ଲାଗିଲା । କେତେ ବୃଦ୍ଧବୃଦ୍ଧା ଧରାଧାମରୁ ବିଦାୟ ନେଇଗଲେ । କେତେ ଶିଶୁ ଧରାପୃଷ୍ଠରେ ଜନ୍ମଲାଭ କଲେ । କେତେ ବାଳକବାଳିକା ଯୁବକ ଯୁବତୀ ହେଲେ । କେତେ ଯୌବନ ଢଳି ଯାଇ ବାର୍ଦ୍ଧକ୍ୟର ଗ୍ରାସରେ ଗ୍ରସ୍ତ ହେଲା । କେତେ ସୁଖଦୁଃଖ, କେତେ ହସକାନ୍ଦ, କେତ ଲୁହଲହୁ ସେ ବନ ଅଞ୍ଚଳକୁ ସ୍ପର୍ଶକରି ଅତୀତ ହୋଇଗଲା ।

ସେ ସମୟର ଦେବଗା ଏବେକାର ଦେଓଗାଁ, ସେତେବେଳେ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା ଏବଂ ଏହି ଅଞ୍ଚଳର ଅଧିବାସୀମାନେ ନାନାପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ଚୋରି ଡକାୟତି, ନାରୀହରଣ ଓ ନିଶାସେବନ ଆଦିରେ ଅଭ୍ୟସ୍ତ ଥିଲେ । ଅନତିଦୂରରେ ଅବସ୍ଥିତ ତ୍ରିକରା ନାମକ ସ୍ଥାନ ମଧ୍ୟ ନିଘଞ୍ଚବନାନୀ ପରିବେଷ୍ଟିତ ଥିଲା । ଗୋପାଳ ସମ୍ପ୍ରଦାୟର ଲୋକମାନେ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ପାର ହୋଇ ନିଜନିଜର ଗୋରୁଗାଈ ଚରାଇବାକୁ ସେ ଅଞ୍ଚଳକୁ ପ୍ରାୟ ପ୍ରତିଦିନ ଆସୁଥିଲେ । ବନ୍ୟ ହିଂସ୍ରଜନ୍ତୁଙ୍କର ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ସେମାନେ ସାଙ୍ଗରେ ଟାଙ୍ଗିଆ ଗୋଟେ ଗୋଟେ ନେଇ ଆସୁଥିଲେ । ଏହାଥିଲା ସେମାନଙ୍କର

ନିତିଦିନିଆ ଅଭ୍ୟାସ । ବନଭୂମିର ସବୁଜ ଛନଛନ ତୃଣଲତାପତ୍ରାଦି ଚାରଣ କରି ଗୋରୁଗାଈ ସବୁ ହୃଷ୍ଟପୁଷ୍ଟ ଥିଲେ ଏବଂ ପ୍ରତ୍ୟେକ ଗାଈ ପ୍ରଚୁର କ୍ଷୀର ଦେଉଥିଲେ । ପରନ୍ତୁ ଜଣେ ଗୋପାଳର ଗୋଟାଏ କାଳୀଗାଈ ବେଶ ହୃଷ୍ଟପୁଷ୍ଟ ଥିଲେ ମଧ ଆଦୌ କ୍ଷୀର ଦେଉ ନଥିଲା । ଗୋପାଳ ଜଣକ ଏହାର କାରଣ ପାଇଁ ନାନାପ୍ରକାର ଚେଷ୍ଟା କରି ମଧ କିଛି କୂଳକିନାରା ପାଇ ପାରୁ ନଥିଲା । ସେ ନିଜର ପାଖ ପଡ଼ିଶାର ଅଭିଜ୍ଞ ବୟସ୍କ ଗୋପାଳମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ମଧ ସେମାନେ ପ୍ରକୃତ କାରଣ ଜଣାଇବାରେ ଅସମର୍ଥ ଥିଲେ । କିନ୍ତୁ କାଳବଳେ ଯଥା ସମୟରେ ପ୍ରକୃତ ରହସ୍ୟର ଉଦ୍‌ଘାଟନ ଆପଣାଛାଏଁ ହୋଇଗଲା । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଭାଷାରେ ..

ବିତିଲା ଶତ ସହସ୍ର ବରଷ ବରଷ । ଅପୂଜା ଲିଙ୍ଗ ରହିଲେ ନପାଇ ଗୋରସ ॥
କାଳଚକ୍ର ବଳେ ଧେନୁ ଝରାଇଲା କ୍ଷୀର । ହର ହରଷ ହୋଇଲେ ଲଭି ଦୁଗ୍ଧ ଧାର ॥
ଯଥାକାଳେ ଗୋପାଳକୁ କୃପାକଲେ ହର । ରହସ୍ୟ ଭେଦିଲା ସେହି ଅକିଞ୍ଚନ ନର ॥

ଦିନକର ଘଟଣା । ଦୈବଯୋଗକୁ ବଣ ଭିତରେ ଗାଈଗୋରୁଙ୍କୁ ତଦାରଖ କରି ଯାଉଁ ଯାଉଁ ସେହି ଗୋପାଳ ଦେଖିଲା ଯେ, ସବୁ ଗୋରୁଗାଈ ଛନଛନିଆ ଘାସପତ୍ର ଚରୁଥିବା ବେଳେ ସେହି କାଳୀ ଗାଈଟି ଧିରସ୍ଥିର ହୋଇ ଗୋଟିଏ ସ୍ଥାନରେ ତୁଣ୍ଡ ଉପରକୁ ଟେକି ଛିଡ଼ାହୋଇ ରହିଛି । କାରଣ କ'ଣ ? - ଜାଣିବା ପାଇଁ ଗୋପାଳ ଜଣକ ଛପି ଛପି ଯାଇ ଗଛବୁଦା ଆଢୁଆଳରେ ରହି ଅଳ୍ପଦୂରରୁ ଦେଖେ ତ ସେହି କାଳୀ ଗାଈର ପହ୍ନାଟୀରରୁ ଧାରଧାର ଅନବରତ କ୍ଷୀର ଝରିଚାଲିଛି । ଏହା ଦେଖି ବିଚରା ଗୋପାଳ କ'ଣ କରିବ ଆଉ କ'ଣ ନ କରିବ ତାହା ଠିକ୍ ବୁଝି ପାରୁନଥାଏ । ବୁଦା ଆଢୁଆଳରେ ଛପିରହି କେବଳ ଚିନ୍ତା ହିଁ ଚିନ୍ତା କରୁଥାଏ ସିନା ହେଲେ କର୍ତ୍ତବ୍ୟ ନିର୍ଦ୍ଧାରଣ କରିପାରୁ ନଥାଏ । ସେ କେବଳ ନୀରବ ନିଶ୍ଚଳ ହୋଇ ଅପେକ୍ଷା କରୁଥାଏ ପରବର୍ତ୍ତୀ ଘଟଣା ଦେଖିବା ନିମନ୍ତେ । କିଛି ସମୟପରେ ଗାଈଟିର ପହ୍ନାଚୀରରୁ ଆଉ କ୍ଷୀର ସ୍ରବିଲା ନାହିଁ । ଗାଈଟି ନିଜମୁଣ୍ଡ ନୁଆଁଇ ମାଟିରେ ମୁଣ୍ଡ ଲଗାଇ ରହିଲା ଓ ତା'ପରେ ସେ ସ୍ଥାନ ଛାଡ଼ି ଅନ୍ୟତ୍ରଯାଇ ଘାସପତ୍ର ଚରିବାକୁ ଲାଗିଲା । ହଠାତ୍ ଗୋପାଳ ଦେଖିଲା ନଅଗୋଟି ସାନବଡ଼ ସୁନେଲି ଓ ସୁନୀଳ ରଂଗର ନାଗ ସାପ ସେଠାରେ ଆବିର୍ଭୂତ ହେଲେ ଓ ଘାସପତ୍ରରେ ଲାଗିଥିବା କ୍ଷୀର ପିଇ ପୁଣି ଅନ୍ତର୍ଦ୍ଧାନ ହୋଇଗଲେ । ଗୋପାଳ ସେ ସ୍ଥାନକୁ ଭୟମିଶା ସନ୍ତର୍ପଣରେ ଯାଇ ନିରୀକ୍ଷଣ କରି ଦେଖିଲା ଯେ କ୍ଷୀରଧାରର ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ । ସେ ଆଶ୍ଚର୍ଯ୍ୟ ଚକିତ ହୋଇ ସେ ସ୍ଥାନ ଛାଡ଼ି ଚାଲିଗଲା । ଏ ଦୃଶ୍ୟ ସେ ମନ ମଧରେ ଗୋପନରେ ରଖିଲା । କାହାକୁ ପଦେହେଲେ କିଛି କହିଲା ନାହିଁ । ପରନ୍ତୁ ତା' ମନରେ ଅସୀମ କୌତୂହଳର ଲହରୀ ବାଡ଼େଇ ହୋଇ ତା'କୁ ଅସ୍ଥିର କରି ପକାଇଲା । ତା'ପରଦିନ ମଧ ସେହି ଏକ ପ୍ରକାର ଘଟଣା ଓ ଦୃଶ୍ୟ ସେ ଦେଖିବାକୁ ପାଇଲା । ଲଗାତର ଏକ ସପ୍ତାହକାଳ ପ୍ରତିଦିନ ଏକପ୍ରକାର ଘଟଣା ଓ ଦୃଶ୍ୟ ଦେଖି ସେ ବିସ୍ମିତ ହେଲା । ସେ ଦିନେ ଏକାକୀ ନିକଟସ୍ଥ ଜନବସତିର ବଟବୃକ୍ଷମୂଳରେ ଆଶ୍ରୟ ନେଇଥିବା ସାଧୁ ମହାତ୍ମାଙ୍କ ନିକଟକୁ ଯାଇ ତାଙ୍କୁ ସମସ୍ତ ବିବରଣ ଜଣାଇ ଦେଲା । ସାଧୁ ତାଙ୍କ ଆସନରୁ ଆନନ୍ଦ ଗଦ୍‌ଗଦ ହୋଇ ଉଠିପଡ଼ି ନିରୀହ ଗୋପାଳକୁ ଦୁଇବାହୁରେ ଆଲିଙ୍ଗନ କରି ନିଜସ୍ୱ ଢ଼ଙ୍ଗ ଓ ଭାଷାରେ କହିଲେ : ଭାଇ ! ତୁମେ ପ୍ରକୃତରେ ଜଣେ ଭାଗ୍ୟବାନ । ତୁମ୍ଭର ହେଉ କିମ୍ବା ଆଉ କାହାର ମୁଖରୁ ଏହି ସୁସମ୍ବାଦ ଶୁଣିବା ପାଇଁ ଏହି ବୃକ୍ଷମୂଳରେ ମୁଁ ଦୀର୍ଘ ବର୍ଷବର୍ଷ ଧରି ଖରା ବର୍ଷା ଶୀତ କାକରରେ ଅପେକ୍ଷା କରି ରହିଛି । ଏଥର ଆଉ ମୋ'ର ଚିନ୍ତା ନାହିଁ । ଶ୍ରୀଗୁରୁଦେବଙ୍କ କଥିତ ଉଚିତ ସମୟ ଉପସ୍ଥିତ ହୋଇଛି । ଏବେ ଚାଲତ ଭାଇ! ଆଉ ବିଳମ୍ବ ନକରି ସେ ସ୍ଥାନକୁ ଯିବା । କାନ୍ଧରେ ତା'ର ଟାଙ୍ଗିଆ ପକାଇଥିବା ସେହି ଗୋପାଳ ସହିତ ସାଧୁ ମହାତ୍ମା ବଣ ମଧରେ ପ୍ରବେଶ କରିଯାଇ ଯଥା ସ୍ଥାନରେ ପହଞ୍ଚିଗଲେ । ସେଦିନ ମଧ ସେତେବେଳକୁ କାଳୀଗାଈ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ଯଥାରୀତି ମୁଣ୍ଡ ଉପରକୁ ଟେକି ଛିଡ଼ା ହୋଇଥାଏ ଏବଂ ତା'ର ପହ୍ନାଚୀରରୁ କ୍ଷୀରଧାର

ସ୍ରବି ଯାଉଥାଏ ତୃଣ ଆଚ୍ଛାଦିତ ସବୁଜ ବନଭୂମି ପୃଷ୍ଠରେ । କ୍ଷୀର ସ୍ରବଣ ପରେ ଗାଈଟି ଭୂମିରେ ମଥା ଲଗାଇ ପ୍ରଣାମ କରିବା ପରେ ସେ ସ୍ଥାନ ଛାଡ଼ି ଚାଲିଗଲା ଓ ଘାସପତ୍ର ଚାରଣରେ ଲାଗିଲା ଉତ୍ତାରୁ ସର୍ପମାନେ ଆସି ଯତ୍‌କିଞ୍ଚିତ୍ ଦୁଗ୍ଧପାନ କରି ଅଦୃଶ୍ୟ ହୋଇଗଲେ । ତା'ର କିଛି ସମୟପରେ ସାଧୁ ଓ ଗୋପାଳ ସେ ପୀଠକୁ ଗଲେ ଓ ସାଧୁଙ୍କ ନିର୍ଦ୍ଦେଶରେ ଗୋପାଳ ସେ ସ୍ଥାନରେ ଟାଙ୍ଗିଆରେ ଚୋଟ ପରେ ଚୋଟ ପ୍ରହାର କରନ୍ତେ ସେ ସ୍ଥାନରୁ ତାଜା ରକ୍ତ ବାହାରିବାର ଦେଖାଗଲା । ସାଧୁ ନିଜର ଦୁଇହାତ ପାପୁଲି ଓ ଆଙ୍ଗୁଳିରେ କ୍ଷୀରସିକ୍ତ ମାଟି ଉଠାଇବାରୁ ଶିବଲିଙ୍ଗ ଦୃଶ୍ୟମାନ ହେଲେ । ସାଧୁ ଓ ଗୋପାଳ କଅଁଳ ତାଳପତ୍ରରେ ତାହା ଘୋଡ଼ାଇ ଦେଇ ଆଣ୍ଠୁମାଡ଼ି ମୁଣ୍ଡଲଗାଇ ଯୋଡ଼ହସ୍ତରେ ପ୍ରଣାମ ନିବେଦନ କଲେ । ତା'ପରେ ସେମାନେ ନିଜନିଜ ରାସ୍ତାରେ ବାହୁଡ଼ିଗଲେ ।

ଗୋପାଳ ଗୋଚାରଣରେ ମନ ଲଗାଇଲା । ସାଧୁ ମହାତ୍ମା ଦେବଗାକୁ ଯାଇ ବଟବୃକ୍ଷ ମୂଳରେ ବିଶ୍ରାମ କଲେ । ସାଧୁ ଶ୍ରୀମହାଦେବ ସର୍ପେଶ୍ୱରଙ୍କର ଆବିର୍ଭାବ ବାର୍ତ୍ତା ପ୍ରଚାର କଲେ ଓ ବିଧିବଦ୍ଧ ଭାବରେ ନିତ୍ୟାନି ପୂଜାର ବ୍ୟବସ୍ଥା କଲେ । ଏହିପରି ଭାବରେ ଶ୍ରୀମହାଦେବ ସର୍ପେଶ୍ୱର ବାବାଙ୍କର ପୂଜାର୍ଚ୍ଚନା କିଛିଦିନ ଚାଲିବା ପରେ ଦିନେ ରାତିରେ ସାଧୁମହାତ୍ମା ବିଶୁଦ୍ଧାନନ୍ଦଜୀଙ୍କୁ ଶ୍ରୀଗୁରୁଦେବଙ୍କର ସ୍ୱପ୍ନାଦେଶ ହେଲା ଯେ, ଶ୍ରୀମହାଦେବଙ୍କର ନାମକରଣ ଭୁଲ ହୋଇଅଛି । ତାହାଙ୍କର ନାମ ପ୍ରକୃତରେ ଧବଳେଶ୍ୱର ବାବା । ଏହି ନାମ ସଂଶୋଧନ କରି ଲୋକମୁଖରେ ପ୍ରଚାର କରାଇ ଅତିଶୀଘ୍ର ସେ ସ୍ଥାନ ଛାଡ଼ି ବିନ୍ଧ୍ୟାଞ୍ଚଳର ସ୍ୱଆଶ୍ରମକୁ ବାହୁଡ଼ି ଯିବାକୁ ଶ୍ରୀଗୁରୁଦେବ ଶିଷ୍ୟ ବିଶୁଦ୍ଧାନନ୍ଦଜୀଙ୍କୁ ସ୍ୱପ୍ନରେ ଆଜ୍ଞାଦେବାରୁ, ସେ ଶ୍ରୀଗୁରୁଦେବଙ୍କ ଆଜ୍ଞା ପାଳନ କରି ବାହୁଡ଼ିଗଲେ ।

ଯିବା ପୂର୍ବରୁ ସେ ଅଞ୍ଚଳର ଲୋକମାନଙ୍କୁ ଦିନେ ସମବେତ ହେବାକୁ ଅନୁରୋଧ କଲେ ଓ ସମବେତ ସମସ୍ତଙ୍କୁ ଯାହା ଚେତାବନୀ ଦେଇ କହିଥିଲେ ତାହା ମହାପୁରୁଷ ଅଚ୍ୟୁତାନନ୍ଦ ପ୍ରିୟଶିଷ୍ୟ ରାମଦାସଙ୍କୁ ଜଣାଇଥିଲେ-

ଅପୂଜ୍ୟ ପାଇବେ ପୂଜା ପୂଜ୍ୟ ହତାଦର । ସର୍ବସ୍ଥଳେ ବିରାଜିବ କଳି ମହାଘୋର ।।
ଅସାଧରୋଗ ଗ୍ରାସିବ ଆସି ପୁରେପୁରେ । ଲୁହର ସୁଅ ଖେଳିବ ବାତୁ ଘରେ ଘରେ ।।
ଧନମାନ ପ୍ରାଣ ନାଶ ନିଶ୍ଚୟ ହୋଇବ । ଭେଣ୍ଡାପୁଅ ଅକସ୍ମାତ ଶ୍ମଶାନେ ଶୋଇବ ।।
ପତିବ୍ରତା ନାରୀ ଜଣେ କାହିଁ ନମିଳିବ । ପତିଦ୍ରୋହୀ ପତ୍ନୀ ସଂଖ୍ୟା ଆକାଶ ଛୁଇଁବ ।।
ବିବେକହୀନ ହୋଇବେ ଯେତେ ନରନାରୀ । ଧନ ସଂପତ୍ତି ମୋହରେ ହେଉଥିବେ ଘାରି ।।
ଘରଦ୍ୱାର ବାଡ଼ି ଚିନ୍ତା ଘାରିବ ମନରେ । ପ୍ରଭୁନାମ ତିଳେ ମାତ୍ର ନଥିବ ଧ୍ୟାନରେ ।।
ପ୍ରେମପ୍ରୀତି ସ୍ନେହଶ୍ରଦ୍ଧା ନମିଳିବ ତିଳେ । ଆତ୍ମଜ୍ଞାନ ଲଭେ ପଶି ନପାରିବ ବିଳେ ।।
ପୁତ୍ର ଯେ କାନ୍ଦିବ ହୃଦଗତେ ନୀରବରେ । ପଡ଼ିଥାଇ ଜଞ୍ଜାଳରେ ଗୃହ ସରୋବରେ ।।
ଧ୍ୱଂସ କରି ଘରଦ୍ୱାର ପୁତ୍ର ଉଦ୍ଧାରିବ । ନାମ ଯେ ଖ୍ୟାତ ତାହାର ହୋଇବ କେଶବ ।।

ଏଣେ ସେଠାକାର ଦେହୁରୀଙ୍କୁ ଶ୍ରୀମହାଦେବଙ୍କର ସ୍ୱପ୍ନାଦେଶ ହେଲା । ଦେହୁରୀ ମଧ୍ୟ ସ୍ୱପ୍ନାଦେଶରେ ଜାଣିବାକୁ ପାଇଲା ଯେ ବନଭୂମିପୀଠ ତ୍ରିଜରରେ ଆବିର୍ଭୂତ ଶିବ ବାବାଙ୍କର ନାମ ହିଁ ଧବଳେଶ୍ୱର । ଦେହୁରୀ ବାବା ଧବଳେଶ୍ୱରଙ୍କର ଦୈନନ୍ଦିନ ପୂଜା ବଂଶାନୁକ୍ରମରେ ଓ ପୁରୁଷାନୁକ୍ରମରେ କରିବା ପାଇଁ ସ୍ୱପ୍ନରେ ଆଜ୍ଞାପ୍ରାପ୍ତ ହେଲେ । ସେହି ଦିନଠାରୁ ଶହ ଶହ ବର୍ଷ ହେବ ଦେହୁରୀ ମାନଙ୍କ ଦ୍ୱାରା ସେଠାରେ ଶିବବାବା ଧବଳେଶ୍ୱରଙ୍କର ପୂଜାର୍ଚ୍ଚନା ଯଥାବିଧି ହୋଇ ଆସୁଅଛି ।।

କାଳକ୍ରମେ ଦେବଗାଁ ଯେପରି ଦେଉଁ ଗାଁରେ ପରିଣତ ହେଲା ତ୍ରିଜର ମଧ୍ୟ ସେହିପରି ତରକରାରେ ପରିଣତ ହୋଇଅଛି । ଏହା ଦିନକରେ କି ବର୍ଷକରେ ନୁହେଁ ଶହଶହ ବର୍ଷଧରି ଲୋକମୁଖରେ ଅପଭ୍ରଂଶ ହୋଇ ଏପରି ହୋଇଅଛି । ଏହା ସ୍ୱାଭାବିକ ମଧ୍ୟ ।

ତେଣେ ବିନ୍ଧ୍ୟାଞ୍ଚଳରେ ଶ୍ରୀଗୁରୁଦେବଙ୍କର ଆଶ୍ରମରେ ରହି ସାଧୁ ବିଶୁଦ୍ଧାନନ୍ଦଜୀ ଧ୍ୟାନ ସମାଧିରେ ତ୍ରିକରାର ବାବା ଧବଳେଶ୍ୱରଙ୍କ ଠାରେ ଏକାଗ୍ରଲୟ ରଖି ଯଜ୍ଞାନୁଷ୍ଠାନର ଏକାନ୍ତ ଇଚ୍ଛା ଓ ଅଭିଳାଷ ଜଣାଣ କରନ୍ତେ, ବାବା ଧବଳେଶ୍ୱର ନିକଟସ୍ଥ ଦେବଗା ବା ଏଦେକାର ଦେଉଁ ଗାଁ ଠାରେ ଯଥାକାଳରେ ସମୁଚିତ ଯଜ୍ଞାନୁଷ୍ଠାନ ଚରମପୁରୁଷ ପରମକାରୁଣିକ ପରମପିତାଙ୍କ କର୍ତ୍ତୃକ କରାଇବାର ବରଦାନ କଲେ । ଏହି ତଥ୍ୟକୁ ମହାପୁରୁଷ ଅଚ୍ୟୁତାନନ୍ଦ ଶିଷ୍ୟରାମଦାସଙ୍କୁ ଜଣାଇ କହିଛନ୍ତି ---

ଶୁଣୁଥିବୁ ବାବୁରାମ ଏ ଅପୂର୍ବ କଥା । ସାଇତି ରଖିଥା ମନେ ଥଣ୍ଡା କରି ମଥା ॥
ଏ ଗ୍ରାମର କଳିକାଳ ଠାକୁର ଫେଇବ । ଲୋକମୁଖେ ନାମ ତା'କେଶବ ହୋଇଥିବ ॥
ଶୁଭଦିନ ପୁଣ୍ୟଯୋଗ ଦେଖି ଯଜ୍ଞ କରି । ହରଙ୍କୁ ତୋଷିବ ସେହି ଦେବ ନରହରି ॥
ଚରମ ରସରେ ଦେବ ପୂର୍ଣ୍ଣାହୁତି ସାରି । ଦର୍ଶକ ଆତ୍ମାକୁ କାଳ ନପାରିବ ଘାରି ॥
ପ୍ରଭୁପାଦ ଦରଶନ କରି ଆତ୍ମାତୋଷି । ପୂର୍ଣ୍ଣାହୁତି କାଳେ ଯିବେ ଶ୍ରୀପାଦରେ ରସି ॥

ନିଜ ଗୁରୁ ମହାପୁରୁଷ ଅଚ୍ୟୁତାନନ୍ଦଙ୍କଠାରୁ ଏହା ଶୁଣି ପ୍ରିୟଶିଷ୍ୟ ରାମଦାସ କେବେ ସେହି ଶୁଭ ଦିନ ଓ ପୁଣ୍ୟଯୋଗ ଉପସ୍ଥିତ ହେବ ଏବଂ ଯଜ୍ଞାନୁଷ୍ଠାନ ସମାହିତ ହେବ ତାହା ପଚାରନ୍ତେ, ଅଚ୍ୟୁତାନନ୍ଦ ଗୋସାଇଁ ଉତ୍ତରରେ କହନ୍ତି ଯେ.....

ବେଦ ଗ୍ରହ ଅଙ୍କେ ଦିବ୍ୟସିଂହ ରାଜାଙ୍କର । ଜ୍ୟେଷ୍ଠ ମାସ କାକପକ୍ଷ ଭୁବନୀ ତିଥିର ॥
ସୁରବାଦୀ ଗୁରୁବାରେ ଚନ୍ଦ୍ରେ ସ୍ଥିତ ବୃଷ । କୃତ୍ତିକା ନକ୍ଷତ୍ରଭୋଗ ହେଉଁ ହେଉଁ ଶେଷ ॥
ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭିବେ ଯେହୁ । ଜାଣିଥା ରାମ ଚରମ ପୁରୁଷଟି ସେହୁ ॥
ଚରମ ଜୀବଙ୍କୁ ଧରି ଆଚରିବେ ଲୀଳା । ଚରମ ପ୍ରାଣୀଙ୍କ ସାଥେ କରୁଥିବେ ଖେଳା ॥
ଚରମ ସମାଜେ ମିଶିଥିବେ ଯେତେ ଜୀବ । ଚରମପ୍ରାପତି ଦେଇ ସେହି ଉଦ୍ଧାରିବ ॥

ଅର୍ଥତଃ - ବେଦ (୪) ଗ୍ରହ (୯) = ୪୯ ଅଙ୍କରେ । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କର ୪୯ ଅଙ୍କରେ, ଜ୍ୟେଷ୍ଠ ମାସ କାକ (କୃଷ୍ଣ) ପକ୍ଷରେ ଭୁବନ (ଚତୁର୍ଦ୍ଦଶ) = ଭୁବନୀ (ଚତୁର୍ଦ୍ଦଶୀ) ତିଥିରେ, ସୁର (ଦେବତା) ବାଦୀ = ଅସୁର ଗୁରୁ = ଶୁକ୍ରବାରରେ, ଚନ୍ଦ୍ର ବୃଷରାଶିରେ ଥିବା ସମୟରେ ଏବଂ କୃତ୍ତିକା ନକ୍ଷତ୍ର ଭୋଗ ବା ଭୋଗାନ୍ତେ ତ୍ରିକରା ବା ତରକରାରେ ବିଶ୍ୱଶାନ୍ତି ମହାଯଜ୍ଞ ଚରମପୁରୁଷ ହିଁ ଆରମ୍ଭ କରିବେ । ସେ ଚରମ ଜୀବ ଓ ଚରମ ପ୍ରାଣିମାନଙ୍କୁ ସାଥିରେ ଧରି ଲୀଳାଖେଳା କରୁଥିବେ । ଯେଉଁ ଜୀବଗଣ ଚରମ ସମାଜରେ ମିଶିଥିବେ, ସେ ସେମାନଙ୍କୁ ଚରମପ୍ରାପ୍ତି ଦେଇ ଉଦ୍ଧାର କରିବେ ॥ ପୁଣି -

ମିଥୁନ ପ୍ରଥମ ଦିନେ ପୂର୍ଣ୍ଣାହୁତି ହେବ । ଆକାଶରୁ ମେଘମାଳା ବାରି ବରଷିବ ॥
ବାରିପାଇ ହରଷିତ ହୋଇଥିବ ରସା । ଅଳପବହୁତ ପରା ହୋଇବ ବରଷା ॥
ଶୀତଳ ହୋଇବ ଧରା ବାରି ପରଶରେ । ସର୍ବ ମଙ୍ଗଳ ହୋଇବ ଧରା ହରଷରେ ॥

ଅର୍ଥାତ୍ - ମିଥୁନ (ରଜ) ସଂକ୍ରାନ୍ତି ବା ଆଷାଢ଼ମାସର ପ୍ରଥମଦିନରେ ବିଶ୍ୱଶାନ୍ତି ମହାଯଜ୍ଞ କୁଣ୍ଡରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ । ସେଦିନ ଆକାଶରୁ ବାରିପାତ ବା ବର୍ଷା ହେବ । ରସା (ପୃଥିବୀ) ହରଷିତ ହେବ । ଇତ୍ୟାଦି... ଇତ୍ୟାଦି......

ଆଜି ପରମ କାରୁଣିକ ଚରମପୁରୁଷ ପରମପିତାଙ୍କର ଅପୂର୍ବ କରୁଣା ଓ କଲ୍ୟାଣରୁ ଯୁଗଯୁଗାନ୍ତରର ଅସମାହିତ ରହସ୍ୟର ସମାଧାନ ସମ୍ଭବ ହୋଇପାରିଛି । ବିଶ୍ୱଶାନ୍ତି ମହାଯଜ୍ଞ ତ୍ରିକରା ବା ତରକରାର ଶିବଶମ୍ଭୁ ଧବଳେଶ୍ୱର ବାବାଙ୍କ ପୀଠ ଦେବଗ ବା ଦେଉଁ ଗାଁ ସୀମାରେ ଅବସ୍ଥିତ ପୁଣ୍ୟ ପୀଠରେ ଅନୁଷ୍ଠିତ ହୋଇଅଛି ।

ଏହା ଶିବଉପାସକ ସାଧକ ଦେବଙ୍କ ଅମର ଅମ୍ଳାନ ଆତ୍ମାର ଶାନ୍ତି ସନ୍ତୋଷ ବିଧାନ ସହିତ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ସର୍ବତୋଭାବେ ଉଦ୍ଦିଷ୍ଟ । ଏହାଦ୍ୱାରା ସାଧୁ ବିଶୁଦ୍ଧାନନ୍ଦଜୀଙ୍କର ଅଭିଳାଷ ପୂର୍ଣ୍ଣ କରିବାପାଇଁ ମଧ୍ୟ ପ୍ରକାରାନ୍ତରେ ଉଦ୍ଦିଷ୍ଟ । ଏହା ଏହି ଅଞ୍ଚଳରେ ହିଂସା, ଦ୍ୱେଷ ଆଦିର ଅବସାନ କରାଇ ସତ୍ୟ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପାଇଁ ଏକ ବଳିଷ୍ଠ ଆଧ୍ୟାତ୍ମିକ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ । ଧର୍ମ ସମ୍ପ୍ରଦାୟ ଓ ସକଳ ବିଭେଦ ସତ୍ତ୍ୱେ ମାନବିକ ପ୍ରେମବନ୍ଧନର ଏକ ଯୁଗାନୁବର୍ତ୍ତୀ ଉଦାତ୍ତ ନୀରବ ଆତ୍ମିକ ଆହ୍ୱାନ - ଏହି ପବିତ୍ର ଯଜ୍ଞାନୁଷ୍ଠାନ । ଏହା ମାନବପ୍ରେମ ଓ ମାନବଧର୍ମର ବାର୍ତ୍ତାବହ ଅଟେ ॥

ବର୍ତ୍ତମାନର ଦେଓଁ ଗାଁ ଓ ତରକରାର ପୂର୍ବରେ ଅବସ୍ଥିତ ପାହାଡ଼ ଉପରିଭାଗରେ ସ୍ୱପ୍ନେଶ୍ୱର ମନ୍ଦିର ଅବସ୍ଥିତ ଏବଂ ପାହାଡ଼ର ପାଦ ଦେଶରେ ଏଇ ମାତ୍ର ପନ୍ଦର ବର୍ଷ ହେବ ନିର୍ମିତ ଶ୍ରୀଜଗନ୍ନାଥଙ୍କର ମନ୍ଦିର ଅବସ୍ଥିତ । ପଶ୍ଚିମ ପାର୍ଶ୍ୱରେ ପାନପୋଷ । ଏହିଠାରେ ଗୁପ୍ତରେ ପ୍ରବାହିତ ସରସ୍ୱତୀ ନଦୀ, ଶଙ୍ଖନଦୀ ଏବଂ କୋଏଲ୍‌ନଦୀ ମିଳିତ ହୋଇ ବ୍ରାହ୍ମଣୀ ନଦୀ ନାମ ଧାରଣ କରି ପ୍ରବାହିତ । ତିନି ଜଳବେଣୀ ଏକତ୍ର ମିଳିତ ହୋଇ ଥିବାରୁ ଏହା ମଧ୍ୟ ଏକ ତ୍ରିବେଣୀ ସଙ୍ଗମସ୍ଥଳ ଓ ତୀର୍ଥସ୍ଥାନ ଅଟେ । ଦ୍ୱାପର ଯୁଗରେ ମହର୍ଷି ବ୍ୟାସଦେବ ଏହି ତୀର୍ଥସ୍ଥଳରେ ପର୍ବତଗୁମ୍ଫାରେ ଅବସ୍ଥାନ କରୁଥିବା କାଳରେ ମହାପୁରାଣ ମହାଭାରତ ରଚନା କରିଥିଲେ । ଏହା ବ୍ୟାସଦେବଙ୍କର ପୀଠସ୍ଥଳି । ଉତ୍ତର ଦିଗରେ ହନୁମାନ ବାଟିକା ଏବଂ ପାହାଡ଼ ଉପରିଭାଗରେ ବୈଷ୍ଣବୀଦେବୀଙ୍କର ମନ୍ଦିର ଅବସ୍ଥିତ ଏବଂ ପାହାଡ଼ର ପାଦଦେଶରେ ଅନ୍ୟ ଏକ ଶ୍ରୀଜଗନ୍ନାଥ ମନ୍ଦିର ମଧ୍ୟ ଅବସ୍ଥିତ । ଦକ୍ଷିଣ ପାଖରେ ବାଣେଶ୍ୱର ମନ୍ଦିର ଓ ବ୍ରାହ୍ମଣୀ ନଦୀ ।

ଏହି ଅଞ୍ଚଳର ପୂର୍ବରେ ଓଡ଼ିଶା, ପଶ୍ଚିମରେ ମଧ୍ୟପ୍ରଦେଶ ଏବଂ ଉତ୍ତର-ପଶ୍ଚିମ ଦିଗରେ ଝାଡ଼ଖଣ୍ଡ ରାଜ୍ୟ ଅବସ୍ଥିତ । ନିକଟରେ ରାଉର୍‌କେଲା ଶିଳ୍ପ ସମୃଦ୍ଧ ନଗର ଏବଂ ଅନତିଦୂରରେ କାଂଶବାହାଲ ॥

ଓଁ ସ୍ୱସ୍ତି ପ୍ରଜାଭ୍ୟୋ ପରିପାଳୟନ୍ତାମ୍ ନ୍ୟାୟେଣ ମାର୍ଗେଣ ମହୀଂ ମହୀଶାଃ ।
ଗୋବ୍ରାହ୍ମଣେଭ୍ୟୋ ଶୁଭମସ୍ତୁ ନିତ୍ୟମ୍ ଲୋକାଃ ସମସ୍ତାଃ ସୁଖୀନୋ ଭବନ୍ତୁ ॥

**ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!! ଓଁ**
**ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!**
**ଓଁ ଶ୍ରୀକେଶବାର୍ପଣମସ୍ତୁ !!!**
**ହରି ଓଁ ତତ୍‌ସତ୍ !!!**

**ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,**
**କ୍ଷିତିଜ୍ୟୋତିଃ ଆଶ୍ରମ,**
**ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ**

# ଆଶ୍ରମ ସନ୍ଦେଶ

ତା ୨୨.୧୦.୨୦୧୦ (ଶୁକ୍ରବାର) : ଜଗତପୁର କେଶବ ଭବନ ପରିସରରେ ଚରମ ୪୩ ସଂଖ୍ୟା ଉନ୍ମୋଚନ ଓ ସତ୍‌ସଂଗ ମହୋତ୍ସବ ।

ତା ୦୫.୧୧.୨୦୧୦ (ଶୁକ୍ରବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ପୟାଶ୍ରାଦ୍ଧ ଓ ସମୂହ ଦୀପଦାନ ମହୋତ୍ସବ ।

ତା ୦୯.୧୧.୨୦୧୦ (ମଙ୍ଗଳବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଠାକୁମା ସୁକାନ୍ତି ଦେବୀଙ୍କ ଶ୍ରାଦ୍ଧ ମହୋତ୍ସବ ପାଳନ ଓ ସତସଙ୍ଗ ମହୋତ୍ସବ ।

ତା ୧୬.୧୧.୨୦୧୦ (ମଙ୍ଗଳବାର) : କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ କୃଷ୍ଣନଦାସପୁର (ଖଣ୍ଡିଆବନ୍ଧ) ଗ୍ରାମରେ ୰ ଉଲ ଯେନାଙ୍କ ତିଳତର୍ପଣ ଉତ୍ସବ ।

ତା ୧୮.୧୧.୨୦୧୦ (ଗୁରୁବାର) : ଚକେଇସିଆଣି ଶାଖାର ଗୁରୁଭ୍ରାତା ଶ୍ରୀ ଶରତଚନ୍ଦ୍ର ସେଠୀଙ୍କ ବାସଭବନ ପରିସରରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ।

ତା ୧୯.୧୧.୨୦୧୦ (ଶୁକ୍ରବାର) : ଚକେଇସିଆଣି ଶାଖାର ଗୁରୁଭ୍ରାତା ଶ୍ରୀ ଲକ୍ଷ୍ମୀଧରଭାଇଙ୍କ ନୂତନ ଗୃହ ପ୍ରତିଷ୍ଠା ଓ ସତସଙ୍ଗ ମହୋତ୍ସବ ।

ତା ୨୧.୧୧.୨୦୧୦ (ରବିବାର) : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର କ୍ଷିତିଜ୍ୟୋତିଃ ସଂଗୀତ ମହାବିଦ୍ୟାଳୟ ଓ ସାହିତ୍ୟ ସଂସଦ ବିଭାଗର ବାର୍ଷିକ ଉତ୍ସବ । ଝରିଆ ବନ୍ଦନା ମହୋତ୍ସବ । ଅସ୍ଥି/କେଶ ବିସର୍ଜନ ଓ ପିଣ୍ଡଦାନ କାର୍ଯ୍ୟକ୍ରମ ।

ତା ୨୩.୧୧.୨୦୧୦ (ମଙ୍ଗଳବାର) : କେନ୍ଦ୍ରାପଡ଼ା ଜିଲ୍ଲାର ଜଳପୋକ ଗ୍ରାମରେ ୰ ଭ୍ରମରବର ପଟ୍ଟନାୟକଙ୍କ ତିଳତର୍ପଣ ଓ ସତ୍‌ସଙ୍ଗ ମହୋତ୍ସବ ।

ତା ୨୪.୧୧.୨୦୧୦ (ବୁଧବାର) : କଟକ ଜିଲ୍ଲାର ଗୋକୁଳପୁର ଗ୍ରାମରେ ୰ କୃଷ୍ଣଚନ୍ଦ୍ର ଯେନାଙ୍କ ତିଳତର୍ପଣ ଅନୁଷ୍ଠାନ ଓ ସତ୍‌ସଙ୍ଗ ମହୋତ୍ସବ ।

ତା ୧୦.୧୨.୨୦୧୦ (ଶୁକ୍ରବାର) : କାଳିଅଣ୍ଡିଗ୍ରାମର ଶ୍ରୀ ବିଷ୍ଣୁଚରଣ ଜେନାଙ୍କ ପାରିବାରିକ ସତ୍‌ସଙ୍ଗ । ଚାୟାଁପାଳ ଗ୍ରାମର ଶ୍ରୀ ଧନୁଭାଇଙ୍କ ବାସଭବନ ପରିସରରେ ଗୀତାଯଜ୍ଞର ପୂର୍ଣ୍ଣାହୁତି ।

ତା ୩୦.୧୨.୨୦୧୦ (ଗୁରୁବାର) : ଇନ୍ଦୁପୁର ନିକଟ ବଡ଼ ଘାଗରା ଗ୍ରାମରେ ଶ୍ରୀ ନରହରି ଭାଇଙ୍କ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ ।

ତା୧୪.୦୧.୨୦୧୧ (ଶୁକ୍ରବାର) : ସ୍ୱର୍ଣ୍ଣକ୍ଷେତ୍ରରେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସନାତନ ଆଧ୍ୟାତ୍ମିକ ବିଦ୍ୟାନିକେତନର ବାର୍ଷିକ ଗୁରୁପୂଜା ମହୋତ୍ସବ ପାଳନ ।

ତା ୧୬.୦୧.୨୦୧୧ (ରବିବାର) : ପୌଷ ଶୁକ୍ଳ ଏକାଦଶୀ ଠାକୁବା' ଯଦୁନାଥଙ୍କ ବାର୍ଷିକ ଜନ୍ମ ମହୋତ୍ସବ ପାଳନ ଓ ସତ୍‌ସଂଗ ମହୋତ୍ସବ ।

ତା ୨୫.୦୧.୨୦୧୧ (ମଙ୍ଗଳବାର) ଠାରୁ ତା ୨୯.୦୧.୨୦୧୧ (ଶନିବାର) ପର୍ଯ୍ୟନ୍ତ : କେନ୍ଦୁଝର ଜିଲ୍ଲା ଝୁମ୍ପୁରାର ଦୋଳପଡ଼ିଆଠାରେ କ୍ଷିତିଜ୍ୟୋତିଃ ଶାନ୍ତିଯଜ୍ଞ ଓ ସତ୍‌ସଙ୍ଗ ମହୋତ୍ସବ ।

| | | |
|---|---|---|
| ତା ୧୦.୦୨.୨୦୧୧ (ଗୁରୁବାର) | : | ଭୁବନେଶ୍ୱର ପାଣ୍ଡବନଗରର ଗୁରୁଭ୍ରାତା ଶ୍ରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ବାସଭବନ ପରିସରରେ ପାରିବାରିକ ସତ୍‌ସଙ୍ଗ ମହୋତ୍ସବ । |
| ତା ୧୨.୦୨.୨୦୧୧ (ଶନିବାର) | : | ଇନ୍ଦୁପୁର ବାଲିଆପଦା ଗ୍ରାମରେ ଗୁରୁଭ୍ରାତା ୰ ନିରଞ୍ଜନ ଦାଶଙ୍କ ତିଳତର୍ପଣ ଓ ସତ୍‌ସଙ୍ଗ ମହୋତ୍ସବ । |
| ତା ୧୪.୦୨.୨୦୧୧ (ସୋମବାରୁ ଠାରୁ<br>ତା ୧୮.୦୨.୨୦୧୧ ଶୁକ୍ରବାର ପର୍ଯ୍ୟନ୍ତ) | | ଝାରସୁଗୁଡ଼ା ଜିଲ୍ଲାର ବାମରା ନିକଟ କେଷ୍ଟୁପାଣି ଠାରେ କ୍ଷିତିଜ୍ୟୋତିଃ 'ଶାନ୍ତିଯଜ୍ଞ ଓ ସତ୍‌ସଙ୍ଗ ମହୋତ୍ସବ । |
| ତା ୧୯.୦୨.୨୦୧୧ (ଶନିବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର ବାଙ୍କେଶ୍ୱର ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୨୦.୦୨.୨୦୧୧ (ରବିବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର ନଗଦ଼ଗ୍ରାମରେ ଗ୍ରାମବାସୀଙ୍କ ସହଯୋଗରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୨୧.୦୨.୨୦୧୧ (ମଙ୍ଗଳବାର) | : | ଜଗତସିଂହପୁର ଜିଲ୍ଲାର ବଡ଼ବାଖରାବାଦ ଗ୍ରାମରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୨୨.୦୨.୨୦୧୧ (ବୁଧବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର ଡ଼େରାବିଶ ଡୁମୁକା ହାଟ ଗ୍ରାମରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୨୬.୦୨.୨୦୧୧ (ଶନିବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର କୁଳସାହି ଗ୍ରାମରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୦୧.୦୩.୨୦୧୧ (ମଙ୍ଗଳବାର ଠାରୁ<br>ତା ୦୩.୦୩.୨୦୧୧ ଗୁରୁବାର ପର୍ଯ୍ୟନ୍ତ) | : | ଗଜପତି ଜିଲ୍ଲାର ମୁନୁସିଂ କେନ୍ଦ୍ର ସଂଗଠନ ଆନୁକୂଲ୍ୟରେ ଶିଣ୍ଡିକା ଛକରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୦୬.୦୩.୨୦୧୧ (ରବିବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର ତାଳଦୋଳ ନିକଟ ପଲେଇ ପଞ୍ଚାୟତ ପଡ଼ିଆ ପରିସରରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୧୧.୦୩.୨୦୧୧ (ଶୁକ୍ରବାର) | : | କଟକ ଜିଲ୍ଲାର କୋଉକଣା ଗ୍ରାମ ପରିସରରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୧୩.୦୩.୨୦୧୧ (ରବିବାର) | : | କେନ୍ଦ୍ରାପଡ଼ା ଜିଲ୍ଲାର ବେଲତଳ ଶାଖା (ପଚ୍ଚାମୁଣ୍ଡାଇ) ପରିସରରେ ସତସଙ୍ଗ ମହୋତ୍ସବ । |
| ତା ୧୮.୦୩.୨୦୧୧ (ଶୁକ୍ରବାର) | : | ଦକ୍ଷିଣ ଉଷୁମା ଗ୍ରାମରେ ଗୁରୁଭ୍ରାତା ଶ୍ରୀ ବିଶ୍ୱନାଥ ଭାଇଙ୍କ ସହଯୋଗରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |
| ତା ୨୧.୦୩.୨୦୧୧ (ସୋମବାର) | : | କ୍ଷିତିଜ୍ୟୋତିଃ ଆଶ୍ରମ - ତକେଇସିଆଣି ଶାଖାରେ ବାର୍ଷିକ କେତନ ସତ୍‌ସଙ୍ଗ ମହୋତ୍ସବ । |
| ତା ୨୨.୦୩.୨୦୧୧ (ମଙ୍ଗଳବାର) | : | କେନ୍ଦ୍ରାପଡ଼ାର ବଣିଆମାଳ ଗ୍ରାମରେ ଗୁରୁଭ୍ରାତା ୰ ପ୍ରହଲ୍ଲାଦ ଭାଇଙ୍କ ତିଳତର୍ପଣ ଓ ସତ୍‌ସଙ୍ଗ ମହୋତ୍ସବ । |
| ତା ୨୩.୦୩.୨୦୧୧ (ବୁଧବାର) | : | କ୍ଷିତିଜ୍ୟୋତିଃ ଆଶ୍ରମ-ବଟିରା ଶାଖା ଅନ୍ତର୍ଗତ ପଦ୍ମପୁର ଗ୍ରାମରେ ସତ୍‌ସଙ୍ଗ ମହୋତ୍ସବ । |
| ତା ୩୦.୦୩.୨୦୧୧ (ବୁଧବାର) | : | ଅନୁଗୋଳ ଜିଲ୍ଲାର ବଡ଼ କେରଜାଙ୍ଗ ଗ୍ରାମରେ ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘର ସତ୍‌ସଙ୍ଗ ମହୋତ୍ସବ । |

# ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍

**କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ-୭୫୪୨୦୬**

## ସପ୍ତଦଶ ନିର୍ବାହୀ ସଭାର କର୍ମକର୍ତ୍ତା/ସଭ୍ୟ-ସଭ୍ୟା ବୃନ୍ଦ

| କ୍ର.ନଂ. | ନାମ | ପଦବୀ | ବିଭାଗ |
|---|---|---|---|
| ୧. | ସର୍ବଶ୍ରୀ ଅଭିରାମ ମହାପାତ୍ର | ସଭାପତି | |
| ୨. | ,, ସୁରେଶ କୁମାର ଜେନା | ଉପ ସଭାପତି | |
| ୩. | ,, କେଶବ ଚନ୍ଦ୍ର ସାମଲ | ସାଧାରଣ ସଂପାଦକ | |
| ୪. | ,, ଅରକ୍ଷିତ ସାମଲ | ଯୁଗ୍ମ ସଂପାଦକ | |
| ୫. | ,, ଗଜେନ୍ଦ୍ର ନାଥ ଜେନା | ମୁଖ୍ୟ କୋଷାଧ୍ୟକ୍ଷ | |
| ୬. | ,, ଦାମୋଦର ପ୍ରଧାନ | ସମ୍ପାଦକ | ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ |
| ୭. | ,, ନନ୍ଦକିଶୋର ଜେନା | ସମ୍ପାଦକ | କ୍ଷେତ୍ର ପରିଚାଳନା ସମିତି |
| ୮. | ,, ମଧୁସୂଦନ ସାହୁ | ସମ୍ପାଦକ | ସେବାଶ୍ରମ ସଂଗଠନ |
| ୯: | ,, ଅଶୋକ କୁମାର ଜେନା | ସମ୍ପାଦକ | ବାପୁଜୀ ଶିଶୁ ମନ୍ଦିର |
| ୧୦. | ,, ସୁରେନ୍ଦ୍ର କୁମାର ରଣା | ସମ୍ପାଦକ | ସାହିତ୍ୟ ସଂସଦ |
| ୧୧. | ,, ନିରଞ୍ଜନ ପରିଡ଼ା | ସମ୍ପାଦକ | କ୍ଷିତିଜ୍ୟୋତି ସଙ୍ଗୀତ ମହାବିଦ୍ୟାଳୟ |
| ୧୨. | ସୁଶ୍ରୀ ରଞ୍ଜନା ମଲ୍ଲିକ | ସମ୍ପାଦିକା | ମାତୃବନ୍ଦନା ସଂଗଠନ |
| ୧୩. | ସର୍ବଶ୍ରୀ ବିଚିତ୍ରାନନ୍ଦ ସେନାପତି | ସମ୍ପାଦକ | ସନାତନ ଆଧ୍ୟାତ୍ମିକ ବିଦ୍ୟାନିକେତନ |
| ୧୪. | ,, କୈଳାସ ଚନ୍ଦ୍ର ମହାନ୍ତି | ସଭ୍ୟ/ସାଂଗଠନିକ ମୁଖ୍ୟ | ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ |
| ୧୫. | ,, ଗଙ୍ଗାଧର ଜେନା | ସଭ୍ୟ | |
| ୧୬. | ,, ରତ୍ନାକର ଜେନା | ସଭ୍ୟ | |
| ୧୭. | ଶ୍ରୀମତୀ ସୁରେଖା ମଲ୍ଲିକ | ସଭ୍ୟା | |

## DECLARATION FORM-I

(Rule-8)

**THE CHARAM PUBLICATION**

| | | | |
|---|---|---|---|
| 1. | Place of Publication | : | Kshitijyoti Ashram Swarnakshetra, Mahanga, Cuttack - 754206 |
| 2. | Periodicity of Publication | : | Bi-Monthly |
| 3. | Place of Printing | : | Rasad Ad Agency, Cuttack-12 |
| 4. | Publisher' Name | : | General Secretary, Vishwa Bhratrutwa Dibyatma Parishad |
| | Address | : | Swarnakshetra, Mahanga - 754206 |
| | Nationality | : | Indian |
| 5. | Editor's Name | : | Keshab Das Brundaban |
| | Nationality | : | Indian |
| | Address | : | Kshitijyoti Ashram, Swarnakshetra, Mahanga - 754206 |
| 6. | Name & Address of Individual who owns the magazine | : | General Secretary, Vishwa Bhratrutwa Dibyatma Parishad Swarnakshetra, Mahanga - 754206 |
| 7. | Partner or Share Holders Holding more than one percent of the total capital | : | NIL |

Printed by Rasad Ad Agency, Cuttack and published by Keshab Chandra Samal on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarnakshetra, Mahanga, Cuttack and printed at Rasad Ad Agency, Cuttack and published at Kshitijyoti Ashram Swarnakshetra, Mahanga, Cuttack. Editor - Keshab Das Brundaban.

1. Keshab Chandra Samal, General Secretary, on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarnakshetra, Mahanga, Cuttack, Odisha here by declare that, I am the publisher of the periodical magazine entitled "THE CHARAM" printed at Cuttack City and published at the office of the 'THE CHARAM PUBLICATION" Kshitijyoti Ashram, Swarnakshetra, Mahanga, Cuttack-754206 and the particular in respect of the said magazine given above are true to the best of my knowledge and belief.

**Place : Mahanga**
Date : 3.07.2011

Sd-
**KESHAB CHANDRA SAMAL**
Signature of the Publisher

ଆମର ଲକ୍ଷ୍ୟ : ଚରମପ୍ରାପ୍ତି